

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

**The Dhwani Pratidhwani**

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୦୪ ନଭେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 04 November 2024
Vol.No. 35 ■ No.292 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ରାଜଧାନୀରେ ମୃଦୁ ଭୂମିକମ୍ପ ନେଇ ଚର୍ଚ୍ଚା

ଭୁବନେଶ୍ୱର, ୦୩/୧୧ (ନି.ପ୍ର): ରାଜଧାନରେ ଆଜି ସକାଳ ପ୍ରାୟ ୭ଟା ୧୦ ମିନିଟ୍ ସମୟରେ ମୃଦୁ ଭୂମିକମ୍ପ ହୋଇଥିବା ନେଇ ଚର୍ଚ୍ଚା ହେଉଛି। କେତେକ ସ୍ଥାନରେ ବଡ଼ ଶବ୍ଦ ହୋଇଥିବା ବେଳେ ଆଉ କେହି କେହି ଝଟକା ଅନୁଭବ କରିଥିବା କହୁଛନ୍ତି। ତେବେ ସେସମୋଲୋଜି ବିଭାଗ ପାଖରେ ଏନେଇ କୌଣସି ସୂଚନା ନାହିଁ। ତେଣେଏଥିରେ କୌଣସି କ୍ଷୟକ୍ଷତିର ବି ସୂଚନା ନାହିଁ।

## ଅଟୋ ଓଲଟି ମହିଳା ଶ୍ରମିକ ମୃତ

ସମ୍ବଲପୁର: ସମ୍ବଲପୁରରେ ସଡ଼କ ଦୁର୍ଘଟଣା। ୯ ଜଣ ମହିଳା ଶ୍ରମିକଙ୍କୁ ନେଇ ଯାଉଥିବା ଗୋଟିଏ ଅଟୋ ସର୍ଗିପାଲି ନିକଟରେ ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଏହି ଘଟଣାରେ ଜଣେ ମହିଳା ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟମାନେ ଆହତ ହୋଇଛନ୍ତି। ସମସ୍ତଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁସାରେ, ଅଟୋଟି ମହିଳା ଶ୍ରମିକମାନଙ୍କୁ ନେଇ ଗୁଣ୍ଡେରପୁର ଫାଣ୍ଡି ଅଧୀନରେ ଥିବା ସର୍ଗିପାଲି ଅତିକ୍ରମ କରୁଥିଲା। ଏହି ସମୟରେ ରାସ୍ତା କଡ଼ରେ କିଛି ପାଉଁଶ ଗଦା ହୋଇଥିଲା। ଅଟୋର ବେଗ ଅଧିକ ଥିବାରୁ ଏହାର ଚକ ପାଉଁଶରେ ସ୍ଲିପ କରାଯାଇଥିଲା। ଫଳରେ ଡ୍ରାଇଭର ଗାଡ଼ି ଉପରକୁ ନିୟନ୍ତ୍ର ହରାଇଥିଲେ। ଅଟୋଟି ମଧ ସିଧା ରାସ୍ତାରେ ଓଲଟି ପଡ଼ିଥିଲା। ସେଥିରେ ବସିଥିବା ମହିଳାମାନେ ଏଣେ ତେଣେ ଛିଟିକି ପଡ଼ିଥିଲେ। ଜଣେ ମହିଳା ରାସ୍ତା ଉପରେ ପଡ଼ି ଯିବାରୁ ତାଙ୍କ ମୁଣ୍ଡ ପିଟି ହୋଇଯାଇଥିଲା। ଏଥିଯୋଗୁ ତାଙ୍କର ମୃତ୍ୟୁ ଘଟିଛି। ମୃତ ମହିଳା ଜଣଙ୍କ ହେଲେ ଛତାବର ଗାଁର ବାସିନୀ ବିଶ୍ୱାଳ। ଅନ୍ୟ ଆହତମାନଙ୍କୁ ସ୍ଥାନୀୟ ଲୋକମାନେ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ସମସ୍ତଙ୍କ ଅବସ୍ଥା ସ୍ଥିର ଥିବା ଜଣା ପଡ଼ିଛି। ଆହତ ମହିଳାମାନେ ମଧ ଛତାବର ଗାଁର। ସମସ୍ତେ କାମ ସାରି ଘରକୁ ଫେରୁଥିବା ବେଳେ ଏପରି ଘଟଣା ଘଟିଛି।

# ସରିଲା ପ୍ରଚାର : ଦିନକ ପରେ ଆମେରିକାରେ ରାଷ୍ଟ୍ରପତି ନିର୍ବାଚନ



ନୂଆଦିଲ୍ଲୀ, ୦୩/୧୧ : ଦିନକ ପରେ ଆମେରିକା ରାଷ୍ଟ୍ରପତି ନିର୍ବାଚନ ପାଇଁ ପଡ଼ିବ ଭୋଟ୍। ପ୍ରଚାରର ଶେଷ ଦିନରେ ଭୋଟରଙ୍କ ନିକଟତର ହେଲେ ଡେମୋକ୍ରାଟିକ୍ ପାର୍ଟିର ରାଷ୍ଟ୍ରପତି ପ୍ରାର୍ଥୀ କମଳା ହାରିସ ଓ ପ୍ରତିଦ୍ୱନ୍ଦ୍ୱୀ ରିପବ୍ଲିକାନ ପାର୍ଟିର ପ୍ରାର୍ଥୀ ତଥା ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। କମଳା ହ୍ୟାରିସ୍ ଶନିବାର ଦିନ ଓ୍ୱିସ୍କୋସିନ୍‌ରେ ଦଳୀୟ କର୍ମୀଙ୍କୁ ସମ୍ବୋଧନ କରି ବିଜୟୀ ନେଇ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେହିପରି ଭର୍ଜିନିଆରେ ଶେଷ ଦିନରେ ପ୍ରଚାର କରିଛନ୍ତି ଡୋନାଲ୍ଡ ଟ୍ରମ୍ପ। ଏହି ସମୟରେ ସେ ଜୋ ବାଇଡେନ ଓ କମଳା ହାରିସଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। କମଳା ହାରିସଙ୍କୁ ଟ୍ରମ୍ପ ବାମପନ୍ଥୀଙ୍କ ସପକ୍ଷବାଦୀ କହିବା ସହ ଦେଶରେ ଶାନ୍ତି ଏବଂ ସମୃଦ୍ଧିର ଏକ ନୂତନ ଯୁଗ ଆଣିବାକୁ ଯୁବପିଢ଼ୀଙ୍କୁ ଆହ୍ୱାନ ଦେଇଛନ୍ତି। ଏସବୁ ମଧ୍ୟରେ ଆସନ୍ତା ୫ ତାରିଖରେ ମତଦାନ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ଜାଣନ୍ତୁ କଣ ରହିଛି ସଂଖ୍ୟା ଗଣିତ।

## ବିଦେଶ ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ: ଉତ୍କର୍ଷ ଓଡ଼ିଶା-ମେକଇନ୍ ଓଡ଼ିଶା ପାଇଁ ରୋଡ୍ ସୋ



ଭୁବନେଶ୍ୱର, ୦୩/୧୧ (ନି.ପ୍ର): ବିଦେଶ ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ। ୩ ଦିନିଆ ବିଦେଶ ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ୧୮ରୁ ୨୦ ତାରିଖ ସିଙ୍ଗାପୁର ଗସ୍ତରେ ଯିବେ। ଉତ୍କର୍ଷ ଓଡ଼ିଶା, ମେକଇନ୍ ଓଡ଼ିଶା କନକ୍ଲେଭ ୨୦୨୫ ପାଇଁ ହେବ ରୋଡ୍ ସୋରେ ସାମିଲ ହେବେ ମୁଖ୍ୟମନ୍ତ୍ରୀ। ରୋଡ୍ ସୋରେ ଯୋଗଦେବା ସହ ନିବେଶକଙ୍କ ସହ ଆଲୋଚନା କରିବା ନେଇ ସୂଚନା ମିଳିଛି। ମୁଖ୍ୟମନ୍ତ୍ରୀଙ୍କ ସହ ଶିଳ୍ପ ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀ ଗସ୍ତରେ ଯିବେ। ସେପଟେ ଆସନ୍ତାକାଲିଠୁ ମୁଖ୍ୟମନ୍ତ୍ରୀ ଦୁଇ ଦିନିଆ ଦିଲ୍ଲୀ ଗସ୍ତରେ ଯାଉଛନ୍ତି। ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେବେ। ଦିଲ୍ଲୀ ଗସ୍ତ ସମୟରେ ଏକାଧିକ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି। ଏତିକି ବେଳେ ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଉଠାଇପାରନ୍ତି ମୁଖ୍ୟମନ୍ତ୍ରୀ। ସେପଟେ ବଲାଙ୍ଗୀର ଗସ୍ତରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଯାଇଛନ୍ତି। ଗତକାଲି ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କାର୍ଯ୍ୟକ୍ରମ ପରେ ଆଜି ସର୍କିଟ ହାଉସଠାରେ ସାମ୍ବାଦିକ ସମ୍ମିଳନୀ କରିଥିଲେ। ଏଥିରେ ବଲାଙ୍ଗୀରକୁ ଅବହେଳା କରାଯାଇଥିବା କହି ପୂର୍ବ ସରକାର ଉପରେ ବର୍ଷିବା ସହ ବଲାଙ୍ଗିର ବିକଶିତ ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ମହାନଦୀ ଜଳ ବିବାଦକୁ ନେଇ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ମହାନଦୀ ଜଳ ବିବାଦ ନେଇ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ସହ ୨ ଥର ଆଲୋଚନା କରାଯାଇଛି। ନୂଆ ସରକାର ହେବା ପରେ ଏହି ପ୍ରସଙ୍ଗକୁ ଅତି ଗୁରୁତ୍ୱ ଦିଆଯାଇଛି। ବିବାଦ ସମାଧାନ ପାଇଁ ଆଲୋଚନା ଚାଲିଛି। ଖୁବଶୀଘ୍ର ଏନେଇ ସବିଶେଷ ସୂଚନା ଦିଆଯିବ। ପୂର୍ବ ସରକାର ଅମଳରେ ବଲାଙ୍ଗୀରକୁ ଅବହେଳା କରାଯାଇଥିବା କହିଛନ୍ତି ମୁଖ୍ୟମନ୍ତ୍ରୀ। ଜିଲ୍ଲାକୁ ଯେତେ ଗୁରୁତ୍ୱ ଦିଆଯିବା କଥା ଦିଆଯାଇନି। ▶▶ପୃଷ୍ଠା ୭

## ଦେଶର ପ୍ରଭାବଶାଳୀ ଅଧିକାରୀ ତାଲିକାରେ ୨ ଓଡ଼ିଆ



ଭୁବନେଶ୍ୱର, ୦୩/୧୧ (ନି.ପ୍ର): ଦେଶର ପ୍ରଭାବଶାଳୀ ଅଧିକାରୀଙ୍କ ତାଲିକାରେ ଦୁଇ ଓଡ଼ିଆ। 'ଇଣ୍ଡିଆ ଟୁଡେ'ର ସ୍ୱତନ୍ତ୍ର ସଂସ୍କରଣରେ ସ୍ଥାନ ପାଇଛନ୍ତି ଦୁଇ ଓଡ଼ିଆ ପୁଅ। ହାଇ ଆଣ୍ଡ ମାଇଟି- ଦି ଅଲଟିମେଟ୍ ପାୱାର ଲିଷ୍ଟ ୨୦୨୪ରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପ୍ରମୋଦ କୁମାର ମିଶ୍ର ରହିଛନ୍ତି। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ବି ଏହି ପାୱାରଫୁଲ୍ ଲିଷ୍ଟରେ ରହିଛନ୍ତି। ତାଲିକାର ପ୍ରଥମ ସ୍ଥାନରେ ପିକେ ମିଶ୍ର ରହିଥିବା ବେଳେ ତୃତୀୟ ରହିଛନ୍ତି ଶକ୍ତିକାନ୍ତ ଦାସ। 'ଇଣ୍ଡିଆ ଟୁଡେ'ର ଏହି ସଂସ୍କରଣର ପ୍ରଭାବଶାଳୀ ରାଜନେତାଙ୍କ ତାଲିକାରେ ପ୍ରଥମ ସ୍ଥାନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଥିବା ବେଳେ ବ୍ୟବସାୟୀ ତାଲିକାରେ ମୁକେଶ ଅମ୍ବାନୀ ପ୍ରଥମ ଓ ଆଇକନ ତାଲିକାରେ ଅମିତାଭ ବଚ୍ଚନ ପ୍ରଥମ ସ୍ଥାନରେ ରହିଛନ୍ତି।

## ବିପଦରେ ମେଘନାଦ ପାଚେରୀ: ଗଳୁଛି ପାଣି, ମରାମତିର ପ୍ରତିଶ୍ରୁତି ଦେଲେ ପ୍ରଶାସକ



ପୁରୀ, ୦୩/୧୧ (ନି.ପ୍ର): ପୁରୀ ଶ୍ରୀମନ୍ଦିରର ମେଘନାଦ ପାଚେରି ଅସୁରକ୍ଷିତ ହୋଇପଡ଼ିଛି। ଐତିହ୍ୟ ସଂପନ୍ନ ପାଚେରିର ଏକାଧିକ ସ୍ଥାନରୁ ଅନବରତ ଗଳୁଛି ପାଣି। ଏହାକୁ ଦେଖି ବୁଦ୍ଧିଜୀବୀଙ୍କଠୁ ସେବାୟତଙ୍କ ଯାଏ ପ୍ରଶାସନ ଓ ଇଝଓର ପାରିବା ପଣିଆ ଉପରେ ପ୍ରଶ୍ନ ଉଠାଇଛନ୍ତି। ଏଥିସହ ପରିକ୍ରମା ପ୍ରକଳ୍ପ ନିର୍ମାଣ ସମୟରେ ବେପରୁଆ କାମ ଯୋଗୁ ଏଭଳି ସ୍ଥିତି ଉପୁଜିଥିବା ଅଭିଯୋଗ ଆଣିଛନ୍ତି। ଶ୍ରୀମନ୍ଦିର ସୁରକ୍ଷା କବଚ ହେଉଛି ମେଘନାଦ ପାଚେରି। ହେଲେ ଏହି ପାଚେରିର ଏକାଧିକ ସ୍ଥାନରେ ଫାଟ ଓ କଣା ରହିଛି। ସେଥି ମଧ୍ୟରୁ ଅନବରତ ଝରୁଛି ପାଣି। ପାଚେରିରେ ଶିଉଳି ମଧ ମାଡ଼ି ଗଲାଣି। ସିଂହଦ୍ୱାର ସମ୍ମୁଖସ୍ଥ ଲଙ୍ଗୁଳି ମଠ ଧୂନିକୁଣ୍ଡ ଠାରୁ ରାମଦୟା ପରିଷଦ ପର୍ଯ୍ୟନ୍ତ ପ୍ରାୟ ୬୦ ଫୁଟ୍ ଲମ୍ବରେ ମେଘନାଦ ପାଚେରିର ଏକାଧିକ ସ୍ଥାନରେ ଫାଟ ଜଳ ଜଳ ହୋଇ ଦିଶୁଛି। ଅନେକ ସ୍ଥାନରେ କଣା ହୋଇ ଝରଣା ଭଳି ଅନର୍ଗଳ ଗଳୁଛି ପାଣି। ବର୍ଷା ହେଲେ ସ୍ଥିତି ଅଧିକ ସଂଗୀନ ହୋଇପଡୁଛି। ସବୁଠୁ ବେଶୀ ପାଣି ଗଳି ଗଳୁଛି ଆନନ୍ଦ ବଜାର କଡ଼ ପାଚେରିରେ। ହେଲେ ଶ୍ରୀମନ୍ଦିର ପ୍ରଶାସନ ହେଉ କି ପୁରୀ ଜିଲ୍ଲା ପ୍ରଶାସନ ସମସ୍ତେ ଏହାକୁ ଦେଖି ନଦେଖିଲା ପରି ହେଉଛନ୍ତି। ସେପଟେ ଐତିହ୍ୟର ସୁରକ୍ଷା ଦାୟିତ୍ୱରେ ▶▶ପୃଷ୍ଠା ୭

## ୧୦ରୁ ଗଡ଼ିବନି ଲଘୁ ଖଣିଜ ପରିବହନ କରୁଥିବା ଟ୍ରକ୍

ଭୁବନେଶ୍ୱର, ୦୩/୧୧ (ନି.ପ୍ର): ରାଜ୍ୟ ସରକାରଙ୍କୁ ଲଘୁ ଖଣିଜ ପରିବହନ କରୁଥିବା ମିଳିତ ଟ୍ରକ ମାଲିକ ସଂଘର କଡ଼ା ଚେତାବନୀ। ୯ ତାରିଖ ସୁଦ୍ଧା ବାଲି ପରିବହନ ସମସ୍ୟା ସମେତ ଲଘୁ ଖଣିଜ ପରିବହନ ନେଇ ଥିବା ୧୧ ଦଫା ଦାବି ପୂରଣ କର। ନଚେତ୍ ୧୦ ତାରିଖରୁ ବନ୍ଦ ରହିବ ସବୁ ପ୍ରକାର ଲଘୁ ଖଣିଜ ପରିବହନ। ଖୋର୍ଦ୍ଧା ଟ୍ରକ ମାଲିକ ସଂଘ ଆହ୍ୱାନକ୍ରମେ ପାଖାପାଖି ୧୦ ଜିଲ୍ଲାର ୧୫ ଟ୍ରକ ମାଲିକ ସଂଘର ମିଳିତ ବୈଠକରେ ଏଭଳି ନିଷ୍ପତ୍ତି ହୋଇଛି। ନଦୀ ବାଲି ପରିବହନ କ୍ଷେତ୍ରରେ ସୁବ୍ୟବସ୍ଥା ନ ଥିବାରୁ ଅନେକ ସମୟରେ ଟ୍ରକ ମାଲିକମାନେ ପରିବହନ ବିଭାଗ ଓ ଲଘୁ ଖଣିଜ ବିଭାଗ ଅଧିକାରୀ ଦ୍ୱାରା ଅଯଥା ଜରିମାନା ତଥା ଶୋଷଣର ଶିକାର ହେଉଛନ୍ତି ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏନେଇ ସରକାରଙ୍କୁ ବାରମ୍ବାର ଅବଗତ କରାଇବା ସତ୍ତ୍ୱେ କୌଣସି ସୁଫଳ ମିଳିନି। ଯଦି ଆଗାମୀ ୯ ତାରିଖ ସୁଦ୍ଧା ସରକାର ସେମାନଙ୍କ ଦାବି ପୂରଣ ନ କରନ୍ତି ୧୦ ତାରିଖରୁ ସାରା ରାଜ୍ୟରେ ଲଘୁ ଖଣିଜ ପରିବହନ କରୁଥିବା ୫ ହଜାରରୁ ଅଧିକ ଟ୍ରକ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚକା ବନ୍ଦ ଆନ୍ଦୋଳନ କରିବେ।

## 'ୱାନ ନେସନ, ୱାନ ଇଲେକ୍ସନ'କୁ ଥାଲାପତି ବିଜୟଙ୍କ ବିରୋଧ



ନୂଆଦିଲ୍ଲୀ, ୦୩/୧୧ : ରାଜନୀତିରେ ଏଣ୍ଟ୍ରି ମାରୁ ମାରୁ ମୋଦି ସରକାରଙ୍କ ଯୋଜନାକୁ ବିରୋଧ କଲେ ତାମିଲ ଅଭିନେତା ଥାଲାପତି ବିଜୟ। ନୂଆକରି ବିଜୟ ଗଢ଼ିଥିବା ଦଳ 'ତାମିଲଗା ଭେଟ୍ରି କାଝଗମ' ରବିବାର ମୋଦି ସରକାରଙ୍କ 'ୱାନ ନେସନ୍-ୱାନ ଇଲେକ୍ସନ' ଯୋଜନାକୁ ବିରୋଧ କରି ଏକ ସଂକଳ୍ପ ପାରିତ କରିଛି। କିଛିଦିନ ହେବ ସମଗ୍ର ଦେଶରେ ଗୋଟିଏ ସମୟରେ ନିର୍ବାଚନ କରାଇବାକୁ କେନ୍ଦ୍ର ସରକାରଙ୍କ ଯୋଜନାକୁ ନେଇ ବିରୋଧୀ ଓ ବିଜେପି ମୁହାଁମୁହିଁ ସ୍ଥିତିରେ। ଏଭଳି ପରିସ୍ଥିତିରେ ଏହାକୁ ବିରୋଧ କରି ଏକ ସଂକଳ୍ପ ପାରିତ କରିଛନ୍ତି ବିଜୟ। ଏତିକି ନୁହେଁ, ତାମିଲନାଡୁରୁ ▶▶ପୃଷ୍ଠା ୭

## ପୁଣି 'ମହାନଦୀ ଜଳ ବିବାଦ': ମୁଖ୍ୟମନ୍ତ୍ରୀଙ୍କ ବଡ଼ ବୟାନ



ଭୁବନେଶ୍ୱର, ୦୩/୧୧ (ନି.ପ୍ର): ମହାନଦୀ ଜଳ ବିବାଦକୁ ନେଇ ପୁଣି ଥରେ ତେଜିଛି ରାଜନୀତି। ବିଜେଡି ଓ କଂଗ୍ରେସ କେନ୍ଦ୍ର ସରକାର ଓ ବିଜେପି ଆଡ଼କୁ ବଲ୍ ଫିଙ୍ଗିଛନ୍ତି। କଥା ନୁହେଁ, କାମ ଦରକାର କହିଛନ୍ତି ବିଜେଡି ବିଧାୟକ କଳିକେଶ ନାରାୟଣ ସିଂହଦେଓ। ଏବେ ଆଉ ରାଜ୍ୟ ସରକାରଙ୍କ ହାତରେ କିଛି ନାହିଁ। ଯାହା ଅଛି ଟ୍ରିବ୍ୟୁନାଲ ହାତରେ। ସେତେବେଳେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ ଓଡ଼ିଶାର ଦାବିକୁ ପ୍ରତ୍ୟାଖ୍ୟାନ କରିଥିଲେ। ତେଣୁ କେନ୍ଦ୍ର ସରକାର ହସ୍ତକ୍ଷେପ କରି ପଦକ୍ଷେପ ନିଅନ୍ତୁ ବୋଲି କହିଛନ୍ତି କଳିକେଶ। ସେପଟେ ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟକୁ ▶▶ପୃଷ୍ଠା ୭

## ଯୋଗୀଙ୍କୁ ହତ୍ୟା ଧମକ ଦେବା ପଛରେ ୨୪ ବର୍ଷୀୟ ଯୁବତୀ: ବାନ୍ଧିଲା ପୁଲିସ୍



ନୂଆଦିଲ୍ଲୀ, ୦୩/୧୧ : ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ହତ୍ୟା ଧମକ ଦେବା ପଛରେ ଥିବା ୨୪ ବର୍ଷୀୟ ଯୁବତୀଙ୍କୁ ପୁଲିସ୍ ଗିରଫ କରିଛି। ଯଦି ୧୦ ଦିନ ଭିତରେ ଯୋଗୀ ଆଦିତ୍ୟନାଥ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ନ ଦେବେ, ତା'ହେଲେ ତାଙ୍କୁ ମୁମ୍ବାଇର ରାଜନେତା ବାବା ସିଦ୍ଦିକିଙ୍କ ଭଳି ହତ୍ୟା କରାଯିବ ବୋଲି ଧମକ ମିଳିଥିଲା। ଏହାର ତଦନ୍ତ ଆରମ୍ଭ ହୋଇଥିବା ମୁମ୍ବାଇ ପୁଣି ଥାନେରୁ ଫାତିମା ଖାନ ନାମକ ଜଣେ ଯୁବତୀଙ୍କୁ ଗିରଫ କରିଛି। ତାଙ୍କ ଫୋନ ନମ୍ବରରୁ ଆଦିତ୍ୟନାଥଙ୍କୁ ଧମକ ମିଳିଥିଲା। ପୁଲିସ ସୂତ୍ରରୁ ଜଣାପଡ଼ିଛି ଯେ ଫାତିମା ବେଶ ଉଚ୍ଚ ଶିକ୍ଷିତା। ହେଲେ ସେ ମାନସିକ ରୋଗରେ ପୀଡ଼ିତ। ଫାତିମା ସୂଚନା ପ୍ରଯୁକ୍ତି ବିଦ୍ୟାରେ ବିଏସସି ଡିଗ୍ରୀ ହାସଲ କରିଛନ୍ତି। ଥାନେରେ ସେ ପରିବାର ଲୋକଙ୍କ ସହ ରୁହନ୍ତି। ତାଙ୍କ ବାପା କାଠ ବ୍ୟବସାୟ ▶▶ପୃଷ୍ଠା ୭

## ଶ୍ରୀନଗରରେ ଗ୍ରେନେଡ ଆକ୍ରମଣ: ୧୦ରୁ ଅଧିକ ଲୋକ ଆହତ



ନୂଆଦିଲ୍ଲୀ, ୦୩/୧୧ : ଜମ୍ମୁ-କଶ୍ମୀରରେ ଆତଙ୍କବାଦୀଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି। ଶନିବାର ଏନକାଉଣ୍ଟରରେ ସୁରକ୍ଷାକର୍ମୀଙ୍କ ଗୁଳିରେ 'ଲଶ୍କର-ଏ-ତୋଏବା' ପାକିସ୍ତାନୀ ଆତଙ୍କୀ ସଂଗଠନର ଏକ ଶୀର୍ଷ କମାଣ୍ଡର ଟଳିବା ପରେ ଆଜି (ରବିବାର) ଶ୍ରୀନଗରରେ ଏକ ବଡ଼ ଆକ୍ରମଣ ହୋଇଛି। ଗ୍ରେନେଡ ବିସ୍ଫୋରଣରେ ପ୍ରାୟ ୧୦ରୁ ଅଧିକ ନାଗରିକ ଆହତ ହୋଇଥିବା କୁହାଯାଉଛି। ଶ୍ରୀନଗରସ୍ଥିତ ପର୍ଯ୍ୟଟକ ସ୍ୱାଗତ କେନ୍ଦ୍ର ବାହାରେ ଥିବା ବଜାରରେ ରବିବାର କାରଣରୁ ବହୁ ସଂଖ୍ୟାରେ ଲୋକଙ୍କ ଗହଳି ରହିଥିଲା। ଏହି ସମୟରେ ଏପରି ଗ୍ରେନେଡ ଆକ୍ରମଣ କାରଣରୁ ଅନେକ ଲୋକ ଆହତ ହୋଇଛନ୍ତି। ପ୍ରାରମ୍ଭିକ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ଏହି ଆକ୍ରମଣରେ ପ୍ରାୟ ୧୦ ଜଣ ସାଧାରଣ ନାଗରିକ ଆହତ ହୋଇଛନ୍ତି। ଗ୍ରେନେଡ ବିସ୍ଫୋରଣରେ ଆହତ ନାଗରିକଙ୍କୁ ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହା ପରେ କଶ୍ମୀର ପୁଲିସର ସ୍ପେଶାଲ ▶▶ପୃଷ୍ଠା ୭

## ଗୁଲନଗର ଗ୍ରାମରେ କାଳୀପୂଜା ୮୭ବର୍ଷରେ

କେନ୍ଦ୍ରାପଡ଼ା, ୦୩/୧୧ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକ ଅଧିନସ୍ଥ ଗୁଲନଗର ପଂଚାୟତର ଗୁଲନଗର ଗ୍ରାମରେ ଦୀର୍ଘ ୮୭ବର୍ଷ ହେବ ମା' ଦକ୍ଷିଣ କାଳୀଙ୍କର ମୂର୍ତୀ ପୂଜାପାଇ ଆସୁଛନ୍ତି । ପ୍ରବାଦ ଅଛି ୧୯୩୭ ମସିହାରେ ଯେତେବେଳେ ଏହି ଅଂଚଳରେ ମହାମାରୀ ହଇଜା ବ୍ୟାପିଲା ଲେକମାନେ ଭୟଭିତ ହୋଇପଡିଥିଲେ । ଏହାର ପ୍ରତିକାର ପାଇଁ ଗୁଲନଗର ଗ୍ରାମର କାଳୀ ସାଧକ କାହ୍ନାଇ ଚରଣ ଚକ୍ରବର୍ତୀଙ୍କ ତତ୍ୱାବଧାନରେ ସୁଦର୍ଶନ ଚକ୍ରବର୍ତି, କୃତିବାସ ସାହୁ, ଇଶ୍ୱର ପୃଷ୍ଟି, ନିତ୍ୟାନନ୍ଦ ମହାରଣା, ପୂର୍ଣ୍ଣ ଚନ୍ଦ୍ର କର, ଜଳଧର କର, ଜଳଧର କର ଓ ଗ୍ରାମବାସୀଙ୍କ ସହଯୋଗରେ କାଳୀପୂଜା ବିଧିବଦ୍ଧଭାବେ ଆରମ୍ଭ କରିଥିଲେ । ପ୍ରତି ବର୍ଷ ଇଛାପୁରର ଗୋପିମିସ୍ତ୍ରୀ ଏହି ମୂର୍ତି କରିଆସୁଥିଲେ । ବର୍ତମାନ ତାଙ୍କର ମୃତ୍ୟୁ ପରେ ତାଙ୍କ ପୁତ୍ର ଏହି ମୂର୍ତି କରୁଛନ୍ତି । ୧୯୯୫ ମସିହାରେ କହ୍ନାଇ ଚରଣ ଚକ୍ରବର୍ତୀଙ୍କର ଦେହାନ୍ତ ପରେ ବର୍ତମାନ ତାଙ୍କ ପୁତ୍ର ଭଗବତୀ ଚରଣ ଚକ୍ରବର୍ତୀ ସେହି କାଳୀପୂଜା କରିଆସୁଛନ୍ତି । ଗୁରୁବାର ଅମାବାସ୍ୟା ଠାରୁ ୫ଦିନ ଧରି ଏହି ପୂଜା ଅନୁଷ୍ଠିତ ହେଉଛି । ସନ୍ତୋଷ ଚକ୍ରବର୍ତି, ଜୟନ୍ତ ଚକ୍ରବର୍ତି, ମନମଥ ଚକ୍ରବର୍ତି ଓ ଗ୍ରାମବାସୀମାନେ କାଳୀ ପୂଜାରେ ସହାୟତା କରିଥାନ୍ତି । ଏହି ସମୟ ମଧ୍ୟରେ ଗୁଲନଗର ଗ୍ରାମବାସୀଙ୍କ ସହାୟତାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ପାଲା, ଭଜନ ଓ ସ୍ଥାନୀୟ ଗୋବିନ୍ଦ ଜୀୟୁ ଡ୍ରାମାଟିକ କ୍ଲବର କଳାକାରମାନଙ୍କ ଦ୍ୱାରା ନାଟକ ପରିବେଷଣ କରାଯାଉଛି । ଏହି ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାପାଇଁ ସହର ଓ ପୁରପଲ୍ଲୀରୁ ବହୁ ଦର୍ଶକ ଆସିଥାନ୍ତି ।

# ୧୦ମ ଭୀମପାହାଡ଼ ମହୋତ୍ସବ ଉଦ୍‌ଘାଟିତ

ବଲାଙ୍ଗୀର, ୦୩/୧୧ (ନି.ପ୍ର): ଦେଓଗାଁ ଅଂଚଳ ଗୋଟିଏ ସମୟରେ ଅନୁନ୍ନତ ହୋଇପଡ଼ି ରହିଥିଲା । କିନ୍ତୁ ଅଂଚଳବାସୀଙ୍କ ମିଳିତ ପ୍ରୟାସରେ ଆଜି ଭୀମଡୁଙ୍ଗୁରୀ ପର୍ଯ୍ୟଟନସ୍ଥଳୀ ସହ ବହୁଗୁଡ଼ିଏ ବିକାଶ କାମ ହୋଇପାରିଛି । ଆଗକୁ ଲୋକଙ୍କର ଏକତା ଓ ପ୍ରୟାସରେ ଆହୁରୀ ବଡ଼ବଡ଼ ପ୍ରକଳ୍ପ ହୋଇପାରିବ ବୋଲି ୧୦ ଭୀମପାହାଡ଼ ମହୋତ୍ସବରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ସୋନପୁରର ପୂର୍ବତନ ବିଧାୟକ ବିନୋଦ ପାତ୍ର କହିଛନ୍ତି । ବଲାଙ୍ଗୀର ଜିଲ୍ଲା ଦେଓଗାଁ ବ୍ଲକ ମୁକୁନ୍ଦପୁର ପଂଚାୟତର ଭୀମଡୁଙ୍ଗୁରୀ ପର୍ଯ୍ୟଟନସ୍ଥଳୀରେ ଆୟୋଜିତ ଭୀମପାହାଡ଼ ମହୋତ୍ସବରେ କମିଟିର ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେର ସଭାପତିତ୍ୱ କରିଥିବାବେଳେ ସମ୍ମାନିତ ଅତିଥି ଭାବରେ ଦେଓଗାଁ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ମୁକୁନ୍ଦପୁର ସରପଂଚ ଜାନକି ସାହୁ, ସରପଂଚ ମହଲେ ଚିତରଂଜନ ସାହୁ, ସୀତାଂଶୁ ମିଶ୍ର ସମିତିସଭ୍ୟ ବଡବାହାଲ ଓ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ । ମଂଚରେ ମହୋତ୍ସବ କମିଟିର ସଭାପତି ପ୍ରମୋଦ ବହିଦାର, ସଂପାଦକ ଗୋବର୍ଦ୍ଧନ ସାହୁ, କୋଷାଧ୍ୟକ୍ଷ ଅଭିମନ୍ୟୁ ମାଝୀ ପ୍ରମୁଖ ମଂଚାସୀନ ଥିଲେ । ଆଜି ମହୋତ୍ସବ ଉଦ୍‌ଘାଟନ ପୂର୍ବରୁ ଭୀମଡୁଙ୍ଗୁରୀ ପାହାଡ଼ ଉପରେ ଥିବା ଆଦିବାସୀଙ୍କ ଦେବତା ଭୀମାବୁଢ଼ାଙ୍କ ଗୁମ୍ଫାରୁ ମଶାଲ ଅଣାଯାଇ ମହୋତ୍ସବ ସ୍ଥଳୀରେ ସ୍ଥାପନ କରାଯାଇଥିଲା । କନ୍ଧ ଆଦିବାସୀମାନେ ମଶାଲକୁ ଆଣି ପୂଜାର୍ଚ୍ଚନା କରି ସ୍ଥାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆଦିବାସୀ ନେତା ତଥା ସଇଁତଲା ବ୍ଲକର ଉପାଧ୍ୟକ୍ଷ ଗୁଣସାଗର ମାଝୀ ଅତିଥି ଭାବରେ ଯୋଗଦେଇ ମଶାଲକୁ ଗ୍ରହଣ କରି ମଂଚରେ ସ୍ଥାପନ କରିଥିଲେ । ପାହାଡ଼ ଉପରେ ଭୀମାବୁଢ଼ାଙ୍କ ପୂଜକ ଥିବା ହଳଧର କୁଅଁର ମଶାଲକୁ ଆଣିଥିଲେ । ସେହିପରି ଗିରିଗୋବର୍ଦ୍ଧନ ପୂଜା ପାଇଁ ମଧ୍ୟ ଭୀମକଟାରୁ କଳସ ଶୋଭାଯାତ୍ରାରେ ଅଣାଯାଇ ନାମଯଜ୍ଞ ସ୍ଥଳୀରେ ସ୍ଥାପନ କରାଯାଇଥିଲା । ମହୋତ୍ସବର ସାଂସ୍କୃତିକ ସଭାପରେ ପ୍ରତିବର୍ଷ ଭଳି କଂସ ଦରବାର ଆୟୋଜିତ ହୋଇଥିଲା । ବିଶିଷ୍ଟ କଳାକାର ରବୀନ୍ଦ୍ର ସାହୁ ଓ ସାଥି କଂସ ଦରବାର କାର୍ଯ୍ୟକ୍ରମ କରିଥିଲେ । ଚଳିତବର୍ଷ ମହୋତ୍ସବ ପାଇଁ ଭୀମଡୁଙ୍ଗୁରୀରେ ମୀନାବଜାର ମଧ୍ୟ ଲାଗିଛି । ଛୋଟପିଲାଙ୍କ ମନୋରଂଜନ ପାଇଁ ବିଭିନ୍ନ ଖେଳ ସାମଗ୍ରୀ, ଦୋକାନ ବଜାର ଜମିଛି । ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଚାଲିବ ବୋଲି ମହୋତ୍ସବ କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

# ସମବାୟ କାର୍ଯ୍ୟାଳୟରୁ ତାଲା ଭାଙ୍ଗି ଚୋରି

ଜଳେଶ୍ୱର, ୦୩/୧୧ (ନି.ପ୍ର): ଜଳେଶ୍ୱର ବ୍ଲକ ଚମାରଗାଁ ପଞ୍ଚାୟତର ଚାଫଲା ସମବାୟ ସମିତି ଅଫିସ୍‌ରେ ଶନିବାର ବିଳମ୍ବିତ ରାତିରେ ତାଲା ଭାଙ୍ଗି ଚୋରି । ରବିବାର ସକାଳ ୯ଟାରେ ସମବାୟ ସମିତି ସମିତି ର କର୍ମଚାରୀ ଶରତ କୁମାର ପାତ୍ର କାର୍ଯ୍ୟାଳୟ ପରିସର ଦେଇ ଯିବା ସମୟ ରେ ତାଲା ଭଙ୍ଗା ହୋଇଥିବା ଦେଖିବା ପାଇଁ ପାଇଥିଲେ । ତେବେ ଟଙ୍କା ରଖିବା ପାଇଁ ହୋଇ ଥିବ ଲକର ଏବଂ କମ୍ପ୍ୟୁଟରର ହାର୍ଡଡିସ୍କକୁ ନେଇ ଯାଇଛନ୍ତି ଚୋର ମାନେ । ଲକର୍ ରେ ଆନୁମାନିକ ୯୦ ହଜାର ଟଙ୍କା ରହିଥିବା ନେଇ କହିଥିଲେ ସମ୍ପାଦକ ଅମିତ୍ ପ୍ରମାଣିକ । ଏ ନେଇ ସମିତି ର ସମ୍ପାଦକ ଅମିତ୍ ପ୍ରାମାଣିକ ରାଇବଣିଆ ଥାନାକୁ ଜଣାଇଥିଲେ । ରାଇବଣିଆ ପୋଲିସ ଅଧିକାରୀ ୧୫୨/୨୪ରେ ଏକଚୋରି ମାମଲା ରୁଜୁ କରିଛନ୍ତି ବାଲେଶ୍ୱରରୁ ସାଇଣ୍ଟି ଫିକ୍ ଟିମ୍ ଓ ସନ୍ଧାନ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ । ଏହିପରି ବାରମ୍ବାର ସମବାୟ ସମିତିରୁ ଚୋରି ହେବାକୁ ନେଇ ସାଧାରଣତଃ ଲୋକେ ମାନେ ଏହାର ଠିକ୍ ଭାବରେ ତଦନ୍ତ ହେଲେ ଚୋର ଖୁବ୍ ଶୀଘ୍ର ଧରା ପଡିବ ବୋଲି ଦାବୀ କରିଛନ୍ତି ।

# ଜିଲ୍ଲାସ୍ତରୀୟ ଶ୍ରୀ ଅନ୍ନ ଓ ବିଲୁପ୍ତ ପୁଷ୍ଟି ଶସ୍ୟ ମେଳା ପାଇଁ ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା, ୦୩/୧୧ (ନି.ପ୍ର): ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ କକ୍ଷରେ ଚଂଚଳ ରାଣା ଅଧ୍ୟକ୍ଷତା ଶ୍ରୀ ଅନ୍ନ ଓ ବିଲୁପ୍ତ ପୁଷ୍ଟି ଶସ୍ୟମେଳା ପାଇଁ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ବୈଠକରେ ଶ୍ରୀ ଅନ୍ନ ଓ ବିଲୁପ୍ତ ପ୍ରାୟ ପୁଷ୍ଟି ଶସ୍ୟ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବା ପାଇଁ ଧାର୍ଯ୍ୟ କରାଯାଇଥିଲା । ବିଭିନ୍ନ ମହିଳା ସ୍ୱଂୟସହାୟକ ଗୋଷ୍ଠି, ଚାଷି, ଛାତ୍ର ଛାତ୍ରୀ, ସ୍ୱେଚ୍ଛାସେବୀ ସଂଗଠନ, ହୋଟେଲ ତଥା ରେଷ୍ଟୁରାଂଟ କର୍ମକର୍ତାମାନଙ୍କର ସକ୍ରିୟ ଅଂଶଗ୍ରହଣ ନିମନ୍ତେ ନିଷ୍ପତି ନିଆଯାଇଥିଲା । ଜଣାଅଜଣା କାର୍ଯ୍ୟକ୍ରମ ତଥା ରୋଷେଇ ପ୍ରତିଯୋଗିତା ମାଧ୍ୟମରେ ଶ୍ରୀ ଅନ୍ନ ଓ ପୁଷ୍ଟି ଶସ୍ୟକୁ ବହୁଳ ପ୍ରଚାର ପ୍ରସାର କରିବା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା । ଏହି ବୈଠକରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରବିନାରାୟଣ ସେନାପତୀ, ଅଗ୍ରଣୀ ଜିଲ୍ଲା ପ୍ରବନ୍ଧକ ଅମର କୁମାର ଅଗ୍ରଓ୍ୱାଲ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଜ୍ୟୋତିଶଙ୍କର ସାହୁ, ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ, କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ପ୍ରକଳ୍ପ ସଂଯୋଜକ, ମିଶନ ଶକ୍ତି, ନିରଞ୍ଜନ ମଲ୍ଲିକ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଦେବିଦତ ମାଝୀ, ଜିଲ୍ଲା ସଂସ୍କୃତି ଅଧିକାରୀ, ଚୌଧୁରି ଅରବିନ୍ଦ ଦାସ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ସ୍ମିତା ମହାନ୍ତି, କୃଷି ଜିଲ୍ଲା ଅଧିକାରୀ, ଟାଙ୍ଗୀ ମନୋରଞ୍ଜନ ମିଶ୍ର, କୃଷି ଜିଲ୍ଲା ଅଧିକାରୀ, ଭୁବନେଶ୍ୱର ମନୋରଞ୍ଜନ ରାଉଳ ଓ ଆନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ, ଟାଙ୍ଗି ଓ ବାଣପୁର ବ୍ଲକସ୍ତରୀୟ କୃଷି ଅଧିକାରୀ, ସ୍ୱେଚ୍ଛାସେବୀ ସଂଗଠନ ପ୍ରମୁଖ ଯୋଗ ଦେଇଥିଲେ ।

# ହାତୀ ଲେଖେନ ବାନ୍ଦନା ପର୍ବରେ ଦୁଲୁକିଲା ମହେଶ୍ୱରପୁର

ଚମ୍ପୁଆ, ୦୩/୧୧ (ନି.ପ୍ର): କାର୍ତିକ ମାସ ଅମାବାସ୍ୟା ତିଥି ତଥା ଦୀପାବଳି ଅବସରରେ କୁଡୁମି ମାନଙ୍କ ଦ୍ୱାରା ପାଳିତ ହେଉଥିବା ହାତୀ ଲେଖେନ ବାନ୍ଦନା ପରବ ଉପଲକ୍ଷେ ଏବେ ଗାଁ ଗାଁରେ ଉତ୍ସବର ମାହୋଲ । କେଉଁ ଆଦିମ କାଳରୁ ପାଳିତ ହୋଇ ଆସୁଥିବା ଏହି ଗଣପର୍ବ ପାଇଁ ପୁରପଲ୍ଲୀ ଦୁଲୁକି ଉଠୁଥିବା ବେଳେ ଚମ୍ପୁଆ ବ୍ଲକ ଅନ୍ତର୍ଗତ ମହେଶ୍ୱରପୁର ଗ୍ରାମରେ ଏହି ବାନ୍ଦନା ପର୍ବ ମହା ଧୁମ ଧାମରେ ପାଳିତ ହୋଇଯାଇଛି । ଢୋଲ, ମାନ୍ଦଲ, ନାଗରା ଆଦି ବାଦ୍ୟର ତାଳେ ତାଳେ ଦୁଲୁକି ଉଠିଛି ଗାଁ ଭୂଇଁ । ମହେଶ୍ୱରପୁର ଗ୍ରାମର କୁଡୁମି ସମ୍ପ୍ରଦାୟରେ ଏହି ଗଣପର୍ବ ପାଇଁ ପୂର୍ବରୁ ଘରଗୁଡିକ ଲିପାପୋଛା ସହିତ ରଙ୍ଗ ମରାଯାଇ ସାଜସଜ୍ଜା କରା ଯାଇଥିବା ବେଳେ ତିନିଦିନ ବ୍ୟାପି ହେଉଥିବା ଏହି ପର୍ବର ପ୍ରଥମ ଦିନରେ ଗୋଠ ପୂଜା ଯାହାକି ଗାଁ ମୁଣ୍ଡ ପଡିଆରେ କରାଯାଇଥାଏ । ଏହି ପୂଜାରେ କୁକୁଡା ମାଂସରେ ଚାଉଳ ଚୁନା ଲଗାଇ ପ୍ରସ୍ତୁତ କରାଯାଉଥିବା ଲେଟର ଏକ ସ୍ୱତନ୍ତ୍ର ଆକର୍ଷଣ ରହିଥିବା ବେଳେ ରାତିରେ ସମସ୍ତଙ୍କ ଘର ମାନଙ୍କରେ ଜାଳିଥିବା ଜାଗର ନ ଲିଭିବା ପାଇଁ ତାକୁ ଜଗିବା ଅବସରରେ ପୁରୁଣା ରାଗରୁଷାକୁ ଭୁଲି ପାରମ୍ପରିକ ମାନ୍ଦଲ, ନାଗରା ଆଦି ବାଦ୍ୟ ଗୀତର ତାଳେ ତାଳେ ନାଚି ନାଚି ଘରକୁ ଘର ଧେଙ୍ଗୁଆନ ଯିବା ପରମ୍ପରା ସବୁଠାରୁ ଆକର୍ଷଣୀୟ ହୋଇଥାଏ । ଦ୍ୱିତୀୟ ଦିନ ଗୁହାଳ ପୂଜା । ଏହି ଅବସରରେ ପ୍ରତିଘରେ ସକାଳୁ ନିଜ ନିଜ କୃଷି ଯନ୍ତ୍ରପାତିକୁ ଧୁଆଧୋଇ କରି ଗୋ ଧନର ସୁରକ୍ଷା ତଥା ଗୋ ମାତାଙ୍କ ଶୁଭ ମନାସି ଗୁହାଳ ଭିତରେ ଇଷ୍ଟ ଦେବା ଦେବୀଙ୍କ ସମେତ ପୂର୍ବପୁରୁଷଙ୍କୁ ପୂଜା କରିଥାନ୍ତି । ସେହିପରି ତୃତୀୟ ବା ଶେଷ ଦିନରେ ପ୍ରତି ଘରେ ମା ବୋହୁ ମାନେ ଉପବାସ ରହି ଘରେ ଥିବା ଗୋରୁ, ଗାଇଙ୍କୁ ବନ୍ଦାପନା କରିବା ପରେ ଉପରବେଳା ଗାଁ ଦାଣ୍ଡରେ ଗୋରୁ ବାନ୍ଧି ନଚେଇବା ବିଧି ସ୍ୱତନ୍ତ୍ର ଓ ନିଆରା ହୋଇଥାଏ । ଏହି ବାନ୍ଦନା ପର୍ବକୁ ଗ୍ରାମର ଅନ୍ୟ ସମ୍ପ୍ରଦାୟର ଲୋକମାନେ ମଧ୍ୟ ମିଳିତ ଭାବରେ ପାଳନ କରୁଥିବାରୁ ଏହି ପର୍ବ ଗାଁରେ ଭାଇଚାରା ବଜାୟ ରଖିବାରେ ସହାୟକ ହୋଇଥାଏ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି ।

## ନଭେମ୍ବର ୧୦ରୁ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ତିନି ଦିନିଆ ଓଡ଼ିଶା ଗସ୍ତ

ଭୁବନେଶ୍ୱର, ୦୩/୧୧ (ନି.ପ୍ର): ବିଶ୍ୱବିଖ୍ୟାତ ମାନବବାଦୀ, ଆଧ୍ୟାତ୍ମ-ଗୁରୁ ତଥା 'ଆର୍ଟ ଅଫ ଲିଭିଂ' ଓ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଆସନ୍ତା ୧୦ ନଭେମ୍ବରରୁ ୧୩ ନଭେମ୍ବର ୨୦୨୪ ପର୍ଯ୍ୟନ୍ତ ଏକ ତିନିଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି । ପୂର୍ବଭଳି ଚଳିତ ଥର ମଧ୍ୟ ସେ ରାଜ୍ୟ ଅତିଥି ମାନ୍ୟତା ପାଇଛନ୍ତି । ତାଙ୍କର ଏହି ଗସ୍ତ କାଳରେ ଗୁରୁଦେବ, ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଆୟୋଜିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ । ସେଥିପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ, ଛାତ୍ରଛାତ୍ରୀ, ଆର୍ଟ ଅଫ୍ ଲିଭିଂର ସମସ୍ତ ସ୍ୱେଚ୍ଛାସେବୀ ଏବଂ ରାଜ୍ୟବାସୀ ଗୁରୁଦେବ ଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବାକୁ ଅପେକ୍ଷା କରି ରହିଛନ୍ତି ।

ନଭେମ୍ବର ୧୦ ତାରିଖ (ରବିବାର) ବିଶ୍ୱବିଦ୍ୟାଳୟ ପରିସରରେ ଏକ ଶିକ୍ଷା ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି । ଏହି ସମ୍ମିଳନୀ ରେ ବିଭିନ୍ନ ବିଦ୍ୟାଳୟ ଏବଂ ଉଚ୍ଚ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଅଂଶଗ୍ରହଣ କରିବେ । ଏହି ଐତିହାସିକ ସମ୍ମିଳନୀ ନିଶ୍ଚିତ ଭାବରେ ଶିକ୍ଷାବିତ୍ ମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ହେବ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ଆଶା କରାଯାଇଛି । ସ୍ୱାସ୍ଥ୍ୟରକ୍ଷା ଦିଗରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଛି ।

# ଫୁଲବାଣୀ ବିଧାୟକଙ୍କ ବ୍ଲକ ପ୍ରତିନିଧି ହେଲେ ଅନନ୍ତ ସ୍ୱାସ୍ଥ୍ୟ ବିଭାଗ ଦାୟିତ୍ୱରେ ରାଇକିଶୋର ପ୍ରଧାନ

କନ୍ଧମାଳ, ୦୩/୧୧ (ନି.ପ୍ର):୨୦୨୪ ସାଧାରଣ ନିର୍ବାଚନ ପରେ ଭାରତୀୟ ଜନତାପାର୍ଟି ଓଡିଶାରେ କ୍ଷମତା ହାସଲ କରିଛି । ଏହି ସାଧାରଣ ନିର୍ବାଚନରେ ବିଜେପିର ଫୁଲବାଣୀ ବିଧାୟକ ଭାବେ ଶ୍ରୀଯୁକ୍ତ ଉମାଚରଣ ମଲିକ ମଧ୍ୟ ବିଜୟ ହୋଇଥିବା ବେଳେ ବର୍ତମାନ ଫୁଲବାଣୀ ବିଧାନସଭା କ୍ଷେତ୍ରରେ ରହିଥିବା ସମସ୍ତ ବ୍ଲକରେ ବିଧାୟକ ପ୍ରତିନିଧି ନିଯୁକ୍ତି ପ୍ରଦାନ କରିଛନ୍ତି । ଖଜୁରୀପଡା ବ୍ଲକ ର ସମସ୍ତ ସରକାରୀ ବିଭାଗ ପାଇଁ ବିଧାୟକ ଙ୍କ ପ୍ରତିନିଧି ଭାବେ ବରିଷ୍ଠ ବିଜେପି ନେତା ଶ୍ରୀ ଅନନ୍ତ କୁମାର ଦିଗାଲଙ୍କୁ ବିଧାୟକ ଶ୍ରୀ ମଲିକ ସ୍ୱୀକୃତି ପ୍ରଦାନ କରିଛନ୍ତି । ଦିଗାଲ ଦୀର୍ଘବର୍ଷ ଧରି ଖଜୁରୀପଡା ବ୍ଲକରେ ଜଣେ ଶୃଙ୍ଖଳିତ କର୍ମୀ ଭାବେ କାର୍ଯ୍ୟ କରିବା ସହ ଖଜୁରୀପଦା ବିଜେପି ମଣ୍ଡଳ ସଭାପତି ଓ କନ୍ଧମାଳ ଜିଲ୍ଲା ଅନୁସୂଚିତ ଜାତିମୋର୍ଚ୍ଚା ସଭାପତି ଭାବେ ମଧ୍ୟ ସୁଚାରୁରୂପେ ଦାୟିତ୍ୱ ସମ୍ପାଦନ କରିଛନ୍ତି । ଜଣେ ସମାଜସେବୀ ଏବଂ ସାମ୍ବାଦିକତା କ୍ଷେତ୍ରରେ ଶ୍ରୀ ଦିଗାଲ ଜିଲ୍ଲାରେ ସୁପରିଚୟ ସୃଷ୍ଟି କରିଥିବା ବେଳେ ଦଳୀୟ ରାଜନୀତିରେ ତୃଣମୁଳ ସ୍ତରରୁ ରାଜ୍ୟ ପର୍ଯ୍ୟନ୍ତ ତାଙ୍କର ପରିଚୟ ରହିଛି । ତେଣୁ ତାଙ୍କ ଉପରେ ବିଧାୟକଙ୍କ ଆସ୍ଥା ଓ ବିଶ୍ୱାସ ପାଇଁ ଆଜି ବ୍ଲକ ପ୍ରତିନିଧି ଭାବେ ବିଧାୟକ ଶ୍ରୀ ମଲିକ ନିଯୁକ୍ତି ପ୍ରଦାନ କରିଛନ୍ତି । ଏହି ଖବର ଦଳୀୟ ମହଲରେ ପ୍ରଚାର ହେବା ପରେ ଅନେକ କର୍ମୀ ଏବଂ ଜନସାଧାରଣ ଶ୍ରୀ ଦିଗାଲ ଙ୍କୁ ଫୁଲତୋଡ଼ା ଉତରୀୟ ଦେଇ ଶୁଭେଚ୍ଛା ଜଣାଇଥିଲେ । ସେହିଭଳି ବିଧାୟକ ପ୍ରତିନିଧି ଘୋଷଣା ପରେ ଦିଗାଲ ବିଧାୟକ ଉମାଚରଣ ମଲିକଙ୍କୁ କୃତଜ୍ଞତା ଜ୍ଞାପନ କରିଥିବା ବେଳେ ଜିଲ୍ଲା ସଭାପତି ଶ୍ରୀ ଜଗନ୍ନାଥ ସାହୁ, ବରିଷ୍ଠ ନେତା ଭଗବାନ ମହାନ୍ତି, ଲିଙ୍ଗରାଜ ଦଳବେହେରା, ଖଜୁରୀପଡା ମଣ୍ଡଳ ସଭାପତି ଦଶରଥ ସାହୁ, ସାଂସଦ ପ୍ରତିନିଧି ମନୋଜ କୁମାର ପଣ୍ଡା ସାଧାରଣ ସମ୍ପାଦକ ରଞ୍ଜନ କୁମାର କହଁର, ଜିଲ୍ଲା ପରିଷଦ ସଦସ୍ୟା ଶ୍ରୀମତୀ ଉର୍ବଶୀ ଦିଗାଲ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି । ସେହିଭଳି ସ୍ୱାସ୍ଥ୍ୟ ବିଭାଗ ପାଇଁ ବ୍ଲକ ପ୍ରତିନିଧି ଭାବେ ରାଇକିଶୋର ପ୍ରଧାନଙ୍କୁ ମାନ୍ୟବର ବିଧାୟକ ଶ୍ରୀ ମଲିକ ନିଯୁକ୍ତି ପ୍ରଦାନ କରିଛନ୍ତି । ସାଧାରଣ ନିର୍ବାଚନ ପରେ ସାଂସଦ ଓ ବିଧାୟକଙ୍କ ସମସ୍ତ ପ୍ରତିନିଧିଙ୍କ ନାମକୁ ସରକାରୀ ଭାବେ ଚିଠି ପ୍ରେରଣ ହେବା ପରେ ଭାରତୀୟ ଜନତାପାର୍ଟି ଏବଂ ଖଜୁରୀପଡା ବ୍ଲକର ସମସ୍ତ ସୁବିଧା ଅସୁବିଧାର ସମାଧାନ କରିବୁ ବୋଲି ପ୍ରତିନିଧି ମାନେ ପ୍ରତିକ୍ରିୟା ଦେଇଛନ୍ତି ।

# ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ

ସମ୍ବଲପୁର, ୦୩/୧୧ (ନି.ପ୍ର): ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିନ ହୋଇଯାଇଛି । ଏଥିରେ ସମ୍ବଲପୁର ଏସ୍.ପି ଶ୍ରୀ ମୁକେଶ କୁମାର ଭାମୁ (ଆଇ.ପି.ଏସ୍.) ମୁଖ୍ୟ ଅତିଥି, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଅଜାମ୍ବର ମହାନ୍ତି, ଜିଏମ୍ ବିଶ୍ୱବିଦ୍ୟାଳୟର ପିଜି କାଉନସିଲ୍ ଅଧ୍ୟକ୍ଷ ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ, ଏଷ୍ଟି ଶ୍ରୀ ସରୋଜ କୁମାର ସାମଲ, ଅତିରିକ୍ତ ଏସ୍.ପି ଶ୍ରୀ ଅନନ୍ତ ପ୍ରସାଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ । ସମ୍ବଲପୁର ଏସ୍.ପି ଶ୍ରୀ ମୁକେଶ କୁମାର ଭାମୁ(ଆଇ.ପି.ଏସ୍.) ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆଜିର ଯୁବପିଢିର ସତ୍ୟନିଷ୍ଠ, ସଚ୍ଚୋଟତା, ସାହାସକିତା, ହିଁ ସମୃଦ୍ଧ ଶାଳୀ ରାଷ୍ଟ୍ର ଗଢିବାର ମୂଳମନ୍ତ୍ର ବୋଲି କହିଥିଲେ । ଯୁବପିଢି ନିଜ ପରିବାର, ସମାଜ ଓ ଦେଶର ସମୃଦ୍ଧି ପାଇଁ ସଚୋଟତା, ସାହାସକିତା ଏବଂ ନିଜର ଜ୍ଞାନ କୌଶଳକୁ ଅସ୍ତ୍ର ଭାବେ ମଧ୍ୟ ପ୍ରୟୋଗ କରିବାକୁ ଶ୍ରୀ ଭାମୁ ଆହ୍ୱାନ ଦେଇଥିଲେ । ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ରେ ମଧ୍ୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଉପରୋକ୍ତ ସଭାରେ ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା । ବିଦ୍ୟାଳୟ ସ୍ତର ରେ ପ୍ରବନ୍ଧ ପ୍ରତିଯୋଗିତା ରେ ପ୍ରଥମ ପୁରସ୍କାର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଚିପିଲିମାର ରୁପାଲି ପଣ୍ଡା, ଦ୍ୱିତୀୟ ପୁରସ୍କାର ଲେଡି ଲୁଇସ୍ ବାଳିକା ଉଚ୍ଚ ବିଦ୍ୟାଳୟର ନମ୍ରତା ମେହେର ଓ ତୃତୀୟ ପୁରସ୍କାର ବାଳିକା ଉଚ୍ଚ ବିଦ୍ୟାଳୟର ମିତାଲି ବେହେରା ପାଇଥିଲେ । ବକ୍ତୃତା ପ୍ରତିଯୋଗିତାରେ ଲେଡି ଲୁଇସ୍ ବାଳିକା ଉଚ୍ଚ ବିଦ୍ୟାଳୟର ସ୍ୱୟଂ ସିଦ୍ଧା ପାଢ଼ୀ ପ୍ରଥମ ଓ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଚିପିଲିମାର ରୀମା ମେହେର ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । କୁଇଜ୍ ପ୍ରତିଯୋଗିତା ପାଇଁ ବାଳିକା ଉଚ୍ଚ ମାଧ୍ୟମିକ ବୁଦ୍ଧରାଜାର ମନୀଷା ନାୟକ ପ୍ରଥମ, ସରକାରୀ ଉଚ୍ଚ ବିଦ୍ୟାଳୟ, ବୁଢାରଜା ନିଖିଲ କୁମାର ପୂଜାରୀ ଦ୍ୱିତୀୟ ଓ ସରକାରୀ ଉଚ୍ଚ ମାଧ୍ୟମିକ ବୁଦ୍ଧରାଜାର ଲିପ୍ସା ସେନାପତି ତୃତୀୟ ସ୍ଥାନ ଅଧିକାର କରିଥିଲେ । ଚିତ୍ରାଙ୍କନ ପ୍ରତିଯୋଗିତାରେ ଲେଡି ଲୁଇସ୍ ବାଳିକା ଉଚ୍ଚ ବିଦ୍ୟାଳୟର ଅଲିଭାମୟୀ ସୁପାକର ପ୍ରଥମ, ଶ୍ରୀ ଗଣେଶ ସରକାରୀ ହାଇସ୍କୁଲର ସୋମପ୍ରୀତ ଗହୀର ଦ୍ୱିତୀୟ ଓ ଶ୍ରୀ ଗଣେଶ ସରକାରୀ ହାଇସ୍କୁଲର ଅଭିଷେକ ବାଗ ତୃତୀୟ ପୁରସ୍କାର ହାସଲ କରିଥିଲେ । ମହାବିଦ୍ୟାଳୟ ସ୍ତର ପାଇଁ, ବକ୍ତୃତା ପ୍ରତିଯୋଗିତାରେ ସରକାରୀ ମହିଳା ମହାବିଦ୍ୟାଳୟର ବର୍ଷାରଣୀ ଶତପଥୀ ପ୍ରଥମ ସ୍ଥାନ, ଏନଏସି ମହାବିଦ୍ୟାଳୟ ର ଶୀତଲ ଶର୍ମା ଦ୍ୱିତୀୟ ସ୍ଥାନ, କୁଚିଣ୍ଡା ମହାବିଦ୍ୟାଳୟର ନନ୍ଦିତା ପଟେଲ ତୃତୀୟ ସ୍ଥାନ ଅଧିକାର କରିଥିଲେ । ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରଥମ ପୁରସ୍କାର ସରକାରୀ ମହିଳା ମହାବିଦ୍ୟାଳୟ ର ଦୀପ୍ତି ରାଉତ, ଦ୍ୱିତୀୟ ପୁରସ୍କାର କୁଚିଣ୍ଡା ମହାବିଦ୍ୟାଳୟ ପୂଜରାଣୀ ବେହେରା, ତୃତୀୟ ପୁରସ୍କାର ବିଜିଡ଼ି କଲେଜ, କସାଇବାହାଲର ପୂଜା ଦିଲା ପାଇଥିଲେ । କୁଇଜ୍ ପ୍ରତିଯୋଗିତାରେ ସରକାରୀ ମହିଳା ମହାବିଦ୍ୟାଳୟର ଶିବାନୀ ସାହୁ ଓ କାବ୍ୟାଶ୍ରୀ ଦଳବେହେରା ପ୍ରଥମ ସ୍ଥାନ, ଭୀମଭୋଇ ଡିଗ୍ରୀ ମହାବିଦ୍ୟାଳୟ ର ସନ୍ତୋସିନୀ ବିଶ୍ୱାଳ ଓ ଚନ୍ଦନ ସାହୁ ଦ୍ୱିତୀୟ ସ୍ଥାନ, ଏନଏସସିବି ମହାବିଦ୍ୟାଳୟ ର ସୌମ୍ୟା ସୌଭାଗ୍ୟ ବଳ ଓ ଆକାଶ ମହାନ୍ତି ତୃତୀୟ ସ୍ଥାନ ଅଧିକାର କରିଥିଲେ । ଚିତ୍ରାଙ୍କନ ପ୍ରତିଯୋଗିତାରେ ସରକାରୀ ମହିଳା ମହାବିଦ୍ୟାଳୟର ଆଶ୍ରିତ ଦୀପ ପ୍ରଥମ, ଭେଦିକ ଡିଗ୍ରୀ କଲେଜର ତିଳକେଶ ଶେଠ ଦ୍ୱିତୀୟ, ଭେଦିକ ଡିଗ୍ରୀ କଲେଜର ପାୟଲ ପଟେଲ ଓ ଡ଼ି.ଏସ. କଲେଜର ସୁସ୍ମିତା କାଲୋ ତୃତୀୟ ସ୍ଥାନରେ ପୁରସ୍କୃତ ହୋଇଥିଲେ । ପୋଷ୍ଟର-କମ-କ୍ୟାପ୍ସନ ପ୍ରତିଯୋଗିତାରେ ପ୍ରଥମ ପୁରସ୍କାର ସରକାରୀ ମହିଳା ମହାବିଦ୍ୟାଳୟ ଅକଙ୍କ୍ଶ୍ୟା ପ୍ରିୟଦର୍ଶିନୀ ହୋତା, ଦ୍ୱିତୀୟ ପୁରସ୍କାର ପାର୍ବତୀ ଗିରି କଲେଜ ର ଜାମିନୀ ବିଶ୍ୱାଳ ଓ ଭେଦିକ ଡିଗ୍ରୀ କଲେଜର ଅଙ୍କିତା ରାଣା, ତୃତୀୟ ପୁରସ୍କାର ପାର୍ବତୀ ଗିରି କଲେଜ ର କିରନ ଅମନ୍ତା ପାଇଥିଲେ । ଏହି ପରିପ୍ରେକ୍ଷୀ ରେ ସାଧାରଣ ନାଗରିକମାନଙ୍କୁ ଦୁର୍ନୀତି ନିବାରଣ ନିମନ୍ତେ ସଚେତନ କରାଇବା ପାଇଁ ଜିଲ୍ଲା ପ୍ରସାଶନ ଏବଂ ଭିଜିଲାନ୍ସ ବିଭାଗର ମିଳିତ ସହଯୋଗରେ ସମ୍ବଲପୁରର ସି.ଏସ.ବି. ଜିଲ୍ଲା ସ୍କୁଲରୁ ଗୋଳବଜାର ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ରାଲିର ମଧ୍ୟ ଆୟୋଜନ କରଯାଇଥିଲା । ଏହି ସଚେତନତା ଶୋଭାଯାତ୍ରାରେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ, ଏସ୍ଏଚ୍‌ଜି ସଦସ୍ୟ ଓ ପ୍ରମୁଖ ଅଧିକାରୀମାନେ ଯୋଗ ଦେଇଥିଲେ ।

## ରାଗିଙ୍ଗ୍ ଅଭିଯୁକ୍ତ ମେଡିକାଲ ଛାତ୍ରଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ

ଗଞ୍ଜାମ, ୦୩/୧୧ (ନି.ପ୍ର): ବ୍ରହ୍ମପୁର ଏମକେସିଜି ମେଡିକାଲ୍ ଚତୁର୍ଥ ବର୍ଷ ଛାତ୍ର ୫ ଜଣ, ଦ୍ୱିତୀୟ ବର୍ଷ ଛାତ୍ରଙ୍କ ଉପରେ କରିଥିବା ରାଗିଙ୍ଗ ଘଟଣାରେ ଅଭିଯୁକ୍ତ ହେବା ପରେ ସେମାନଙ୍କୁ ସବୁ ଦିନ ପାଇଁ ହଷ୍ଟେଲ ମନା ହେବାସହ ବୃତି, ଫଲୋସିପ ପାଇବା ବଂଦ ହୋଇଛି ଏବଂ ଏହି ପାଂଚ ଜଣ ଛାତ୍ରଛାତ୍ରୀ ପରବର୍ତ୍ତୀ କୌଣସି ପରିକ୍ଷା ଦେଇପାରିବେ ନାହିଁ । ଏମକସିଜି ମେଡିକାଲ୍ କଲେଜ ଡିନ ଡାକ୍ତର ସୁଚିତ୍ରା ଦାସ ଏହି ସୂଚନା ଦେଇଛନ୍ତି ।

# କୋରୁକୋଣ୍ଡା ବ୍ଲକ ଉପାଧ୍ୟକ୍ଷଙ୍କ ସହ ଆଉ ୬ ଜଣ ବିଜେଡିର ପ୍ରାଥମିକ ସଦସ୍ୟ ପଦବୀରୁ ଇସ୍ତଫା ଦେଇଛନ୍ତି

ମାଲକାନଗିରି, ୦୩/୧୧ (ନି.ପ୍ର): ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଉପାଧ୍ୟକ୍ଷଙ୍କ ସହ ଆଉ ୬ ଜଣ ବିଜେଡିର ପ୍ରାଥମିକ ସଦସ୍ୟ ପଦବୀରୁ ଇସ୍ତଫା ଦେଇଛନ୍ତି । ଶନିବାର ଏନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଏକ ଚିଠି ମାଧ୍ୟମରେ ଜଣାଇଛନ୍ତି । ସେମାନେ କହିଛନ୍ତି ଯେ, କୋରୁକୋଣ୍ଡା ବ୍ଲକ ଉପାଧ୍ୟକ୍ଷ ମାନସିକ ପଡ଼ିଆମୀଙ୍କ ସହ ସମିତିସଭ୍ୟା ରିନା ମାଡ଼କାମୀ, ଇର୍ମା ମାଡ଼ି, ପଦିଆ ସୋଡ଼ି, ମଦାନୀ ପାମିଆ, ପର୍ଶୁରାମ ଖେମୁଣ୍ଡୁ, ଲଇଛନ ଶିଶା ବିଜେଡ଼ିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି । ଚିଠିରେ ଉଲ୍ଲେଖ ରହିଛି ଯେ, ବିଜୁ ପଟ୍ଟନାୟକଙ୍କ କାର୍ଯ୍ୟକଳାପରେ ଅନୁପ୍ରାଣୀତ ହୋଇ ସମସ୍ତେ ବିଜୁ ଜନତା ଦଳରେ ସାମିଲ ହୋଇଥିଲେ । କିନ୍ତୁ ଆଜକୁ ପ୍ରାୟ ଅଢ଼େଇ ବର୍ଷ ହେବ କୋରୁକୋଣ୍ଡା ବ୍ଲକ ସଭାପତି ସତ୍ୟ ପାଣିଗ୍ରାହୀ ଓ କୋରୁକୋଣ୍ଡା ବ୍ଲକ ଅଧ୍ୟକ୍ଷ ଜିତୁ ବୁରୁଡ଼ି ସରକାରଙ୍କ ସମସ୍ତ ନୀତି ନିୟମକୁ ଅଣଦେଖା କରିବା ସହ ନିଜ ଇଚ୍ଛା ମୁତାବକ କାର୍ଯ୍ୟ କରି ଆସୁଛନ୍ତି । ଏ ସମ୍ବନ୍ଧରେ ଆମେ ଚିତ୍ରକୋଣ୍ଡାର ପୂର୍ବତନ ବିଧାୟକ ଓ ପୂର୍ବତନ ଏମ୍‌ପିଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଆମ୍ଭମାନଙ୍କୁ ଏହି ୨ ଜଣ ଅଣଦେଖା କରିବା ସହ କୋରୁକୋଣ୍ଡା ବ୍ଲକ ଅଧ୍ୟକ୍ଷ ଆମ୍ଭମାନଙ୍କ କୌଣସି କଥାକୁ ଭ୍ରୁକ୍ଷେପ ନକରି ନିଜ ଇଚ୍ଛା ମୁତାବକ ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟ କରି ଆସୁଛନ୍ତି । ଏ ସମ୍ବନ୍ଧରେ ଏକ ଅନାସ୍ଥା ପ୍ରସ୍ତାବ ଆଣିବା ସହ ବିଜୁ ଜନତା ଦଳର ଜଣେ ସଦସ୍ୟଙ୍କୁ ହିଁ ବ୍ଲକ ଅଧ୍ୟକ୍ଷ ଭାବେ ଚୟନ କରିବାକୁ ନିଷ୍ପତି ନେଇଥିଲୁ । କିନ୍ତୁ ତାହା ମଧ୍ୟ ବିଫଳ ହେଲା । କାରଣ ଏ ସମ୍ବନ୍ଧରେ ଆମ୍ଭେ ଅନାସ୍ଥା ପ୍ରସ୍ତାବ ଆଣିଥିବାବେଳେ ବ୍ଲକ ସଭାପତି ପାଣିଗ୍ରାହୀ ଓ ଜିତୁ ବୁରୁଡ଼ି ଦୁଇଜଣ ମିଶି ଆମ୍ଭମାନଙ୍କୁ କଂଗ୍ରେସର ସଦସ୍ୟ ବୋଲି ଅପପ୍ରଚାର କରିବା ସହ ସମସ୍ତ ଗଣମାଧ୍ୟମରେ ଏହା ପ୍ରକାଶିତ କରାଇଥିଲେ । ଫଳରେ ଆମ୍ଭେ ଅତିଷ୍ଠ ହୋଇ ଦଳ ଛାଡ଼ିବାକୁ ବାଧ୍ୟ ହେଉଛୁ ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି ।

# କେନ୍ଦ୍ରାପଡ଼ାର ପୂର୍ବତନ ବିଧାୟକ ଉକ୍ରଳ କେଶରୀ ପରିଡ଼ାଙ୍କ ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ସଭା

କେନ୍ଦ୍ରାପଡ଼ା, ୦୩/୧୧ (ନି.ପ୍ର): ବୁଧବାର କେନ୍ଦ୍ରାପଡାର ପୂର୍ବତନ ବିଧାୟକ ତଥା ଯୁବ ମାନସର ପ୍ରତୀକ ଦିବଂଗତ ଉକ୍ରଳ କେଶରୀ ପରିଡା(ଟୁଲୁ)ଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଚାନ୍ଦୋଳ କଲେଜ ଛକ ନିକଟସ୍ଥ ମାତୃବାଟିକାଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେନ୍ଦ୍ରନାଥ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ସର୍ବପ୍ରଥମେ ସଭାରେ ଅଧ୍ୟକ୍ଷତା କରୁଥିବା ଶ୍ରୀ ଆଚାର୍ଯ୍ୟ ଟୁଲୁ ବାବୁଙ୍କ ପରିବାର ଓ ଉପସ୍ଥିତ ବ୍ୟକ୍ତିଙ୍କ ଦ୍ୱାରା ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ ଏକ ପ୍ରଦୀପ ପ୍ରଜ୍ଜ୍ୱଳନ କରାଯାଇ ବାଲିଆ ଦୟାନନ୍ଦ ସେବାଶ୍ରର ପରିଚାଳକ ମଦନ ମୋହନ ଆର୍ଯ୍ୟଙ୍କ ଦ୍ୱାରା ବେଦପାଠ କରାଯାଇଥିଲା । ପ୍ରକାଶ ପରିଡା, ହେମନ୍ତ କୁମାର ଜେନା, ଈଶ୍ୱର ଚନ୍ଦ୍ର ପୃଷ୍ଟି ସଭା ସଂଚାଳନ କରିଥିଲେ । ସଭା ପ୍ରାରମ୍ଭରେ କେନ୍ଦ୍ରାପଡାର ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଅମ୍ବିକା ପ୍ରସାଦ ପରିଡା ଟୁଲୁବାବୁଙ୍କ ଦୀର୍ଘ ୪୦ବର୍ଷର ରାଜନୈତିକ ଜୀବନର ଉତ୍ଥାନ ପ ନ ଓ ସଂଘର୍ଷମୟ ଜୀବନ ବାବଦରେ ବ୍ୟାଖ୍ୟା କରିଥିଲେ । ତାହା ଟୁଲୁବାବୁଙ୍କ ସ୍ମୃତିରେ ଏକ ସ୍ମରଣିକା ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ କରକମଳରେ ଲୋକାର୍ପିତ ହୋଇଥିଲା । ଏଥିରେ ରାଜନଗରର ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ବରୀ ଡେରାବିଶର ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହେରା, ଭୁବନେଶ୍ୱର ଜନ ଅଧିକାର ପରିଷଦ ଅଧ୍ୟକ୍ଷ ବିଜୟ ପରିଡା, ପଟ୍ଟାମୁଣ୍ଡାଇର ପୂର୍ବତନ ବିଧାୟକ ତଥା ସିପିଆଇ(ଏମ୍) ନେତା ରାଧାକାନ୍ତ ସେଠୀ, ରବି ସାମଲ, ଅବନ୍ତୀ ବେହେରା, ଅଜୟ ରାଉତ, ଭୁବନ ମୋହନ ଜେନା, ଅମ୍ବିକା ପରିଡା, ରାଜେଶ ଦାସ, ଗୀତାଞ୍ଜଳୀ ସେଠୀ, ରାଜେଶ ପଣ୍ଡା, ମାନସ ସାମଲ, ଜିତେନ୍ଦ୍ରନାଥ ପାଗଳ, ସରୋଜକାନ୍ତ ସାହୁ, କାଶୀନାଥ ରାଉତ, ତରୁଣ କୁମାର ବାରିକ, କଳିଙ୍ଗ କେଶରୀ ପରିଡା, ପ୍ରଭାତ କେଶରୀ ପରିଡା, ଗୌତମ ପରିଡା, ଶିବାନୀ ଦାସ, ସୁଶାନ୍ତ ପରିଡା, ପ୍ରଭାତୀ ମଳିକ ପ୍ରମୁଖ ଯୋଗ ଦେଇଥିଲେ । କେନ୍ଦ୍ରାପଡାର ପୂର୍ବତନ ବିଧାୟକ ତଥା ଦିବଂଗତ ଉକ୍ରଳ କେଶରୀ ପରିଡା ଛାତ୍ର ଜୀବନରୁ ଜଣେ ସାହାସୀ, ନିର୍ଭିକ ମାନସିକତା, ଆତ୍ମବିଶ୍ୱାସରେ ପୂର୍ଣ୍ଣ ଓ ସ୍ପଷ୍ଟବାଦୀ ଛାତ୍ରନେତା ବୋଲି ଉପସ୍ଥିତ ନେତୃବୃନ୍ଦ କହିବେ ବେଳେ ତାଙ୍କର ଜୀବନବଳୀ ଉପରେ ଆଲୋକପାତ କରିଥିଲେ । ୧୯୮୦ ଦଶକରେ ସେ ସାଲେପୁର କଲେଜରେ ସଭାପତି ଥିବା ବେଳେ ଆର୍‌ଡିସି ଅଫିସ ଉପରେ କଳାପତକା ଲଗାଇ ସେତେବେଳର ଦୁର୍ବାର ଛାତ୍ର ଆନ୍ଦୋଳନର ନେତୃତ୍ୱ ନେଇଥିଲେ ଏବଂ ପରବର୍ତୀ ଅବସ୍ଥାରେ କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀର ବିଧାୟକ ଥିବା ବେଳେ ସେ କରିଥିବା ଉଲ୍ଲେଖନୀୟ କାର୍ଯ୍ୟ ବିଷୟରେ ଦୃଷ୍ଟି ଆକର୍ଷଣ କରିଥିଲେ । ପରେ ସେ ଓଡିଶା ଗଣ ପରିଷଦ ଓ ନ୍ୟାସ୍‌ନାଲିଷ୍ଟ କଂଗ୍ରେସ ପାର୍ଟି ଓ ବିଜୁ ଜନତା ଦଳର କେନ୍ଦ୍ରାପଡା ଜିଲ୍ଲା ସଭାପତି ଓ ସର୍ବୋପରି ଏନ୍‌ସିପିର ରାଜ୍ୟ ସଭାପତି ଭାବେ କରିଥିବା କାର୍ଯ୍ୟ ବିଷୟରେ ନେତୃମଣ୍ଡଳୀ ସଭାରେ ଆଲୋଚନା କରିଥିଲେ । ଏହି ସ୍ମୃତିଚାରଣ ସଭାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ଅମର ଶତପଥୀ, ପ୍ରତାପ ଜେନା, ଆଳି ବିଧାୟକ ପ୍ରତାପ ଦେବ, କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ, ଭୁବନେଶ୍ୱର ବିଧାୟକ ବାବୁ ସିଂହ, ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକଙ୍କ ସମେତ ପୂର୍ବତନ ବିଦାୟକ ସିପ୍ରା ମଲ୍ଲିକ, ବରିଷ୍ଠ ସାମ୍ବାଦିକ ପରୀକ୍ଷିତ ପାତ୍ର, ଆଇନଜୀବୀ ଉମେଶ ସିଂହ, ସୁବ୍ରତ ସାମଲ, ରମଣୀ ରଞ୍ଜନ ରାଉତ, ଆଦିକନ୍ଦ ରାଉଳ, ମନିସା ପଣ୍ଡା, କେନ୍ଦ୍ରାପଡା ପୂର୍ବତନ ପୌରାଧ୍ୟକ୍ଷ ଆକବର ଅଲ୍ଲୀ, ହିବଜୁର ରହେମାନ, କୁନା ବିହାରୀ ଦାସ, ବିଜୁ ଜନତା ଦଳ ନେତା ସିଦ୍ଧାର୍ଥ ଦାସ, ରାଇରଙ୍ଗପୁର ନେତା ମନୁ ଚୌଧୁରୀ, ଭୁବନେଶ୍ୱରର ଟୁଲୁ ଲେଙ୍କା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ୍ତ ମହାନ୍ତି, ନିର୍ମଳା ମହାନ୍ତି, ଆଳିର ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭୀଷ୍ମ ମହାନ୍ତି, ପ୍ରଦ୍ୟୁମ୍ନ ଦାଶ, ମାର୍ଶାଘାଇର ପୂର୍ବତନ ବ୍ଲକ ଅଧ୍ୟକ୍ଷ ନବଘନ ନାୟକ, କେନ୍ଦ୍ରାପଡା ଜିଲ୍ଲା ପରିଷଦ ଅଧ୍ୟକ୍ଷ ଲିଲିତା ଦାସ, ତୁଷାରକାନ୍ତି, ରେଭେନ୍ସା କଲେଜର ପୂର୍ବତନ ସଭାପତି ଶୁଭେନ୍ଦୁ ମହାନ୍ତି, କୃଷ୍ଣଚନ୍ଦ୍ର ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟ ରଶ୍ମି ରଞ୍ଜନ ରାଉତ, ଧନେଶ୍ୱର ସେଠୀ, ଉପାଧ୍ୟକ୍ଷ ଦେବାଶୀଷ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିବା ବେଳେ ମହେନ୍ଦ୍ର ସିଂହ, ଅଶ୍ୱିନୀ ମହାନ୍ତି, ମହେନ୍ଦ୍ର ରାଉତ, ବିଭୁଦେନ୍ଦୁ ପଣ୍ଡା, ଚାନ୍ଦୋଳ ସରପ ସୁରେନ୍ଦ୍ର ନାଥ ମଲ୍ଲିକ, ଚନ୍ଦ୍ରଶେଖର ଦାସ ପ୍ରମୁଖ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କାର୍ତିକ ନାୟକ, ନଳିନୀକାନ୍ତ ସ୍ୱାଇଁ, ପ୍ରଦୀପ ଜେନା, ପ୍ରଶାନ୍ତ ଦାସ, ଅବନୀ ଜେନା, ରଞ୍ଜନ ସାହୁ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଜ୍ୱାଇଁ ତରୁଣ ବାରିକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଙ୍ଗୁର ଖାଇଲେ ମିଳିବ ଏହି ସବୁ ସୁବିଧା: ଏଥିରେ ଥିବା ପଟାସିୟମ୍, ମିନେରାଲ୍ ରକ୍ତରେ ଜଳୀୟ ଅଂଶକୁ ନିୟନ୍ତ୍ରଣ କରେ



ଆପଣଙ୍କୁ ଖଟା ଓ ମିଠା ମିଶା କିଛି ଫଳ ଯଦି ଖାଇବାକୁ ଭଲ ଲାଗେ ତେବେ ଅଙ୍ଗୁର ଖାଆନ୍ତୁ। ଟିକେ ଖଟା ଓ ଟିକେ ମିଠା ଲାଗୁଥିବା ଏହି ଫଳଟି ପ୍ରାୟ ଅଧିକାଂଶ ଲୋକଙ୍କ ପ୍ରିୟ। ଏଥିରେ ଅନେକ ଭଲ ଗୁଣ ରହିଛି। ଏଥିରେ ଥିବା ପଟାସିୟମ୍, ମିନେରାଲ୍ ରକ୍ତରେ ଜଳୀୟ ଅଂଶକୁ ନିୟନ୍ତ୍ରଣରେ ରଖେ। ପଟାସିୟମ ଉଚ୍ଚ ରକ୍ତଚାପକୁ ହ୍ରାସ କରିବା ସହ ହୃଦ୍ ରୋଗୀଙ୍କ ପାଇଁ ମଧ୍ୟ ଖୁବ୍ ସୁଫଳ ପ୍ରଦାନ କରିଥାଏ। କିଛି ଲୋକଙ୍କ ଶରୀରକୁ ଆବଶ୍ୟକୀୟ ପରିମାଣର ନ୍ୟୁଟ୍ରିଏଣ୍ଟସ୍ ମିଳିନଥାଏ, ଅଙ୍ଗୁର ଖାଇବା ଦ୍ୱାରା ସେ ସମସ୍ୟା ବି ସମାଧାନ ହୋଇଯାଏ। ଅଙ୍ଗୁର ଯେ କେବଳ ଆପଣଙ୍କୁ ସୁସ୍ଥ ରଖେ ତା ନୁହେଁ, ଏହାକୁ ଖାଇବା ଦ୍ୱାରା ସ୍ମରଣ ଶକ୍ତି ମଧ୍ୟ ବୃଦ୍ଧି ପାଇଥାଏ। ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ସହ କର୍କଟ ସହ ଲଢ଼ିବାର ସାମର୍ଥ୍ୟ ରଖେ। ଶରୀରରୁ କୋଲେଷ୍ଟ୍ରଲ୍ ସ୍ତର କମ୍ କରିବା ସହ ମଧୁମେହ ରୋଗୀଙ୍କ ପାଇଁ ମଧ୍ୟ ଏହା ଏକ ଉପକାରୀ ଫଳ। ହାଡ଼କୁ ମଧ୍ୟ ମଜବୁତ୍ କରିଥାଏ। ତେବେ, ଅଙ୍ଗୁରକୁ ଆପଣ ବିଭିନ୍ନ ଉପାୟରେ ଖାଇପାରିବେ। ଅଙ୍ଗୁରକୁ ଖାଲି ଖାଇପାରିବେ। ଜୁସ୍ କରି ମଧ୍ୟ ପିଇପାରିବେ। ଏହାକୁ ଶୁଖାଇ କିସ୍‌ମିସ୍ ବନାଇବା ମଧ୍ୟ ଖୁବ୍ ସହଜ। ଯଦି ଆପଣ ରାନ୍ଧି କରି ଖାଇବାକୁ ଚାହାନ୍ତି ତ ଅଙ୍ଗୁ ଖଟା ବି କରିପାରିବେ। ଫଳ ସାଲାଡ୍‌ରେ ଅଙ୍ଗୁର ମିଶାଇଲେ ଏହାର ସ୍ୱାଦ ଖୁବ୍ ବଢ଼ିଯାଏ।

# ସବୁଜ ଓ ହଳଦିଆ ରଙ୍ଗର କଦଳୀ ଅପେକ୍ଷା ନାଲି କଦଳୀ ସ୍ୱାସ୍ଥ୍ୟକୁ ଦିଏ ଏସବୁ ଫାଇଦା



କଦଳୀ ହେଉଛି ଏମିତି ଏକ ଫଳ ଯାହା ପ୍ରତି ଋତୁରେ ମିଳିଥାଏ । ଫାଇବର, ଭିଟାମିନ୍, ମିନେରାଲସ ଭରପୁର ଥିବା କଦଳୀରେ ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ । କଦଳୀରେ, ଆଣ୍ଟିଅକ୍ସିଡାଣ୍ଟ, ଫାଇବର ଏବଂ ଆଇରନ୍ ପ୍ରଚୁର ପରିମାଣରେ ଥାଏ, ଯାହା କିଡନୀ, ହୃତପିଣ୍ଡ ଏବଂ ହଜମ ପ୍ରକ୍ରିୟା ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ। ଏଭଳି ପରିସ୍ଥିତିରେ କିଛି ଲୋକ ନିୟମିତ ଭାବରେ କଦଳୀ ଖାଇଥା'ନ୍ତି। ଆପଣ ନିଶ୍ଚୟ ସବୁଜ ଏବଂ ହଳଦିଆ ରଙ୍ଗର କଦଳୀ ଦେଖିଥିବେ । କିନ୍ତୁ ଆପଣ କେବେ ନାଲି ରଙ୍ଗର କଦଳୀ ଦେଖିଛନ୍ତି କି ? ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ହଳଦିଆ କଦଳୀ ଅପେକ୍ଷା ଲାଲ କଦଳୀରେ ଅଧିକ ପୋଷକ ତତ୍ତ୍ୱ ମିଳିଥାଏ । ଏହି କାରଣରୁ ନାଲି କଦଳୀ ଖାଇବା ଦ୍ୱାରା ଅନେକ ଗୁରୁତର ରୋଗରୁ ହୋଇନଥାଏ । ଲାଲ ରଙ୍ଗର କଦଳୀର ବିଶେଷତ୍ୱ ହେଉଛି ଯେ ଏହାର ଚୋପା ଲାଲ ରଙ୍ଗର ହୋଇଥିଲେ ବି ଏହାର ସ୍ୱାଦ ଅନ୍ୟ କଦଳୀ ଭଳି ସମାନ । ଦକ୍ଷିଣ-ପୂର୍ବ ଏସିଆରେ ଏହାର ବହୁଳ ଚାଷ କରାଯାଉଥିବାବେଳେ ମଧୁମେହ ରୋଗୀମାନେ ନାଲି କଦଳୀ ମଧ୍ୟ ଖାଇପାରିବେ। ଏହାକୁ ପ୍ରତିଦିନ ସୀମିତ ପରିମାଣରେ ଖାଇବା ଦ୍ୱାରା ରକ୍ତ ଶର୍କରା ସ୍ତର ନିୟନ୍ତ୍ରଣରେ ରହିଥାଏ । ଲାଲ୍ କଦଳୀରେ ଗ୍ଲାଇସେମିକ୍ ଇଣ୍ଡେକ୍ସ କମ୍ ଥିବାରୁ ଏହା ମଧୁମେହ ରୋଗୀଙ୍କ ପାଇଁ ଲାଭଦାୟକ ହୋଇଥାଏ । ଲାଲ୍ କଦଳୀରେ ପୋଟାସିୟମ୍ ପ୍ରଚୁର ପରିମାଣରେ ମିଳିଥାଏ । ଉଚ୍ଚ ରକ୍ତଚାପ ସମସ୍ୟା ଥିବା ରୋଗୀମାନେ ମଧ୍ୟ ବିନା ଦ୍ୱିଧାରେ ଏହି କଦଳୀ ଖାଇପାରିବେ । ଦୃଷ୍ଟି ଶକ୍ତି କମ ଥିବା ବ୍ୟକ୍ତିମାନେ ମଧ୍ୟ ଏହି କଦଳୀ ଖାଇବା ଉଚିତ୍ । କାରଣ ଭିଟାମିନ୍ ଏ ଲାଲ୍ କଦଳୀରେ ପ୍ରଚୁର ପରିମାଣରେ ମିଳିଥାଏ । ଲାଲ୍ କଦଳୀ ଖାଇବା ଦ୍ୱାରା ହାଡ ମଧ୍ୟ ମଜବୁତ ହୋଇଥାଏ । ନାଲି କଦଳୀରେ କାର୍ବୋହାଇଡ୍ରେଟ୍ ଅଧିକ ପରିମାଣରେ ଥିବାବେଳେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଲାଲ କଦଳୀ ମଧ୍ୟ କର୍କଟ ଭଳି ମାରାତ୍ମକ ରୋଗର ଆଶଙ୍କା ହ୍ରାସ କରିଥାଏ ।

## ଅତ୍ୟଧିକ ଚା' ଓ ଦାନ୍ତ କ୍ଷୟ

ମନକୁ ଟିକେ ହାଲକା କରିବା ପାଇଁ ଅମେ ଚା' କିମ୍ବା କଫି ପିଇଥାଉ । କିନ୍ତୁ ଏହା ଯଦି ଅଭ୍ୟାସରେ ପରିଣତ ହୁଏ ଏବଂ ଜଣେ ବ୍ୟକ୍ତି ଦିନକୁ ଅଧିକ ଥର ଚା' ପିଅନ୍ତି ତେବେ ତାହାର ପ୍ରଭାବ ଦାନ୍ତ ଉପରେ ପଡ଼ିଥାଏ । ଆବଶ୍ୟକତାଠାରୁ ପ୍ରତିଦିନ ଅଧିକ ଥର ଚା' ପିଇଲେ ଦାନ୍ତ କ୍ଷୟ ହେବା ଆଶଙ୍କା ରହିଛି ବୋଲି ସତର୍କ କରାଇ ଦେଇଛନ୍ତି ବୈଜ୍ଞାନିକମାନେ । ପ୍ରତିଦିନ ଅତିକମ୍‌ରେ ୧୦/୧୨ଥର ଚା'ପିଇଲେ ତାହାର ପ୍ରଭାବ କେବଳ ଦାନ୍ତ ନୁହେଁ ଅସ୍ଥି ଉପରେ ମଧ୍ୟ ପଡ଼ିଥାଏ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ।



# ଏହି ସବୁ ଖାଦ୍ୟ ଦୈନିକ ଖାଆନ୍ତୁ ନାହିଁ: ଅନେକ ଅସୁବିଧାର ହୋଇପାରନ୍ତି ସମ୍ମୁଖୀନ

**ଶରୀରର ହାଡ଼କୁ ମଜଭୁତ ରଖିବା ପାଇଁ ଆମକୁ କ୍ୟାଲସିୟମ୍ ଓ ଭିଟାମିନ୍ ଡି'ର ଖୁବ୍ ଆବଶ୍ୟକତା ରହିଛି । କିନ୍ତୁ ଦିନ ସାରା ଆମେ ବହୁ ଏମିତି ଖାଦ୍ୟ ଖାଇଥାଉ ଯାହା ଦ୍ୱାରା ହାଡ଼ ଦୁର୍ବଳ ହୋଇଯାଏ । ସେହି ସବୁ ଖାଦ୍ୟ ସଂପର୍କରେ ନିମ୍ନରେ ଉଲ୍ଲେଖ କରାଯାଇଛି ।**

♦ ନମ୍କିନ୍ (ଖଟାମିଠା), ଚିପ୍ସ ଭଳି ସ୍ନାକ୍ସରେ ସୋଡିୟମର ମାତ୍ରା ବହୁ ଅଧିକ ଥାଏ। ଏହାକୁ ଅଧିକ ଖାଇଲେ ଶରୀରର କ୍ୟାଲସିୟମ୍ ମୂତ୍ରାଶୟରୁ ବାହାରକୁ ପଳାଇ ଯାଇଥାଏ, ଯାହା ଦ୍ୱାରା ହାଡ଼ ଦୁର୍ବଳ ହୋଇଯାଏ।

♦ ଚିନିଜାତୀୟ ଖାଦ୍ୟ ଓ ପାନୀୟରେ ଫସଫରିକ୍ ଏସିଡ୍ ଭଳି ରାସାୟନିକ ପଦାର୍ଥ ବହୁ ମାତ୍ରାରେ ଥାଏ। ଏହାକୁ ଅଧିକ ମାତ୍ରାରେ ଖାଇଲେ ହାଡ଼ ଦୁର୍ବଳ ହୋଇଯାଏ। ଏମିତିରେ ହାଡ଼ ଭାଙ୍ଗିବା ସମସ୍ୟା ବଢ଼ିପାରେ।

♦ ପ୍ୟାକେଟରେ ଆସୁଥିବା ତିଆରି ହୋଇଥିବା ଖାଦ୍ୟରେ ସୋଡିୟମର ମାତ୍ରା ଅଧିକ ରହିଥାଏ। ଏହା ଶରୀରରେ କ୍ୟାଲସିୟମ୍‌ର ମାତ୍ରା କମ୍ କରିଥାଏ। ଏହା ଯୋଗୁ ହାଡ଼ ଦୁର୍ବଳ ହୋଇଥାଏ।



♦ ବର୍ଗର, ପିଜା, ପାସ୍ତା ଆଦି ଜଙ୍କ୍ ଫୁଡ୍‌ରେ ସୋଡିୟମ୍ ଅନେକ ମାତ୍ରାରେ ଥାଏ। ଏହା ମଧ୍ୟ ଶରୀରରେ କ୍ୟାଲ୍ସିୟମ୍‌ର ମାତ୍ରାକୁ କମ୍ କରିଥାଏ, ଯାହାଦ୍ୱାରା ହାଡ଼ ଦୁର୍ବଳ ହୋଇଥାଏ।

# ଆପଣଙ୍କ ହାତରେ ରହିଛି କି ଏପରି ରେଖା ? ଜୀବନରେ ପାର୍ଟନରର ମିଳିବ ଭରପୂର ସହଯୋଗ

**ହସ୍ତରେଖା ଶାସ୍ତ୍ର ଏମିତି ଏକ ବିଦ୍ୟା ଯେଉଁଠି ବ୍ୟକ୍ତିର ହାତରେ ଥିବା ରେଖା ଓ ଚିହ୍ନକୁ ଦେଖି ତାର ଭଲ-ମନ୍ଦ,ଗୁଣ, ସ୍ୱଭାବ,ପସନ୍ଦ-ଅପସନ୍ଦ ଓ ଭବିଷ୍ୟତ ସମ୍ପର୍କରେ କୁହାଯାଇପାରେ । ହସ୍ତ ରେଖା ଶାସ୍ତ୍ର ଅନୁଯାୟୀ କିଛି ଏମିତି ଖାସ ରେଖା ଅଛି ଯାହା ବ୍ୟକ୍ତିକୁ ଶୁଭ ଓ ଅଶୁଭ ଫଳ ପ୍ରଦାନ କରିଥାଏ। ହାତରେ ଏମିତି କିଛି ରେଖା ଥାଏ ଯାହା ବ୍ୟକ୍ତିର ସ୍ୱାସ୍ଥ୍ୟ, ସ୍ୱଭାବ, କାରିଅର, ଧନ ଓ ବୈବାହିକ ଜୀବନ ସମ୍ପର୍କରେ ବହୁତ ସୂଚନା ଦେଇଥାଏ । ଚନ୍ଦ୍ର ପର୍ବତରୁ ବାହାରିଥିବା ରେଖାର କିଛି ଖାସ କଥା ରହିଛି । ଆସନ୍ତୁ ଜାଣିବା କ'ଣ କହୁଛି ଏହି ରେଖା ।**

– ଯଦି ଚନ୍ଦ୍ର ପର୍ବତ ଠାରୁ କୌଣସି ଭାଗ୍ୟ ରେଖା ବାହାରି ଶନି ପର୍ବତ ପର୍ଯ୍ୟନ୍ତ ଯାଇଥାଏ, ତେବେ ଏହାକୁ ବହୁତ ଶୁଭ ମନାଯାଇଥାଏ। ଏପରି ଲୋକଙ୍କୁ ବିଦେଶରୁ ଖୁବ ଅର୍ଥ ମିଳିଥାଏ।

– ହସ୍ତରେଖା ଶାସ୍ତ୍ର ଅନୁସାରେ ବ୍ୟକ୍ତିର ହାତରେ ଥିବା ଚନ୍ଦ୍ର ପର୍ବତର ବହୁତ ମହତ୍ୱ ରହିଥାଏ । ଯଦି କୌଣସି ବ୍ୟକ୍ତିର ହାତରେ ଚନ୍ଦ୍ର ପର୍ବତରୁ ଭାଗ୍ୟ ରେଖା ବାହାରିଥାଏ, ତେବେ ଏପରି ବ୍ୟକ୍ତିଙ୍କ ବିବାହ ପରେ ଜୀବନସାଥୀର ସହଯୋଗରେ ବହୁତ ଉନ୍ନତି ମିଳିଥାଏ।

– କୁହାଯାଏ କି ଯେଉଁ ଲୋକଙ୍କ ହାତରେ ଭାଗ୍ୟ ରେଖା ଯେତେ ସ୍ପଷ୍ଟ ହୋଇଥାଏ, ତାଙ୍କୁ ନିଜର ଜୀବନରେ ସେତେ ଶୁଭ ପରିଣାମ ମିଳିଥାଏ । ଏମିତି ଲୋକ ନିଜର କାର୍ଯ୍ୟକ୍ଷେତ୍ରରେ ସଫଳତା ସହ ବହୁତ ଧନ ପ୍ରାପ୍ତି କରିଥାନ୍ତି । ସେହିପରି ହାତରେ ଏକରୁ ଅଧିକ ଭାଗ୍ୟ ରେଖା ହେଲେ ବ୍ୟକ୍ତିଙ୍କୁ ବହୁ ସ୍ରୋତରୁ ଅର୍ଥ ମିଳିଥାଏ ।



# କିପରି ନେବେ ଯାଆଁଳା ଶିଶୁଙ୍କ ଯତ୍ନ ? ଜାଣନ୍ତୁ ଏହି ଟିପ୍ସ



ଆଜିକାଲି ବହୁତ ଯାଆଁଳା ଶିଶୁ ଜନ୍ମ ହେଉଛନ୍ତି । ହେଲେ ଏକାସଂଗରେ ସେମାନଙ୍କ ଯତ୍ନନେବା କଷ୍ଟକର ହୋଇଥାଏ। ଯେଉଁମାନେ ଜଏଣ୍ଟ ଫ୍ୟାମିଲରେ ରହିଥିବେ ସେମାନଙ୍କୁ ଦୁଇ ଶିଶୁର ଏକାସଂଗେ ଯତ୍ନନେବା ସହଜ ହୋଇଥାଏ । କିନ୍ତୁ ଯେଉଁମାନେ ଛୋଟ ପରିବାର ଯେକି କେବଳ ସ୍ୱାମୀ, ସ୍ତ୍ରୀ ଥାଆନ୍ତି ସେମାନଙ୍କ ପକ୍ଷେ ଯତ୍ନନେବା ବହୁତ କଷ୍ଟସାଧ୍ୟ ହୋଇଥାଏ । ବାସ୍ତବରେ ଯାଆଁଳା ଶିଶୁଙ୍କୁ ସବୁବେଳେ ଧ୍ୟାନ ଦେବାକୁ ପଡିବ ଯେମିତି ସେମାନଙ୍କର ଖାଇବା, ପିଇବା, ଗାଧୋଇବା ଏବଂ ଶୋଇବା ଆଦି ସବୁକିଛି । ଯାହା ସମସ୍ତଙ୍କ ପାଇଁ ସହଜ ହୋଇନଥାଏ । ଏପରି ପରିସ୍ଥିତିରେ ଆପଣ କିଛି ଗୁରୁତ୍ୱପୂର୍ଣ୍ଣ ଟିପ୍ସକୁ ଆପଣାନ୍ତୁ। ଯାଆଁଳା ପିଲା ସାଧାରଣତଃ ବେଶି କନ୍ଦାକଟା କରିଥାନ୍ତି । ସେମାନଙ୍କୁ ସମ୍ଭାଳିବା କଷ୍ଟ ହୋଇଥାଏ । ଏପରି ପରିସ୍ଥିତିରେ, ଯଦି ଆପଣ କିଛି ଛୋଟ ଛୋଟ ଜିନିଷର ଯତ୍ନ ନେବେ, ତେବେ ଯାଆଁଳା ପିଲାମାନଙ୍କର ଯତ୍ନ ନେବା ଆପଣଙ୍କ ପାଇଁ ଅତି ସହଜ ହୋଇଯିବ । ଆପଣ ରୁଟିନ୍ ସେଟ୍ କରନ୍ତୁ । ଆପଣ ପିଲାମାନଙ୍କର ଖାଇବା, ପିଇବା, ଗାଧୋଇବା ଏବଂ ଶୋଇବାର ନିତ୍ୟକର୍ମ ଏକ ନିର୍ଦ୍ଦିଷ୍ଟ ସମୟରେ କରନ୍ତୁ । ଯାହାଫଳରେ କି ପିଲାମାନଙ୍କ ଭୋକ, ଶୋଇବା, ଉଠିବାର ସମୟ ଆପଣ ଜାଣିପାରିବେ । ଆପଣ ବାକି ଅନ୍ୟ କାମ ସବୁକୁ ସହଜରେ କରିପାରିବେ । ଶିଶୁମାନଙ୍କୁ କ୍ଷୀର ଖୁଆଇବା ସମୟରେ ଦୁଇଟି ତକିଆ ମଧ୍ୟ ବ୍ୟବହାର କରନ୍ତୁ ।



# କଣ ରହିଛି ନଡ଼ିଆ ପାଣି ପିଇବାର ସଠିକ୍ ସମୟ ?: ନହେଲେ ହେଇପାରେ ଏଭଳି ସମସ୍ୟା

ନଡ଼ିଆ ପାଣି ସ୍ୱାସ୍ଥ୍ୟ ପାଇଁ ବହୁତ ଉପକାରୀ ବୋଲି କୁହାଯାଏ । ଏହା ଗରମ ଦିନରେ ବହୁତ ଆରାମ ଦେଇଥାଏ , କିନ୍ତୁ ଜାଣିଛନ୍ତି କି ଏହାକୁ ପିଇବାର ସଠିକ ସମୟ କଣ ? ଗରମ ଦିନରେ ଥଣ୍ଡା ପିଇବାର ମଜା ହିଁ କିଛି ଅଲଗା ହୋଇଥାଏ, ଯେମିତିକି ନଡ଼ିଆର ପାଣି । ଆପଣମାନେ ନଡ଼ିଆ ପାଣି ପିଇବାର ଫାଇଦା ତ ଜାଣିଛନ୍ତି, ସେ ପେଟକୁ ଥଣ୍ଡା କରିବା ସହିତ ଶରୀରକୁ ଆରାମ ମଧ୍ୟ ଦେଇଥାଏ । ଏହା ସହିତ ସେ ଜଳ ଶୂନ୍ୟତାକୁ ଦୂର କରିଥାଏ ଏବଂ ଚର୍ମ ପାଇଁ ମଧ୍ୟ ବହୁତ ଉପକାରୀ ଅଟେ । ଯାହା ବି ହେଉ ଗରମ ଦିନରେ ଆମେ ଅଧିକ ନଡ଼ିଆ ପାଣି ସେବନ କରିଥାଉ, କିନ୍ତୁ ନଡ଼ିଆ ପାଣି କିଛି ଲୋକଙ୍କ କ୍ଷତି ମଧ୍ୟ କରିଥାଏ । ସଠିକ ସମୟରେ, ସଠିକ ଉପାୟରେ ଏବଂ ସଠିକ ପରିମାଣରେ ନଡ଼ିଆ ପାଣି ପିଇବା ଆବଶ୍ୟକ । ସୂଚନା ଅନୁଯାୟୀ ନଡ଼ିଆ ପାଣି ପିଇବା ଦ୍ୱାରା ନିମ୍ନ ରକ୍ତଚାପ, ବିଭିନ୍ନ ପେଟ ଯନ୍ତ୍ରଣା , ଥଣ୍ଡା-କାଶ-ଜ୍ୱର , ଓଜନ ବଢିବାର ମଧ୍ୟ ସମସ୍ୟା ଇତ୍ୟାଦି ଦେଖାଦେଇଥାଏ । ଏହାକୁ ଅଧିକ ପରିମାଣରେ ସେବନ କରିବା ଦ୍ୱାରା କିଛି ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ । ଯେଉଁ ବ୍ୟକ୍ତି ମାନଙ୍କର ଠାରେ ସୁଗର ଭଳି ରୋଗ ଥାଏ,ସେମାନେ ପଇଡ଼ ପାଣି ପିଇବା ଉଚିତ ନୁହେଁ । କାରଣ ଏହା ଦ୍ୱାରା ସୁଗରର ସ୍ତର ଶୀଘ୍ର ବଢିଥାଏ । ଯଦି ଶରୀରରେ କୌଣସି ତତ୍ତ୍ୱ ବଢିଯାଏ ତେବେ ଶରୀରରୁ ପାଣି ସୁଖିବାରେ ଲାଗିଥାଏ । ଯାହାଫଳରେ କି ଡ଼ାଇରିଆ ହେବାର ସମ୍ଭାବନା ଥାଏ ।





ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର ୪
୦୪ ନଭେମ୍ବର ୨୦୨୪, ସୋମବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# କ୍ଷୁଧା ଓ ଦାରିଦ୍ର୍ୟର ଅନ୍ତ କେବେ ?

ଏକ ଦାରିଦ୍ର୍ୟଶୂନ୍ୟ ଓ କ୍ଷୁଧାମୁକ୍ତ ସମାଜ ଗଠନର କଥା ଚିନ୍ତା କଲାବେଳେ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ କଥା ଆପେ ଆପେ ମନକୁ ଆସିଯାଏ। ପରାଧୀନ ଭାରତରେ ଲୋକଙ୍କ ଦୁରବସ୍ଥାରେ ଖୁବ୍ ମ୍ରିୟମାଣ ହୋଇପଡ଼ିଥିବା କବିଙ୍କର କଲମରୁ ଦିନେ ସମବେଦନାର କରୁଣ ସ୍ୱର ଝରି ଆସିଥିଲା "ଅଙ୍ଗେ ନିଭାଉଛ କେତେ କି ଅବସ୍ଥା, ଅନ୍ନ ବସ୍ତ୍ର ଆଉ ହେବକି ହେ ଶସ୍ତା ? ବନ୍ଦୋବସ୍ତ ପରେ ଆସେ ବନ୍ଦୋବସ୍ତ, ପ୍ରଜାକୁଳ କ୍ରମେ ଭଜିଲେଣି ଅସ୍ତ। ସହି ନାନା ଦୁଃଖ ଯାତନା ସନ୍ତତ, ନାହିଁ ଆଉ ତୁମ ଶରୀରେ ରକତ।" ହେଲେ, ସ୍ୱାଧୀନତା ପ୍ରାପ୍ତିର ୭୭ବର୍ଷ ପରେ ବି ସେଇ ଅନ୍ନ, ବସ୍ତ୍ର, ବାସଗୃହ, ଶିକ୍ଷା ସ୍ୱାସ୍ଥ୍ୟ ଭଳି ପ୍ରଜାକୁଳର ସର୍ବନିମ୍ନ ଆବଶ୍ୟକତା ପୂରଣ ହୋଇପାରିନି ଦେଖିଲେ ଆଶ୍ଚର୍ଯ୍ୟ ଲାଗେ। ଦାରିଦ୍ର୍ୟ, ଦରବୃଦ୍ଧି, ବେକାରୀ ଆଦି ସମସ୍ୟାର ଦୂରୀକରଣ ସହ ମାଗଣା ଜମି, ଘର, ରାସନ, ପାଣି, ବିଜୁଳି ଆଦି ଯୋଗାଣର ନାରାବାଜି ଭିତରେ ସରକାର ପରେ ସରକାର କ୍ଷମତାସୀନ ହେଉଛନ୍ତି। ଦଳମତ ନିର୍ବିଶେଷରେ 'ଗରିବୀ ହଟାଓ'ର କଥା ସମସ୍ତେ କହୁଛନ୍ତି। ଯୋଜନା ପରେ ଯୋଜନା ପ୍ରସ୍ତୁତି ସହ ଏକ କ୍ଷୁଧାମୁକ୍ତ ଓ ଦାରିଦ୍ର୍ୟଶୂନ୍ୟ ସମାଜ ଗଠନ ପାଇଁ ପ୍ରତ୍ୟେକ ବର୍ଷ ଭାରତ ସହ ସମଗ୍ର ବିଶ୍ୱ ପାଳନ କରୁଛି ବିଶ୍ୱ ଖାଦ୍ୟ ଦିବସ, ଆନ୍ତର୍ଜାତିକ ଦାରିଦ୍ର୍ୟ ଦୂରୀକରଣ ଦିବସ ଏବଂ ଆହୁରି କେତେ କ'ଣ। ହେଲେ ଆଜିର ବାସ୍ତବିକତା ଭାରି ନିଷ୍ଠୁର ଓ ସ୍ୱର୍ଣ୍ଣକାତର ହେବା ସହ ସତ୍ୟଠାରୁ ବହୁ ଦୂରରେ। ପ୍ରତ୍ୟେକ ସରକାରଙ୍କର ବ୍ୟୟବହୁଳ ରଙ୍ଗିନ ବିଜ୍ଞାପନ ଓ ଆଡମ୍ବରପୂର୍ଣ୍ଣ ଉତ୍ସବ ପାଳନ ଭିତରେ ଦାରିଦ୍ର୍ୟ ଓ କ୍ଷୁଧା ଦୂରୀକରଣ ଯୋଜନାଗୁଡ଼ିକ ଗୋଟିଏ ପରେ ଗୋଟିଏ ପାଳି ପାଇଁ କେଉଁଠି ଯେମିତି ମୋଡ଼ିମକଚି ହେଇ ରହିଯାଉଛି। କ୍ଷୁଧା ଦୂର କରିବା, ଖାଦ୍ୟ ନିରାପତ୍ତା ସୁନିଶ୍ଚିତ କରିବା, ସୁସ୍ଥ ଖାଦ୍ୟ ଉପରେ ସଚେତନତା ସୃଷ୍ଟି କରି ପୁଷ୍ଟିହୀନତା ବିରୋଧରେ ସ୍ୱର ଉତ୍ତୋଳନ କରିବା, କୃଷି ଉତ୍ପାଦନ ବୃଦ୍ଧି କରିବା ଏବଂ ଏକ ସ୍ଥାୟୀ ଖାଦ୍ୟ ବ୍ୟବସ୍ଥାକୁ ସମର୍ଥନ କରିବା ପାଇଁ ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ ତରଫରୁ ପ୍ରତିବର୍ଷ ଅକ୍ଟୋବର ୧୬ରେ ବିଶ୍ୱ ଖାଦ୍ୟ ଦିବସ ପାଳନ କରାଯାଇଥାଏ। ସେହିଭଳି ବିଶ୍ୱରୁ ଦାରିଦ୍ର୍ୟ ଦୂରୀକରଣ ପାଇଁ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଜାତିସଂଘ ତରଫରୁ ପ୍ରତିବର୍ଷ ୧୭ ଅକ୍ଟୋବରକୁ ଆନୁଷ୍ଠାନିକ ଭାବେ ଆନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସ ରୂପେ ପାଳନ କରାଯାଏ। ଏହି ଅବସରରେ ଭାରତ ସହ ବିଶ୍ୱର ସମସ୍ତ ରାଷ୍ଟ୍ର ଉତ୍କଟ ଦାରିଦ୍ର୍ୟରୁ ଲୋକଙ୍କୁ ରକ୍ଷା କରିବା ପାଇଁ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ତଥା ପାରସ୍ପରିକ ସହଯୋଗ ଭିତ୍ତିରେ ବିଭିନ୍ନ କାର୍ଯ୍ୟପନ୍ଥା ଆପଣେଇଥାନ୍ତି। ଏବର୍ଷ ମଧ୍ୟ ଏହି ଦୁଇଟି ଦିବସକୁ ଭାରତ ସହ ବିଶ୍ୱର ପ୍ରାୟ ସମସ୍ତ ରାଷ୍ଟ୍ର ବିଭିନ୍ନ ସଭାସମିତି ଓ କର୍ମଶାଳାମାନ ଆୟୋଜନ କରି ଜନସଚେତନତା ସୃଷ୍ଟି କରିବା ପାଇଁ ଗଣମାଧ୍ୟମଗୁଡ଼ିକରେ ଖୁବ୍ ପ୍ରଚାର ପ୍ରସାର କରିଛନ୍ତି। ସମସ୍ତଙ୍କ ମଙ୍ଗଳ ଓ ମର୍ଯ୍ୟାଦା ସୁନିଶ୍ଚିତ କରିବା ପାଇଁ ପୁଷ୍ଟିକର, ସୁଲଭ ଓ ସ୍ଥାୟୀ ଖାଦ୍ୟର ଉପଲବ୍ଧତା ଉପରେ ଗୁରୁତ୍ୱାରୋପ କରି ବିଶ୍ୱ ଖାଦ୍ୟ ଦିବସ ୨୦୨୪ର ବିଷୟବସ୍ତୁ ଥିଲା ଉତ୍ତମ ଜୀବନ ଓ ଉତ୍ତମ ଭବିଷ୍ୟତ ପାଇଁ ଖାଦ୍ୟ ଅଧିକାର। ତଥ୍ୟାନୁଯାୟୀ, ପୃଥିବୀର ୨୦୨୩ର ବିଶ୍ୱ ଖାଦ୍ୟ ନିରାପତ୍ତା ଓ ପୋଷଣ ସ୍ଥିତି ମୁତାବକ ୨୦୧୯ରୁ ୨୦୨୩ ମଧ୍ୟରେ ଖାଦ୍ୟ ସଙ୍କଟର ସମ୍ମୁଖୀନ ହୋଇଥିବା ଲୋକଙ୍କ ସଂଖ୍ୟା ୧୨୨ ନିୟୁତ ବୃଦ୍ଧି ପାଇଛି। ଜାତିସଂଘର ତଥ୍ୟ ଅନୁସାରେ ସମଗ୍ର ବିଶ୍ୱରେ ସବୁଠାରୁ ଅଧିକ ଭୋକ ଉପାସରେ ରହୁଥିବା ପ୍ରାୟ ୩୫୦ ନିୟୁତ ଲୋକଙ୍କ ମଧ୍ୟରୁ ପ୍ରାୟ ୪୯ ନିୟୁତ ଲୋକ ବର୍ତ୍ତମାନ ଦୁର୍ଭିକ୍ଷର ସମ୍ମୁଖୀନ ହେଉଛନ୍ତି। ସମଗ୍ର ବିଶ୍ୱରେ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ନମିଳିବା କାରଣରୁ ପ୍ରତିଦିନ ପ୍ରାୟ ୭୩୩ ନିୟୁତ ଲୋକ କ୍ଷୁଧାର ସମ୍ମୁଖୀନ ହେଉଥିବା ବେଳେ, ୨୮୦ କୋଟିରୁ ଅଧିକ ଲୋକ ପୁଷ୍ଟିକର ଖାଦ୍ୟ ପାଇବାରୁ ବଞ୍ଚିତ। ଅଧିକନ୍ତୁ ଖାଦ୍ୟ ଓ କୃଷି ସଂଗଠନର ସୂଚନା ମୁତାବକ ପୁଷ୍ଟିହୀନତାର ଶିକାର ହେଉଥିବା ଅନ୍ୟୂନ ୮୨୦ ନିୟୁତ ଲୋକଙ୍କ ଭିତରୁ ୬୦% ମହିଳା ଥିବାବେଳେ, ୫ ବର୍ଷରୁ କମ୍ ବୟସର ପାଖାପାଖି ୫ ନିୟୁତ ଶିଶୁ ପୁଷ୍ଟିହୀନତା କାରଣରୁ ପ୍ରତିଦିନ ମୃତ୍ୟୁବରଣ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଭାରତର ସ୍ଥିତି ଅତ୍ୟନ୍ତ ଦୟନୀୟ। ୨୦୦୦ ମସିହାରେ ଭାରତର ସ୍କୋର ୩୮.୪ ଥିଲାବେଳେ, ୨୦୨୪ର ବିଶ୍ୱ କ୍ଷୁଧା ତାଲିକାରେ ୨୭.୩ ସ୍କୋର କରି ୧୨୭ଟି ରାଷ୍ଟ୍ର ମଧ୍ୟରେ ଭାରତ ୧୦୫ତମ ସ୍ଥାନରେ ରହିବା ଅତ୍ୟନ୍ତ ଚିନ୍ତାର ବିଷୟ। ଭାରତରେ ମୋଟ ଜନସଂଖ୍ୟାର ୧୩.୭% ଅପପୁଷ୍ଟିର ଶିକାର ହେଉଥିବାବେଳେ ୫ ବର୍ଷରୁ କମ୍ ବୟସର ୩୫.୫% ଶିଶୁ ପୁଷ୍ଟିହୀନ ଅଟନ୍ତି। ଏହି କ୍ରମରେ ଜାତିସଂଘର ଖାଦ୍ୟ ବର୍ଜ୍ୟବସ୍ତୁ ସୂଚକାଙ୍କ ୨୦୨୪ର ସବୁଠାରୁ ଆଶ୍ଚର୍ଯ୍ୟଜନକ ତଥ୍ୟ ହେଲା, ୨୦୨୨ରେ ବିଶ୍ୱରେ ୧୦୫ କୋଟି ଟନ୍, (ଯାହା ଭାରତରେ ୭.୮୨ଟନ୍) ଅର୍ଥାତ ମୁଣ୍ଡ ପିଛା ଅନ୍ୟୂନ ୧୩୨ କିଲୋଗ୍ରାମ (ଯାହା ଭାରତରେ ୫୫ କିଲୋଗ୍ରାମ) ଖାଦ୍ୟ ପଦାର୍ଥ ନଷ୍ଟ ହୋଇଛି ଯାହା ମୁଣ୍ଡ ପିଛା ଉପଲବ୍ଧ ଖାଦ୍ୟର ଏକ ପଞ୍ଚମାଂଶ। "କାହା କରମରେ ଖିରି ଖିରିସା କାହା କରମରେ ଲଡୁ, କାହା କରମରେ ଖାଡ଼ିଆ ଖଡ଼ା ଚୋବେଇ ଚୋବେଇ ମରୁ" ନ୍ୟାୟରେ କେଉଁଠି ପେଟଭୋକ ମେଣ୍ଟେଇବାକୁ ଲୋକେ ସଂଘର୍ଷରତ ତ ଆଉ କେଉଁଠି ଖାଦ୍ୟ ନଷ୍ଟ। ଏହି ବୈଷମ୍ୟ ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ବେଶୀ। ଠିକ୍ ସେହିପରି ଆନ୍ତର୍ଜାତିକ ଦାରିଦ୍ର୍ୟ ଦୂରୀକରଣ ଦିବସ ୨୦୨୪ର ବିଷୟବସ୍ତୁ ଥିଲା, "ସାମାଜିକ ଓ ଆନୁଷ୍ଠାନିକ ଦୁରାଚାର ଦୂରୀକରଣ ଏବଂ ସଠିକ, ଶାନ୍ତିପୂର୍ଣ୍ଣ ଓ ସମନ୍ୱିତ ସମାଜ ପାଇଁ ମିଳିତ କାର୍ଯ୍ୟକ୍ରମ"।

# ପ୍ରଦୂଷଣର ଭୟାବହତା ଓ ଜୀବନ



ଯଶସ୍ୱିନୀ ପଟ୍ଟନାୟକ

ରାଜଧାନୀ ଦିଲ୍ଲୀର ବାୟୁମଣ୍ଡଳରେ କିଛିଦିନ ତଳେ ସଂପ୍ରତି ପ୍ରଦୂଷଣର ମାତ୍ରା ସାଙ୍ଘାତିକ ଚିନ୍ତାଜନକ ସ୍ଥିତିରେ ପହଞ୍ଚିବା ପରେ ଏହାର ପ୍ରତିକାର ପାଇଁ ବିଭିନ୍ନ ସ୍ତରରେ ଉଦ୍ୟମ ଆରମ୍ଭ ହୋଇଯାଇଥିଲା। ଏବେ ଶୀତକାଳୀନ କୁହୁଡ଼ି ସହ ପ୍ରଦୂଷଣ ଏକ ପ୍ରକାର ସାଙ୍ଘାତିକ ପରିବେଶ ସୃଷ୍ଟି କରିଛି। ଦିଲ୍ଲୀ, ପଞ୍ଜାବ, ହରିଆନା ତିନୋଟି ରାଜ୍ୟ ଏହି ପ୍ରଦୂଷଣର ସାଂଘାତିକ ଭାବେ ଶିକାର ହେଉଛନ୍ତି। ଦିଲ୍ଲୀ ଓ ଜାତୀୟ ରାଜଧାନୀ ଅଞ୍ଚଳରେ ପ୍ରଦୂଷଣର ସ୍ଥିତି ଉଦ୍‌ବେଗଜନକ ଭାବେ ରହିଥିବାରୁ ଜାତୀୟ ମାନବାଧିକାର କମିଶନ ଏ କ୍ଷେତ୍ରରେ ହସ୍ତକ୍ଷେପ କରିଛନ୍ତି। ଉପରୋକ୍ତ ରାଜ୍ୟ ସରକାରମାନେ ପ୍ରଦୂଷଣ ନିୟନ୍ତ୍ରଣ କ୍ଷେତ୍ରରେ ପର୍ଯ୍ୟାପ୍ତ ପଦକ୍ଷେପ ନେଇ ନଥିବାରୁ ଓ ଏହା ଲୋକଙ୍କ ଜୀବନ ଧାରଣାର ଅଧିକାରକୁ ଉଲ୍ଲଂଘନ କରୁଥିବାରୁ କମିଶନ ନିଜ ଆଡୁ ମାମଲାକୁ ବିଚାର ପାଇଁ ଗ୍ରହଣ କରିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବ୍ୟବସ୍ଥା, ସଂସ୍ଥାମାନେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ତତ୍ପରତାର ସହ କାର୍ଯ୍ୟକରି ଲୋକଙ୍କୁ ବଡ଼ଧରଣର ସ୍ୱାସ୍ଥ୍ୟ ସଙ୍କଟରୁ ରକ୍ଷା କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଓ ତତ୍କାଳ ପଦକ୍ଷେପ ନିଅନ୍ତୁ। କେବଳ ଏହି ବର୍ଷ ନୁହେଁ ପ୍ରତିବର୍ଷ ଘନ କୁହୁଡି ଓ ବିଷାକ୍ତ ବାୟୁ ଲୋକମାନଙ୍କ ସ୍ୱାସ୍ଥ୍ୟ ପାଇଁ ବିପଦର କାରଣ ପାଲଟିଛି। ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ତତ୍କାଳ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକ୍ରମେ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ବିଧାନର ଧାରା ୨୧ ଓ ୪୮ ଅନୁଯାୟୀ ନାଗରିକ ମାନଙ୍କୁ ସ୍ୱଚ୍ଛ ବାତାବରଣର ହକ ଦେବାର ଦାୟିତ୍ୱ ସମ୍ପର୍କରେ ଟ୍ରିବ୍ୟୁନାଲ ସରକାରଙ୍କୁ ସୂଚୀତ କରିଛନ୍ତି। ସରକାର ଲୋକଙ୍କ ଠାରୁ ବଞ୍ଚିବାର ଅଧିକାର ଛଡ଼ାଇ ନେଉଛନ୍ତି ବୋଲି କହିଛନ୍ତି। କେନ୍ଦ୍ରୀୟ ପଲ୍ୟୁସନ୍ କଣ୍ଟ୍ରୋଲ ବୋର୍ଡ଼ର ତଥ୍ୟ ଅନୁଯାୟୀ ବିପଜ୍ଜନକ ଭାବେ ବାୟୁର ମାନ ବଢୁଛି। ଯେଉଁ ପିଏମ୍‌ସ୍ତର କେବଳ ୧୦୦ ହେବା ଆବଶ୍ୟକ ହୋଇଥିବାବେଳେ ତାହା ଗତ ସପ୍ତାହରେ ୯୮୬ ଥିଲା। ସେହିପରି ପିଏମ୍ ୨.୫ର ସ୍ତର ୬୦ ବଦଳରେ ୪୨୦ ହୋଇଯାଉଛି ବୋଲି ଟ୍ରିବ୍ୟୁନାଲ ଦର୍ଶାଇଥିଲେ। ସେହିପରି ୧୦ ବର୍ଷରୁ ପୁରୁଣା ଡିଜେଲ ଗାଡ଼ି ଓ ୧୫ ବର୍ଷର ପୁରୁଣା ପେଟ୍ରୋଲ ଗାଡ଼ିକୁ ଦିଲ୍ଲୀରେ ପ୍ରବେଶର ସୁଯୋଗ ନ ଦେବାକୁ ଟ୍ରିବ୍ୟୁନାଲ କହିଛନ୍ତି। ଗତ ସପ୍ତାହରେ ପଞ୍ଜାବୀବାଗରେ ଏୟାର କ୍ୱାଲିଟି ଇଣ୍ଡେକ୍ସ ୭୯୯ ରେକର୍ଡ଼ କରାଯାଇଥିଲା। ଏ ନେଇ ବିଶେଷଜ୍ଞମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ପ୍ରଦୂଷଣରୁ ରୋକିବା କେବଳ ସରକାର ବା କୋର୍ଟ କଚେରୀର କାମ ନୁହେଁ, ଏହା ସବୁ ଲୋକଙ୍କର ନୈତିକ ଦାୟିତ୍ୱ ଏବଂ କର୍ତ୍ତବ୍ୟ। ନିକଟରେ ପ୍ରକାଶ ପାଇଛି ଲାନ୍‌ସେଟ କମିଶନ ଅଫ୍ ହେଲଥ ଆଣ୍ଡ ପଲ୍ୟୁସନ୍ ରିପୋର୍ଟ। ଏଥିରେ ପ୍ରକାଶିତ ତଥ୍ୟ ଅନୁଯାୟୀ ପ୍ରଦୂଷଣଜନିତ ଅପମୃତ୍ୟୁ କ୍ଷେତ୍ରରେ ଭାରତ ସମଗ୍ର ବିଶ୍ୱରେ ସର୍ବାଗ୍ରେ ରହିଛି। ୨୦୧୯ରେ ପ୍ରଦୂଷଣ କାରଣରୁ ସାରା ବିଶ୍ୱରେ ୯.୪ ମିଲିଅନ୍ ଲୋକ ମୃତ୍ୟୁବରଣ କରିଥିବା ବେଳେ ଭାରତର ଏହି ସଂଖ୍ୟାରେ ଅଂଶ ହେଉଛି ୨.୭୪ ମିଲିଅନ୍। ପୁଣି ସବୁ ପ୍ରକାରର ପ୍ରଦୂଷଣ ଭିତରେ ବାୟୁ ପ୍ରଦୂଷଣ ହେଉଛି ସବୁଠୁ ବେଶୀ ମାରାତ୍ମକ। ଏଥିରେ ସେହି ବର୍ଷ ସମଗ୍ର ବିଶ୍ୱର ମୃତ୍ୟୁ ସଂଖ୍ୟା ଥିଲା ୭.୫ ମିଲିଅନ୍ ଏବଂ ଏଥିରେ ଭାରତର ଅଂଶ ଥିଲା ପ୍ରାୟ ୩୨ ପ୍ରତିଶତ ଅର୍ଥାତ୍ ୨.୪ ମିଲିଅନ୍।

ପ୍ରଦୂଷଣ କେବଳ ଯେ ପରିବେଶଜନିତ ପ୍ରସଙ୍ଗ ତାହା ନୁହେଁ। ଏହା ମନୁଷ୍ୟର ସ୍ୱାସ୍ଥ୍ୟ ଓ ସୁସ୍ଥ ଜୀବନଯାପନ ପ୍ରଣାଳୀ ଉପରେ ପ୍ରଭାବ ପକାଇଥାଏ। ଏହା ମଧ୍ୟରେ ଶେର ଅର୍ଥନୀତି ଏବଂ ସାମାଜିକ କ୍ଷେତ୍ର ମଧ୍ୟ ଅନ୍ତର୍ଭୁକ୍ତ। ପ୍ରଦୂଷଣ କାରଣରୁ ଭାରତ ଭଳି ନିମ୍ନ ମଧ୍ୟମ ଆୟକାରୀ ବର୍ଗର ରାଷ୍ଟ୍ରଗୁଡ଼ିକରେ ଉତ୍ପାଦନଗତ କ୍ଷତି ଦେଶର ଜିଡ଼ିପିର ୦.୩୨ ପ୍ରତିଶତରୁ ୦୪ ପ୍ରତିଶତ ପର୍ଯ୍ୟନ୍ତ ହୋଇଥାଏ। ରିପୋର୍ଟ ଅନୁସାରେ ଅଧିକାଂଶ ପ୍ରଦୂଷଣଜନିତ ମୃତ୍ୟୁ, ଅର୍ଥାତ୍ ୯୨ ପ୍ରତିଶତ ମୃତ୍ୟୁ, ଏହି ବର୍ଗର ଦେଶମାନଙ୍କରେ ହୋଇଥାଏ। ସ୍ୱାସ୍ଥ୍ୟଜନିତ ଜଟିଳ ସମସ୍ୟାମାନ ସୃଷ୍ଟି କରୁଥିବା ଯୋଗୁଁ ଏହା ମଧ୍ୟ ଲୋକମାନଙ୍କର ବ୍ୟୟଭାରକୁ ଯଥେଷ୍ଟ ବଢ଼ାଇ ଦେଇଥାଏ ଯାହା ପରୋକ୍ଷରେ ସେମାନଙ୍କୁ ଦାରିଦ୍ର୍ୟ ଭିତରକୁ ଠେଲି ଦେଇଥାଏ। ଏହା ଯଦି ହୃଦୟ ବା ହାର୍ଟ, ଫୁସ୍‌ଫୁସ୍ ଏବଂ ମସ୍ତିଷ୍କ ଭଳି ଶରୀରର ଅଙ୍ଗଗୁଡ଼ିକୁ ପ୍ରଭାବିତ କରେ, ତାହାଲେ ଛୋଟ ପିଲା ହୋଇଥିଲେ ସେମାନଙ୍କର ଅବବୋଧ/ସଜ୍ଞାନାତ୍ମକ ସାମର୍ଥ୍ୟ ଏବଂ ବୟସ୍କ ହୋଇଥିଲେ ସେମାନଙ୍କ ପ୍ରଜନନ କ୍ଷମତା ହ୍ରାସ ପାଇବାର ସମ୍ଭାବନା ବଢ଼ି ଯାଇଥାଏ। ମୋଟାମୋଟି ରିପୋର୍ଟରେ ପ୍ରାଣୀ ସମାଜ ଉପରେ ଅନିୟନ୍ତ୍ରିତ ପ୍ରଦୂଷଣର ଭୟାବହ ପରିଣତିକୁ ଦର୍ଶାଯାଇଛି। ତେଣୁ ଅର୍ଥନୀତିକ ଅଭିବୃଦ୍ଧି ନାଁରେ ମାନବ ସମାଜର ସ୍ୱାସ୍ଥ୍ୟ ଓ ମଙ୍ଗଳ ଉପରେ ଅତ୍ୟନ୍ତ ହାନିକାରକ ପ୍ରଭାବ ପକାଉଥିବା ପ୍ରଦୂଷଣକୁ ଅଣଦେଖା କରିବା ଉଚିତ ନୁହେଁ। ପ୍ରଦୂଷଣ ପ୍ରତିରୋଧ କରିବା କିପରି ବର୍ତ୍ତମାନ ସମୟରେ କେବଳ ଅତ୍ୟାବଶ୍ୟକ ନୁହେଁ, ଅପରିହାର୍ଯ୍ୟ ଏବଂ ଜାତୀୟ କାର୍ଯ୍ୟକ୍ରମରେ ଏହା କିପରି ପ୍ରାଥମିକତା ପାଇବା ଉଚିତ ତାର ସଙ୍କେତ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଏହି ରିପୋର୍ଟରୁ ମିଳେ। ପ୍ରଦୂଷଣକୁ ରୋକିବା ପାଇଁ କେବଳ ଆଇନକାନୁନ ତିଆରି କରିବା ବା କେତେକ ଉପର ଠାଉରିଆ ପଦକ୍ଷେପ ନେବା କି ଆଭିମୁଖ୍ୟ ଆପଣାଇବା ଯଥେଷ୍ଟ ନୁହେଁ। ବରଂ ପ୍ରଦୂଷଣର ମୁକାବିଲାକୁ ଦେଶର ଯୋଜନା ପ୍ରକ୍ରିୟାରେ ସାମିଲ କରିବା ଉଚିତ। ଏହା ସହିତ ପ୍ରତ୍ୟେକ ସ୍ତରରେ ସରକାରମାନେ ଏଥିପାଇଁ ହାସଲ କରିହେବା ଭଳି ଲକ୍ଷ୍ୟ ଧାର୍ଯ୍ୟ କରି ସେଥିପାଇଁ ନିର୍ଦ୍ଦିଷ୍ଟ ସମୟ ସୀମା ଓ ଉତ୍ତରଦାୟିତ୍ୱ ନେବାର ଆବଶ୍ୟକତା ରହିଛି। ପ୍ରଦୂଷଣ ପ୍ରତିରୋଧ ନିମନ୍ତେ ରହିଥିବା ଆଇନକାନୁନଗୁଡ଼ିକର ଘରୋଇ ଉଦ୍ୟୋଗ କ୍ଷେତ୍ର ତଥା ସହରାଞ୍ଚଳଗୁଡ଼ିକରେ କଡ଼ାକଡ଼ି କାର୍ଯ୍ୟାନ୍ୱୟନ ଏ ଦିଗରେ ବିଶେଷ ସହାୟକ ହୋଇପାରିବ। ବିଶ୍ୱ ପାଇଁ ସଂପ୍ରତି ଦୁଇଟି ପ୍ରମୁଖ ବିପଦ ଦେଖାଦେଇଛି। ତାହାହେଲା ସନ୍ତ୍ରାସବାଦ ଓ ବିଶ୍ୱତାପାୟନ ସହ ପରିବେଶ ପ୍ରଦୂଷଣ। ଆମକୁ ଯଦି ଆମର ଭବିଷ୍ୟତ ବଂଶଧରମାନଙ୍କ ପାଇଁ ଏକ ସୁରକ୍ଷିତ ଓ ଶୁଦ୍ଧ ବାତାବରଣବିଶିଷ୍ଟ ଭବିଷ୍ୟତ ସୃଷ୍ଟି କରିବାରେ ଅଛି ତାହେଲେ ଏହି ଉଭୟ ସମସ୍ୟାକୁ ପ୍ରାଥମିକତା ଦେଇ ଏହାକୁ ସମୂଳେ ବିଲୋପ କରିବାର ଆବଶ୍ୟକତା ରହିଛି। ସମାଜର ସବୁ ଲୋକ ଯଦି ଏକାଠି ହୋଇ କାର୍ଯ୍ୟ କରନ୍ତି ତାହାଲେ ପ୍ରଦୂଷଣର ମାତ୍ରା ହ୍ରାସ ହେବା ସହିତ ମାନବ ସମାଜର ମଙ୍ଗଳ ହୋଇପାରିବ ଏବଂ ଅର୍ଥନୀତିକ ଅଭିବୃଦ୍ଧି ହାସଲ ହେବା ଅସମ୍ଭବ ହେବନାହିଁ।

ଅଧକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ,
ସେକ୍ଟର-୮, ସିଡିଏ, କଟକ

# ନୂଆ ସରକାରଙ୍କ ଏବେ ଏବେ ଦୁଇଟି ନିଷ୍ପତ୍ତି ନିଶ୍ଚିତ ଗ୍ରହଣୀୟ ଏବଂ ସୁନ୍ଦର



ସୁବ୍ରତ କର

ଦୁଇଟି ନିଷ୍ପତ୍ତି ହେଲା ମଦ ବାରରେ ନାଚ ମନା, ଗୀତକୁ ଅନୁମତି ଏବଂ ଅନ୍ୟଟି ହେଲା ଆଉ ଯାତ୍ରାରେ ହେବନି ନଗ୍ନ ନୃତ୍ୟ। ଯଦି ସତରେ ଏହି ଦୁଇଟି ଘଟଣା ଘଟେ ବା ଘଟିବ ତେବେ ନିଶ୍ଚୟ ସାଢ଼େ ଚାରିକୋଟିରୁ କିଛି ଲୋକଙ୍କୁ ବାଦ୍ ଦେଲେ ନିଶ୍ଚିତ ସମସ୍ତେ ଖୁସି ହେବେ ଏବଂ ସମାଜରେ କିଛି ପରିମାଣରେ ଶାଳିନତା ଆସିବାରେ ସାହାଯ୍ୟ କରିବ। ଏବେ ଦେଖିବା ସରକାରଙ୍କ ନିଷ୍ପତ୍ତି ସବୁ କଣ ? ଗତ ଅଗଷ୍ଟ ୩୧ ତାରିଖରେ ଜାରି ୨୪-୨୫ ଆର୍ଥିକ ବର୍ଷର ଅବକାରୀ ନୀତିରେ ଡ୍ୟାନ୍ସବାର ଉପରେ ଥିବା କଟକଣାକୁ ସରକାର ବଳବତ୍ତର ରଖିଛନ୍ତି ମହିଳାମାନେ ନୃତ୍ୟଗୀତ ପରିବେଷଣ କରି ପାରିବେ ନାହିଁ କିନ୍ତୁ ବିଦେଶୀ ମଦ ବିକିବାକୁ ଅନସପ୍ ଲାଇସେନ୍ସଧାରୀ ବାରରେ ୨୧ବର୍ଷ ବୟସରୁ ଅଧିକ ମହିଳା ମ୍ୟୁଜିକାଲ କାର୍ଯ୍ୟକ୍ରମରେ ସାମିଲ ହୋଇ ପାରିବେ । ଏହି ସବୁ ଡ୍ୟାନ୍ସବାରକୁ ପରିଚାଳନା କରିବା ପାଇଁ ଆୟୁକ୍ତ ୨୧ଟି ସର୍ତ୍ତ ଆଧାରରେ ଅନୁମତି ଦେଇ ପାରିବେ। ଏହି ସବୁ ଡ୍ୟାନ୍ସବାରକୁ ପରିଚାଳନା କରିବା ପାଇଁ ଆୟୁକ୍ତ ୨୧ଟି ସର୍ତ୍ତ ଆଧାରରେ ଅନୁମତି ଦେଇ ପାରିବେ। ତନ୍ମଧ୍ୟରୁ ସିସିଟିଭି କ୍ୟାମେରା ୨୪ଘଣ୍ଟା ଚାଲିବ, ଏବଂ ଖୁବ କମରେ ୩ମାସ ରେକଡିଂ ସବୁ ଠିକ ଭାବରେ ରଖିବେ। ପ୍ରଦର୍ଶନକାରୀଙ୍କ ଭୋଟ ପରିଚୟପତ୍ର/ଆଧାରକାର୍ଡ ଦେବାକୁ ପଡ଼ିବ । ସବୁଠୁ ବଡ଼ ନିୟମ କରାହୋଇଛି ଯେ ପ୍ରଦର୍ଶନକାରୀଙ୍କ ପୋଷାକରେ ରହିବ ଶାଳୀନତା । ପୂର୍ବରୁ ଥିଲା ଚାର୍ଜସିଟ୍ ଅନୁମତି ମିଳିବ ନାହିଁ । ବାର ପରିସରରେ କାହାରିକୁ ସିଗାରେଟ୍ ସେବନ ଅନୁମତି ମିଳିବ ନାହିଁ । ଏହା ସହିତ ଅଗ୍ନିଶମ ପ୍ରମାଣପତ୍ର ଥିବା ମଧ୍ୟ ଜରୁରୀ । ଏତେ ସବୁ ସର୍ତ୍ତ ପାଳନ କରୁଥିବା ବାର ମାଲିକମାନେ ବାର ଚଳେଇ ପାରିବେ ।

ଏବେ ଆସିବା ସରକାରଙ୍କ ଆର ନିଷ୍ପତ୍ତି ଯାତ୍ରା ଜଗତ ଏବେ ଆମ ରାଜ୍ୟରେ ବହୁଳ ଭାବରେ ଗ୍ରହଣୀୟ ହୋଇପାରିଛି । ସିନେମାଠାରୁ ଯାତ୍ରାକୁ ସମସ୍ତେ ଏବଂ ସାରା ରାଜ୍ୟ ଅତି ଆଦରର ସହିତ ଗ୍ରହଣ କରିଛନ୍ତି । ଯାତ୍ରାର ଗୋଟାଏ ସୁବିଧା ହେଉଛି ଯେ କୌଣସି ଯାଗା ଗାଁ ହେଉ ବା ସହର ପର୍ବ ପାର୍ବଣ ବା ସାଧାରଣ ଦିବସରେ ମଧ୍ୟ ସାଧାରଣ ଜନତାଙ୍କ ପାଖରେ ପହଞ୍ଚି ପାରୁଛି । ଏହି ଜୀବନ୍ତ ନାଟକ ଜନତାଙ୍କ ସମ୍ମୁଖରେ ପରିବେଷଣ କରି ଯାତ୍ରା ଜଗତ ଖୁବ୍ ଲୋକପ୍ରିୟ ହୋଇପାରିଛି ଏବଂ ଜନତା ମଧ୍ୟ ଖୁବ୍ ଭଲ ଭାବରେ ଗ୍ରହଣ କରିଛନ୍ତି । ନାଟ୍ୟକାର ହୁଅନ୍ତୁ ବା କଳାକାର ଯେଉଁ ପ୍ରକାରର ବାର୍ତ୍ତା ଜନତାଙ୍କୁ ନେବେ ସେଇଟା ଅତିଶୀଘ୍ର ମନକୁ ଛୁଇଁବ ଏବଂ ଗ୍ରହଣୀୟ ହେବ । ଏହି ଜାଗାରେ ଆଇଟମ୍ ଡ୍ୟାନ୍ସକୁ ନେଇ ଅନେକ ସମୟରେ ବିବାଦ ଦେଖା ଦେଉଛି ଏବଂ ବିଶୃଙ୍ଖଳା ସୃଷ୍ଟି ହେଉଛି। ଏହାକୁ ରୋକିବା ପାଇଁ ରାଜ୍ୟ ସରକାର କଠୋର ହେବାକୁ ଯାଉଛନ୍ତି । ବିଶେଷ କରି ଅଶ୍ଳୀଳ ନୃତ୍ୟକୁ ନେଇ ସରକାର ଚିନ୍ତିତ । ଏହାକୁ ବନ୍ଦ କରିବା ପାଇଁ ସରକାର ଖୁବ୍ ଶୀଘ୍ର ଆଇନର ଆଶ୍ରୟ ନେବାକୁ ଯାଉଛନ୍ତି । ଯେତେ ଶୀଘ୍ର ଆଇନ ଲାଗୁ ହେବ ସମାଜ ଏହାକୁ ଖୁବ୍ ଭଲ ଭାବରେ ଗ୍ରହଣ କରିବ ଏବଂ ଏହି ଗୁଡ଼ିକ ସରକାର ଠିକ୍ ସେ କରିପାରିଲେ ନିଶ୍ଚୟ ସରକାରଙ୍କର ଆହୁରି ଲୋକପ୍ରିୟତା ବଢ଼ିବ ଏବଂ ଲୋକଙ୍କ ସରକାର ହୋଇ ପାରିବେ

# ବୁଡ଼ି ଯାଉଥିବା ଶିଳ୍ପ



ଗଙ୍ଗାଧର ରାଉତ

ହାଲୁକା କଥା ଅନେକ ବ୍ୟଥା

ଈଆମ ଓଡ଼ିଶା ଏକକୃଷି ଭିତ୍ତିକ ରାଜ୍ୟ।ରାଜ୍ୟର ସାଧାରଣ ଜନତାଙ୍କ ଆର୍ଥିକ ଅଭିବୃଦ୍ଧି ଲକ୍ଷ୍ୟରେ ସରକାରୀ ଓ ଘରୋଇ ମାଲିକାନାରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବହୁ କ୍ଷୁଦ୍ର ଓ ମଧ୍ୟମ କୃଷି ଭିତ୍ତିକଶିଳ୍ପ ପ୍ରତିଷ୍ଠା କରାଯାଇଥିଲା। ପର୍ଯ୍ୟାୟକ୍ରମେ ପରିଚାଳନାଗତ ବିଶୃଙ୍ଖଳା ହେଉ ଅବା ଶ୍ରମିକ ଅଶାନ୍ତି ହେଉ ତାହା ସ୍ଥଳବିଶେଷରେ ବନ୍ଦ ବା ରଗୁଣ ହୋଇଯାଇଛି। ବହୁ ମୂଲ୍ୟବାନ ଯନ୍ତ୍ରପାତି ସବୁ ଅକାମୀ ବା ନଷ୍ଟ ହୋଇ କବାଡ଼ିଆ ଙ୍କ ଗୋଦାମ କୁ ଚାଲିଯାଇଛି। କୋଣାର୍କ ଟିଭି ହେଉ ଅବା ସୁବର୍ଣ୍ଣା ତେଲ,ଓଟିଏମ୍, ବାରଙ୍ଗ କାଚ କାରଖାନା,ଚିନିକଳ, ସୂତାକଳ,ସବୁର ହିସାବ ଆଉ କାହା ପାଖରେ ନାହିଁ। ବର୍ତ୍ତମାନ କୁ ନେଇ ସମସ୍ତେ ବ୍ୟସ୍ତ ଓ ବିବ୍ରତ ଥିବା ଜଣାପଡିଛି।ସେହିପରି ଏକ ଅନୁଷ୍ଠାନ ସ୍ଥିତି ଜଣାଇବାର ଆବଶ୍ୟକତା ଉପଲବ୍ଧି କରି ଆଲୋଚନା କରୁଛୁ।

ଗ୍ରାମାଞ୍ଚଳର ଲୋକଙ୍କୁ ପାରମ୍ପରିକ ଚାଷ ଠାରୁ ଅଧିକ କିଛି ରୋଜଗାର କରିବାର ସ୍ୱପ୍ନ ଦେଖାଇବା ପାଇଁ ଗ୍ରାମାଞ୍ଚଳ ଭିତ୍ତିକ ଶିଳ୍ପ ର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବାଲେଶ୍ୱର ଜିଲ୍ଲା ର ରୂପସା ଠାରେ ୧୯୭୫ ମସିହାରେ ଏକ ଝୋଟ କାରଖାନା ପ୍ରତିଷ୍ଠା କରାଯାଇଥିଲା। ଏହି କାରଖାନାରେ ସମ୍ପୂର୍ଣ୍ଣ ଅଣ କୁଶଳୀ ଓ ପରବର୍ତ୍ତୀ ପର୍ଯ୍ୟାୟରେ ନିଜକୁ କୁଶଳୀ ଶ୍ରମିକ ଭାବେ ଗଢି ତୋଳି ଥିବା ଶ୍ରମିକ ମାନଙ୍କୁ କାମଧନ୍ଦା ଯୋଗାଇ ଦେବାପାଇଁ ଆଜକୁ ୫୦ ତଳେ କରାଯାଇଥିବା ଏହି କାରଖାନା ର ଆଲୁଅ ଏବେ ମିଞ୍ଜିମିଞ୍ଜି ଜଳିବା ଆଡ଼କୁ ଅଗ୍ରସର ହେଉଛି । ୧୫ ଏକର ରୁ ଅଧିକ ପରିମିତ ଜାଗାରେ ପ୍ରଥମେ "ମା" ଲକ୍ଷ୍ମୀ ଙ୍କ ନାମରେ ମହାଲକ୍ଷ୍ମୀ ଚାଉଳକଳ ବା ରାଇସ ମିଲ ଏଠାରେ ଚାଲୁଥିଲା। ସମୟକ୍ରମେ ଚାଉଳ ମିଲ ର ଚାହିଦା ବା ଆବଶ୍ୟକତା କମି ଯିବାରୁ ତାହା ବନ୍ଦ ହୋଇଗଲା। ଏହି ଅଞ୍ଚଳର ଲୋକେ ଚାଉଳ ମିଲ ରେ କାମ କରି ନିଜର ପରିବାର ପ୍ରତିପୋଷଣ କରୁଥିଲେ। ସେହି ଅଭାବୀ ଲୋକଙ୍କ ମୁହଁରେ ହସ ଫୁଟାଇବା ପାଇଁ ପରବର୍ତ୍ତୀ ଅବସ୍ଥାରେ ଝୋଟ ମିଲ ଖୋଲିଲା। ହସ ଖୁସିରେ ପାଖାପାଖି ୧୨ଶହ ଲୋକ ଏହି ମିଲ ରେ ଦିନରାତି କାମକରି ମିଲ ର କଳେବର ବୃଦ୍ଧି କରିବାରେ ନିଜର ଲହୁ ଲୁହ ଅଜାଡ଼ି ଦେଲେ।ଏହି ଝୋଟ ମିଲ ରୁ ପ୍ରଥମେ ସୁତୁଲି ତିଆରି କରାଯାଇ ଭାରତବର୍ଷ ର ବିଭିନ୍ନ ଅଞ୍ଚଳକୁ ପଠାଯାଇ ରେକର୍ଡ ସୃଷ୍ଟିହେଲା। ବାଲେଶ୍ୱର ର ବରିଷ୍ଠ ଶ୍ରମିକ ନେତା ତଥା ପୂର୍ବତନ ବିଧାୟକ ଅରୁଣ ଦେ ଶ୍ରମିକ ସଂଗଠନର ସଭାପତି ଭାବେ କାର୍ଯ୍ୟକରି ବେଶ ପ୍ରଶଂସାର ପାତ୍ର ଥିଲେ। ଶ୍ରମିକ ମାନଙ୍କ ନ୍ୟାର୍ଯ୍ୟ ଦାବୀ ପୂରଣ ପାଇଁ ସେ ସର୍ବଦା ଆଗଭର ହୋଇ କାର୍ଯ୍ୟକରୁଥିଲେ। ଅରୁଣ ଦେ ଙ୍କ ପ୍ରେରଣା ପାଇ ଶ୍ରମିକ ମାନେ ସୁତୁଲି ସହ ଝୋଟରେ ପ୍ରସ୍ତୁତ ବସ୍ତା ମଧ୍ୟ ଏଠାରେ ତିଆରି କରିବାରେ ଲାଗି ପଡ଼ିଲେ। ସମୟ ଗଡି ଚାଲିଲା। ସୁତୁଲି ସହ ଝୋଟ ବସ୍ତା ମଧ୍ୟ ସର୍ବ ଜନାଦୃତ ହେବାରେ ଲାଗିଲା। ସମୟର କାଳ ଚକ୍ର ଘୁରିବା ବେଳେ ପ୍ରତିଯୋଗୀ ମାନଙ୍କ ବହୁଳ ଆବିର୍ଭାବ ହେଲା। ଝୋଟ ବସ୍ତା ବଦଳରେ ପ୍ଲାଷ୍ଟିକ ବୁରା ଝୋଟ ବସ୍ତାର ସ୍ଥାନକୁ ମାଡ଼ି ବସିଲା।ଚାରିଆଡ଼େ ପ୍ରତିବନ୍ଧକ ସୃଷ୍ଟି ହେଲା। ପ୍ଲାଷ୍ଟିକ ସହଜ ଓ ହାଲୁକା ହେଉଥିବା ବେଳେ ଝୋଟ ବୁରା ଓଜନିଆ ହେଉ ଥିବାରୁ ଲୋକେ ଶସ୍ତା ସୁନ୍ଦର ମଜଭୁତ କୁ ଆପଣେଇ ନେଲେ। ସରକାରଙ୍କ ଉପରେ ଚାପ ପକାଇ ପ୍ଲାଷ୍ଟିକ ବୁରା ପ୍ରସ୍ତୁତ କାରୀ କମ୍ପାନୀ ବା ସଂସ୍ଥା ପ୍ରଥମେ ପ୍ରଥମେ ୬୦/୪୦ପରେ ପରେ ୫୦/୫୦ ହାରରେ ସରକାରୀ ସଂସ୍ଥା କୁ ବସ୍ତା ଯୋଗାଇବା ପାଇଁ ସଫଳ ହୋଇଗଲା। ସେହି ଦିନ ଠାରୁ ଆରମ୍ଭ ହେଲା ଝୋଟ ମିଲ ର ପତନର ଘଣ୍ଟି ବାଜିବା। ପ୍ରଥମେ ପ୍ରଥମେ ସେହି ଘଣ୍ଟି ର କର୍କଶ ଶବ୍ଦ ଉତ୍ସାହୀ ଶ୍ରମିକ ମାନଙ୍କୁ କାରଖାନାର ସାଇରନ ବାଜିବା ଭଳି ଶୁଣାଯାଉଥିଲା। କିନ୍ତୁ ଏବେ ଘଣ୍ଟି ଶବ୍ଦ ରେ ଘାଣ୍ଟି ହେଉଥିବା ଶ୍ରମିକଙ୍କ ତଣ୍ଟି ରେ ତାହା କଣ୍ଟା ହୋଇ ଲାଗିଯାଇଛି। ରୂପସା ଝୋଟ ମିଲ ରେ କାର୍ଯ୍ୟ କରୁଥିବା ଶ୍ରମିକ ଏବେ ଅସହାୟ ହୋଇଯାଇଛନ୍ତି। ସରକାର କୁଶଳୀ, ଅଣ କୁଶଳୀ ଶ୍ରମିକ ମାନଙ୍କ ମଜୁରୀ ବୃଦ୍ଧି କରିବା ପରେ ଝୋଟ ମିଲ ର ସଙ୍କଟ ଆହୁରି ବିପର୍ଯ୍ୟସ୍ତ ମୁହାଁ ହୋଇଛି। ଏଭଳି ସମସ୍ୟା କୁ ଦେଖି ପୂର୍ବତନ ବିଧାୟକ ତଥା ଶ୍ରମିକ ନେତା ଅରୁଣ ଦେ ସପ୍ତାହ ରେ ୩ ଦିନ ଛୁଟି ୪ ଦିନ କାମ କରିବାକୁ କହିଥିଲେ। ତାଙ୍କର ମୃତ୍ୟୁ ପରେ ଏବେ କାରଖାନା କର୍ତ୍ତୃପକ୍ଷ ୪ ଦିନ କାମ ୩ ଦିନ ଛୁଟି କରିବାକୁ ନିଷ୍ପତ୍ତି ନେଇ ଚଳାଇ ଆସୁଥିଲେ। ଦିନକୁ ଦିନ ସମୟ ବଦଳୁଛି ।ଏବେ ମଝିରେ ମଝିରେ କିଛିଦିନ କିଛି ସପ୍ତାହ ପାଇଁ ମିଲ ବନ୍ଦ ହୋଇଯାଉଛି। ବର୍ତ୍ତମାନ ର ସଭାପତି ଶାନ୍ତନୁ ଦାସ ଶ୍ରମିକ ମାନଙ୍କ ସାଥିରେ ସାଥ ଦେଉଥିଲେ ମଧ୍ୟ ପାରିପାର୍ଶ୍ୱିକ ପରିସ୍ଥିତ ଅଡୁଆ ବଢ଼ାଉଛି।ସର୍ବ ଭାରତୀୟ ସ୍ତରରେ ଝୋଟ ବସ୍ତା ର ଚାହିଦା କମିବା ଶ୍ରମିକଙ୍କ ସମସ୍ୟା କୁ ଦ୍ୱିଗୁଣିତ କରିଦେଇଛି। ଏପରିକି ନିଆଁ ରେ ଘିଅ ଢାଳିବା ସଦୃଶ ହୋଇଛି।ଏ ସମ୍ପର୍କରେ ଶ୍ରୀ ଦାସ ଙ୍କ ମତରେ କେନ୍ଦ୍ର ଓ ରାଜ୍ୟ ସରକାର ତାଙ୍କ ନୀତି ଓ ଚିନ୍ତା ଧାରା ର ପରିବର୍ତ୍ତନ କରିବାର ଆବଶ୍ୟକତା ଦେଖାଦେଇଛି । ପ୍ଲାଷ୍ଟିକ ବ୍ୟବହାର ଉପରେ ସରକାର ଶକ୍ତ କଟକଣା ଲାଗୁ କରୁ ନଥିବାରୁ ଏଭଳି ପ୍ରତିଯୋଗିତା ହେଉଛି।ଯେଉଁ ପ୍ଲାଷ୍ଟିକ ବୁରା ଝୋଟବସ୍ତା ଭଳି ମାଟିରେ ମିଶିଯିବ ସେହି ପ୍ଲାଷ୍ଟିକ କୁ ଅନୁମତି ଦେବା ଆବଶ୍ୟକ। ସେଭଳି କରାଯାଉ ନାହିଁ। ଝୋଟ କର୍ପୋରେସନ ଅଫ ଇଣ୍ଡିଆ ଏ ଦିଗରେ କୌଣସି ନୀତିଗତ ନିଷ୍ପତ୍ତି ନେଇ ନ ପାରିବା ଫଳରେ ଝୋଟ ମିଲ ରେ କାର୍ଯ୍ୟ କରୁଥିବା ଶ୍ରମିକ ମାନଙ୍କ ପାଇଁ ସପ୍ତାହ ର ୭ ଦିନ କାମ ମିଳି ପାରୁ ନାହିଁ।ଏହି ରୂପସା ଝୋଟ ମିଲ ର ଶ୍ରମିକ ମାନଙ୍କ ସମସ୍ୟା ସମ୍ପର୍କରେ ସ୍ଥାନୀୟ ବିଶିଷ୍ଟ ବ୍ୟକ୍ତି, ବୁଦ୍ଧିଜୀବୀ ବେଶ ଚିନ୍ତା ପ୍ରକଟ କରିଛନ୍ତି। ଅନୁଷ୍ଠାନ ଟି ବୁଡିଯିବା ଆଗରୁ ତାହାକୁ କିଭଳି ପୁନଃରୁଦ୍ଧାର କରାଯାଇ ପାରିବ ସେ ସମ୍ପର୍କରେ ସମସ୍ତଙ୍କ ଚିନ୍ତା କରିବାର ବେଳ ଆସିଛି ବୋଲି ମିଲକୁ ଅତି ପାଖରୁ ଦେଖିଥିବା ପୂର୍ବତନ ସରପଞ୍ଚ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଓ ବିଜୁ ଜନତା ଦଳର ଉପସଭାପତି ବରଦା ପ୍ରସନ୍ନ ପଟ୍ଟନାୟକ କହିଛନ୍ତି। ଏହି ମିଲ ଉପରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ନିର୍ଭର କରୁଥିବା ଲୋକଙ୍କ ବାସ୍ତବିକ ଅବସ୍ଥା ଓ ରୂପସା ଅଞ୍ଚଳର ଆର୍ଥିକ ମେରୁଦଣ୍ଡ ଉପରେ ଶକ୍ତ ଆଘାତ ଦେଇଛି ବୋଲି ଶ୍ରୀ ପଟ୍ଟନାୟକ ଅତ୍ୟନ୍ତ କ୍ଷୋଭର ସହ କହିଛନ୍ତି।

ରୂପସା ଝୋଟ ମିଲ ଆଧୁନୀକରଣ ହେବା ତ ଦୂରର କଥା କିନ୍ତୁ ତାହା ଯେ, ସମସ୍ୟା ଜର୍ଜରିତ ହୋଇ ଅର୍ଦ୍ଧ ଶତାବ୍ଦୀ ପରେ ବନ୍ଦ ହେବାକୁ ଯାଉଛି ତାହା କେବଳ ଯେ ସେଥିରେ କାର୍ଯ୍ୟରତ ଶ୍ରମିକ ମାନଙ୍କୁ ଅନ୍ଧାର ଗହ୍ୱର ମଧ୍ୟକୁ ଠେଲି ଦେଇଛି ତାହା ନୁହେଁ ରୂପସା ଅଞ୍ଚଳ ରେ ଆର୍ଥିକ ସନ୍ତୁଳନ ରକ୍ଷା କରିବାରେ ବାଧା ବା ପ୍ରତିବନ୍ଧକ ସୃଷ୍ଟି କରିବାକୁ ଯାଉଛି ବୋଲି ଆଶଙ୍କା ପ୍ରକାଶ ପାଇଲାଣି।

ରୂପସା ଝୋଟ କାରଖାନା କୁ ଯଦି ଉଦାହରଣ ଭାବେ ନିଆଯାଏ ତାହେଲେ ରାଜ୍ୟରେ ଏଭଳି ସମସ୍ୟା ରେ ଜର୍ଜରିତ ବହୁ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପକୁ ବଞ୍ଚାଇ ରଖିବା ଦିଗରେ ସରକାର ସମୟୋଚିତ ପଦକ୍ଷେପ ନେବାର ଆବଶ୍ୟକତା ଦେଖାଦେଇଛି। ଗଣ୍ଡେ ଖାଇ ଦଣ୍ଡେ ଜିଇଥିବା ରାଜ୍ୟର ଏହିଭଳି ଶତାଧିକ କ୍ଷୁଦ୍ର ଓ ମଧ୍ୟମ ଧରଣର ଶିଳ୍ପାନୁଷ୍ଠାନ ବନ୍ଦ ହେବାର ର ମୂଳ କାରଣ ଓ ସମସ୍ୟା କଣ ରହିଛି ତାହାକୁ ତୃଣମୂଳ ସ୍ତରରୁ ଅନୁଧ୍ୟାନ ହେବା ଆବଶ୍ୟକ। ନିର୍ଦ୍ଦିଷ୍ଟ ଗୋଟିଏ କାରଣ ଉପରେ ପର୍ଯ୍ୟବେସିତ ନ ହୋଇ ବା ଏକ ପାଖିଆ କୌଣସି ନିଷ୍ପତ୍ତି ନ ନେଇ କାର୍ଯ୍ୟ କରିବା ଜରୁରୀ। ରଗୁଣ ଶିଳ୍ପ ସଂସ୍ଥାରେ କାର୍ଯ୍ୟକରୁଥିବା ଶ୍ରମିକ ଓ କର୍ମଚାରୀ ଙ୍କ ସମୂହ ସ୍ୱାର୍ଥ କୁ ଦୃଷ୍ଟିରେ ରଖି ସରକାର ପଦକ୍ଷେପ ନେଇ ପାରିଲେ ସେମାନଙ୍କ ମନୋବଳ ବୃଦ୍ଧି ଘଟିବ ଏଥିରେ ଦ୍ୱିମତ ହେବାର ନାହିଁ। ବୁଡ଼ି ଯାଉଥିବା ଶିଳ୍ପ ସଂସ୍ଥାର କର୍ମଚାରୀ ଭାଗ୍ୟ ସୂତା ଖିଅ ରେ ଲଟକି ରହିଛି ଏଥିରେ ଦ୍ୱିମତ ହେବାର ନାହିଁ। ତେଣୁ ରାଜ୍ୟରେ ନବଗଠିତ ସରକାର ଏ ଦିଗରେ କି ପ୍ରକାର ଯୁଗାନ୍ତକାରୀ ପଦକ୍ଷେପ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା।

ସାମ୍ବାଦିକ
ବାଲେଶ୍ୱର




## କରିବା ସମାଜ ସେବା

ସୁସ୍ମିତା ଦାସ



ଆମେ ଯୁବଗୋଷ୍ଠୀ ହୋଇ ସଂଗଠିତ
କରିବା ସମାଜ ସେବା -
ସବୁ ଅସହାୟ ବିପନ୍ନ ଜନଙ୍କୁ
ସାହାଯ୍ୟ ଯୋଗାଇ ଦେବା,
ଆନ ଓଠେ ହସ ଫୁଟାଇ ଆମେ ତ
ଯାତନାକୁ ନେବା ହରି -
ରୋଗୀ ରଙ୍କଙ୍କର ଥୁଣ୍ଟା ହୃଦୟରେ
ସବୁଜିମା ଦେବା ଭରି,
ମାନବିକତାକୁ ଆପଣେଇ ନେଇ
ଦେଶକୁ ଆଗେଇ ନେବା...
ଆମେ ଯୁବଗୋଷ୍ଠୀ ହୋଇ ସଂଗଠିତ
କରିବା ସମାଜ ସେବା ।
ଅର୍ଥ ମାନ ଯଶ କରି ପରିହାର
ମେଳାଇ ସୁଗୁଣ ତରୀ -
ଦୟାର ଦରଜା ଖୋଲିଦେଇ ଆମେ
ବଜାଇବା ମୈତ୍ରୀ ଭେରୀ,
ଗୋପବନ୍ଧୁଙ୍କର ସେବା ତିତିକ୍ଷାକୁ
ଆମେ ତ ଆଦରି ନେବା...
ଆମେ ଯୁବଗୋଷ୍ଠୀ ହୋଇ ସଂଗଠିତ
କରିବା ସମାଜ ସେବା... ।
ଯେତେ କୁସଂସ୍କାର ଅନ୍ଧବିଶ୍ୱାସକୁ
ସମାଜରୁ କରି ଶେଷ -
ପ୍ରତିଟି ପରାଣୁ ଆମେ ହରିନେବା
ଅଶାନ୍ତି ଓ ଆପସୋସ,
ସତ୍ ଉପାୟରେ ନିଜେ ବଞ୍ଚିବଢ଼ି
ଅନ୍ୟକୁ ଯୋଗାଣ ଦେବା...
ଆମେ ଯୁବଗୋଷ୍ଠୀ ହୋଇ ସଂଗଠିତ
କରିବା ସମାଜ ସେବା... ।

କଣ୍ଟାବଣିଆ, ଛତ୍ରପଡ଼ା,
ପ୍ରୀତିପୁର, ଯାଜପୁର, ଓଡ଼ିଶା

## ମରମ କଥା

ସିଦ୍ଧେଶ୍ୱର ତ୍ରିପାଠୀ

ପୂର୍ଣ୍ଣ କଳସ ସ୍ଥାପନ କରି
ମାତୃମଣ୍ଡଳର ଆସ୍ଥାନ ସଜେଇ
ବାଲି ଗୋବର କାଠ ଘିଅ ଖଞ୍ଜି
ଦେଲା ପରେ
ମନ୍ତ୍ର ଆବାହନ ଆଉ ଉପଚାର ପୂଜା
ଏଇଥିରେ କଟିଯାଏ ବେଳ ।
ବିଦ୍ଧିରୁ ବିଧାନ କର୍ମରୁ ଦକ୍ଷିଣା
ଦକ୍ଷିଣାରୁ ପୁରିଯାଏ ପେଟ
ସଜା ହୁଏ ଜୀବନ ଜଞ୍ଜାଳ ।

ଦିନରୁ ରାତି ଯାଏ
ଆଉ ରାତିରୁ ଦିନ
କେବେ ଆଉ ସମୟ ମିଳେନି
ଦେଖିବାକୁ ପ୍ରାଣପ୍ରିୟା
ତୁମରି ସପନ ।
ଦେହବି ଅବସ ହୁଏ ମନ ଯାଏ ମରି
ଭିତରେ ଭିତରେ କିଏ
ଛାତି ଦିଏ ଚିରି
ଅବେଳରେ ସକଳ ସୁଖକୁ ମୋର
କିଏ ନିଏ ହରି ।
ତୁମ ବାଟ ମୋ ବାଟ
କେବେଠୁ ଅଲଗା
ସେଠିତ ଜୋଛନାର ଧାରା
ଏଠି କିନ୍ତୁ ସବୁ ଫିକା ଫିକା ।

ଖୋର୍ଦ୍ଧା

# ନୀରବ ପ୍ରେମ





ବିଷ୍ଣୁ ପ୍ରସାଦ ଦାସ

ଆଲୋକ ଜଲପାଇଗୁଡ଼ି ଷ୍ଟେସନ୍‌ରୁ ବାହାରି ନିଜ ଗନ୍ତବ୍ୟ ସ୍ଥଳୀକୁ ଯିବାକୁ ଉଦ୍ୟତ ହେଉଥିଲା, ପିଠିରେ ଗୋଟିଏ ବ୍ୟାକ୍ ପ୍ୟାକ୍, ହାତରେ ମୋବାଇଲ୍ ଫୋନ ଧରିଛି । ସମୟ ସେତେବେଳକୁ ରାତ୍ରି ପ୍ରାୟ ୧୨.୩୦ ହେବ, ଟ୍ରେନର ବିଳମ୍ବ ଜନିତ କଷ୍ଟ ତଥା ଏତେ ରାତ୍ରିରେ ବସ୍ ନ ମିଳିବାର କ୍ଷୋଭ ତାକୁ ବିଚଳିତ କରି ଦେଉଛି । ତା'ର ଗନ୍ତବ୍ୟ ସ୍ଥାନର ଶେଷ ବସ୍ ରାତ୍ରି ୭.୩୦ ମିନିଟ୍‌ରୁ ଚାଲି ଯାଇଛି, ରେଳ ଗାଡିଟି ପ୍ରାୟ ୬ ଘଣ୍ଟା ବିଳମ୍ବରେ ଚାଲୁଥିବାରୁ ଆଲୋକ ନିର୍ଦ୍ଧାରିତ ସମୟରେ ପହଞ୍ଚି ପାରି ନ'ଥିଲା । ମନେ ମନେ ରେଳ ବିଭାଗକୁ ଗାଳି ଦେବା ଛଡା ଅନ୍ୟ ଉପାୟ ନଥିଲା ଏପଟେ ଭୀଷଣ ଭୋକ, କଣ କରିବ ? ଅଗତ୍ୟା ଷ୍ଟେସନ୍ ସନ୍ନିକଟ ହୋଟେଲ୍‌ରୁ କିଛି ଖାଇ ନେଇ ଅପେକ୍ଷା କରିବାକୁ ଚିନ୍ତା କଲା । ପରଦିନ ପ୍ରଥମ ବସ୍ ୬.୩୦ରେ ଥିଲା, ଏବେ ତାକୁ ରାତ୍ରିର ଅବଶିଷ୍ଟ ୬ ଘଣ୍ଟା କାଟିବାକୁ ପଡିବ, ସେଥିରେ ପ୍ରବଳ ମଶା । ସେ ବାଧ ହୋଇ ଷ୍ଟେସନ୍‌ର ଶୀତତାପ ନିୟନ୍ତ୍ରିତ ପ୍ରତୀକ୍ଷାଳୟ ଯାଇ ଘଣ୍ଟା ପ୍ରତି ଦଶ ଟଙ୍କା ଦେୟ ଦେଇ ଅପେକ୍ଷା କରିବାକୁ ଲାଗିଲା । ପ୍ରତୀକ୍ଷାଳୟରେ ଲୋକ ଭର୍ତ୍ତି, ବହୁ କଷ୍ଟରେ ଗୋଟିଏ ଚୌକି ଖାଲି ଦେଖି ବସି ପଡିଥିଲା । ସକାଳ ୬.୩୦ ସମୟରେ ପ୍ରଥମ ଦାର୍ଜିଲିଂଗାମୀ ବସ ଧରି ଆଲୋକକୁ କର୍ଷିଆଙ୍ଗ ଯିବାକୁ ହେବ, ପ୍ରତୀକ୍ଷାଳୟଠାରେ ବସିଥିବା ଚୌକି ପାର୍ଶ୍ୱବର୍ତ୍ତୀ ଚୌକିକୁ ଟିକେ ତୀର୍ଯ୍ୟକ ନଜରରେ ଅନାଇ ଆଲୋକ ଦେଖିବାକୁ ପାଇଲା କି ଜଣେ ଗୌର ବର୍ଣ୍ଣା ଅନିନ୍ଦ୍ୟ ସୁନ୍ଦରୀ ଯୁବତୀ ବୟସ ପାଖାପାଖି ୨୨/୨୩ ବର୍ଷ ହେବ, ଲମ୍ବା ଖୋଲା କେଶ ହାତରେ ଗୋଟିଏ ଇଂରାଜୀ ଗଳ୍ପ ବହି ଧରି ବସିଛନ୍ତି । ପୋଷାକ ପରିପାଟୀରୁ ଜଣା ପଡୁଛି ହୁଏତ ସେ ଜଣେ ଉଚ୍ଚ ଶିକ୍ଷିତା ମାର୍ଜିତ ଭଦ୍ର ମହିଳା, ତେବେ ଆଲୋକ ସେ ସବୁ ବିଷୟରେ ଏତେଟା ଗୁରୁତ୍ୱ ନଦେଇ ଆଖି ବୁଜି ଟିକେ ବିଶ୍ରାମ ନେବାକୁ ଠିକ୍ କରିଥିଲା ।

ସମୟ ୫.୩୦, ସକାଳ ହେବା ଅପେକ୍ଷାରେ, ଆଲୋକ ଟିକେ ମୁହଁ ଧୋଇ ନେଇ ପ୍ରତୀକ୍ଷାଳୟ ତ୍ୟାଗ କରି ବସ୍ ଷ୍ଟାଣ୍ଡ ଅଭିମୁଖେ ଚାଲିଲା । ଦାର୍ଜିଲିଂ ଗାମୀ ପ୍ରଥମ ବସ୍ ୬.୩୦ରେ ପ୍ରସ୍ଥାନ କରିବାର ଥିଲା, ତେଣୁ ଆଲୋକ ତର ତର ହୋଇ ଟିକେଟଟିଏ କିଣିବାକୁ ଆଗେଇ ଗଲା । ଉଚିତ୍ ପ୍ରାପ୍ୟ ଦେଇ ଟିକେଟ୍ ଧରି ବସ ଅପେକ୍ଷାରେ ଆଲୋକ ଏପଟ ସେପଟ ହେଉଥିବା ସମୟରେ ପ୍ରତୀକ୍ଷାଳୟ ଠାରେ ବସିଥିବା ସେହି ଯୁବତୀଙ୍କୁ ଦେଖିବାକୁ ପାଇଥିଲା, ଉତ୍ସୁକତା ବଶତଃ ପାଖକୁ ଯାଇ ନମ୍ରତାର ସହିତ ଆଲୋକ ପଚାରି ଥିଲା ' ମ୍ୟାଡ଼ାମ୍ ଆପଣ ଗତକାଲି ରାତ୍ରିରେ ପ୍ରତୀକ୍ଷାଳୟରେ ମୋ ପାଖରେ ବସିଥିଲେ, ଯଦି କିଛି ଖରାପ୍ ନ ଭାବନ୍ତି, ମୁଁ ଜାଣିପାରେ କି ଆପଣ କୁଆଡେ ଯାଉଛନ୍ତି ? ଝିଅଟି କେବଳ ଗୋଟିଏ ଶବ୍ଦରେ କହି ଥିଲା 'କର୍ଷିଆଙ୍ଗ ' ତା ପରେ ଝିଅଟି ଆଗକୁ ଚାଲିଗଲା । ଦାର୍ଜିଲିଂ ଯିବାକୁ ଥିବା ବସ୍ ଆସି ଷ୍ଟାଣ୍ଡରେ ଅଟକି ଗଲା, ଆଲୋକ ଯାଇ ନିର୍ଦ୍ଧାରିତ ସିଟ୍‌ରେ ବସିଥିଲା, ଝରକା ପାଖ ସିଟ୍‌ଟି ଖାଲି ଥିଲା । ଆଲୋକ ମନେ ମନେ ଭାବୁଥିଲା ଝରକା ପାଖ ସିଟ୍‌ଟି ଯଦି ମିଳି ଥା'ନ୍ତା ତେବେ ପ୍ରକୃତି ରାଣୀର ଶୋଭା ଦେଖିବା ସହିତ କିଛି ଛବି ଉତ୍ତୋଳନ କରି ପାରି ଥାନ୍ତା, କିନ୍ତୁ ସେହି ସୁଯୋଗ ତା' ପାଖରେ ନ ଥିଲା । ଦାର୍ଜିଲିଂ ଗାମୀ ପ୍ରତ୍ୟେକ ସରକାରୀ ବସ୍‌ରେ କର୍ଷିଆଙ୍ଗ ନିମନ୍ତେ ମୋଟେ ୪ ଟି ସିଟ୍ ଥାଏ, ତେଣୁ ବିକଳ୍ପ ବାଛିଲେ ଟାକ୍ସି ଯୋଗେ ଯିବାକୁ ହେବ । ବସ୍ ଛାଡିବାକୁ ଆଉ ମାତ୍ର ୫ ମିନିଟ୍ ବାକି, ତର ତର ହୋଇ ସେହି ଝିଅଟି ଆସି ଆଲୋକ ସନ୍ନିକଟ ଝରକା ପାଖ ସିଟ୍‌ରେ ବସିଗଲା । କିଛି କହିବା ଆଗରୁ ସେ ଆଲୋକକୁ ପଚାରିଲା ' ଓ ! ଆପଣ ମଧ କର୍ଷିଆଙ୍ଗ ଯିବେ ? ଆଲୋକ ଟିକେ ହସିଦେଇ ମୁଣ୍ଡ ଟୁଙ୍ଗାରି ଦେଲା । ପ୍ରାୟ ୩୨ କିଲୋମିଟର ପାହାଡିଆ ରାସ୍ତା ତେଣୁ ବସ୍ ଖୁବ୍ ଧୀର ଗତିରେ ସର୍ପିଳ ପଥ ଦେଇ ଆଗେଇ ଚାଲିଛି, ସମୁଦ୍ର ପତ୍ତନ ଠାରୁ ପ୍ରାୟ ୧୪୮୨ ମିଟର ଉପରେ କର୍ଷିଆଙ୍ଗ ଅବସ୍ଥିତ, ପ୍ରକୃତି ରାଣୀର ଶୋଭା ଯେତେ ବଖାଣିଲେ ମଧ କମ୍ ହେବ, ମଝିରେ ମଝିରେ ମେଘ ଭିତର ଦେଇ ବସଟି ଆଗେଇ ଯିବା ସମୟରେ ଝରକା ବାଟେ ମେଘ ଭାସି ଆସି କିଞ୍ଚିତ ଓଦା କରି ଦେଉଛି । ଝିଅଟି ଝରକାର କାଚ ବନ୍ଦ କରି ଦେବା ପରେ ଟିକେ ଥଣ୍ଡା କମି ଯାଇଛି କିନ୍ତୁ ମନ ଭିତରେ କିପରି ଏକ ଶିହରଣ ଜାତ ହେଉଛି, ହୁଏତ ସେହି ଝିଅଟିର ହାତ ସହିତ ଆଲୋକର କହୁଣୀର ସ୍ପର୍ଶ ଜନିତ ଏପରି ହୋଇ ଥାଇପାରେ । ସରକାରୀ ବସ୍,ପାହାଡିଆ ରାସ୍ତା ଚଢିଲା ସମୟରେ ଇଞ୍ଜିନରୁ ଭୀଷଣ ଗର୍ଜନ ବାହାରୁ ଥିଲା, ଘାଟୀ ରାସ୍ତାର ବୁଲାଣି ଗୁଡିକ ଜନିତ ଦୋଳାୟମାନ ବସ୍ ଯାତ୍ରା ଦୁଇଜଣଙ୍କ ଶରୀରକୁ ସେମାନଙ୍କ ଇଚ୍ଛା ବିରୁଦ୍ଧରେ ଛୁଇଁ ଯାଉଥିଲା । ଦୁଇଟି ଅବିବାହିତ ଯୁବକ ଯୁବତୀ କେହି କାହାରିକୁ କିଛି କହୁ ନଥାନ୍ତି କେବଳ ନିଜ ନିଜ ଗନ୍ତବ୍ୟ ସ୍ଥଳ ଅପେକ୍ଷାରେ ବସି ରହିଥିଲେ । ତେବେ ଆଲୋକର କର୍ଷିଆଙ୍ଗ ଯିବାର କାରଣ ହେଲା, ତାର ଜଣେ ଇଞ୍ଜିନିଅରିଂ କଲେଜ ବନ୍ଧୁର ବିଭାଘର । ସୁରଜ ଏବଂ ଆଲୋକ ଦୁଇଜଣ କଲିକତା ଇଞ୍ଜିନିଅରିଂ କଲେଜରେ ଏକାଠି ପଢୁଥିଲେ ହଷ୍ଟେଲରେ ଗୋଟିଏ ରୁମ୍‌ରେ ରହୁଥିଲେ, ପଢା ଶେଷ ହେବା ପରେ ଆଲୋକ ଦୁର୍ଗାପୁର ଠାରେ ଚାକିରୀ ପାଇଗଲା ଏବଂ ସୁରଜ ଦାର୍ଜିଲିଂଠାରେ ସିଭିଲ ଇଞ୍ଜିନିଅର ଭାବେ ଅବସ୍ଥାପିତ ହୋଇ ଥିଲା । ଦୁଇ ବନ୍ଧୁ ପଶ୍ଚିମ ବଙ୍ଗଳା ସରକାରଙ୍କ ଅଧୀନରେ କାର୍ଯ୍ୟକରୁ ଥିବାରୁ କେତେବେଳେ କେମିତି କଲିକତା ଠାରେ ସରକାରୀ ମିଟିଂରେ ଦେଖା ହୋଇଯାନ୍ତି, ତେବେ ଅନ୍ୟ ସମୟରେ ଯୋଗାଯୋଗର ମାଧ୍ୟମ ମୋବାଇଲ ଫୋନ୍ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏବେବି ଦୁଇ ବନ୍ଧୁ ପରସ୍ପରକୁ ଅନ୍ତରରୁ ଭଲ ପାଆନ୍ତି । ସୁରଜର ବିଭାଘର ଖବର ଏବଂ ସ୍ୱତନ୍ତ୍ର ନିମନ୍ତ୍ରଣ ରକ୍ଷା କରି ଆଲୋକ କର୍ଷିଆଙ୍ଗ ଯାଉଛି ।

ସମୟ ପ୍ରାୟ ସକାଳ ୮ ଟା, ଆଲୋକ ନିଜ ଆସିବା କଥା ତଥା ବସ୍ ନମ୍ବର ସୁରଜକୁ ମେସେଜ୍ କରି ଦେଇ ସାରିଥିଲା ତେଣୁ ସୁରଜ ଆଲୋକ ପାଇଁ ବସ୍ ଷ୍ଟାଣ୍ଡଠାରେ ଅପେକ୍ଷା କରିଥିଲା । ବସ୍ କର୍ଷିଆଙ୍ଗ ଠାରେ ରହିବା ମାତ୍ରେ ଆଲୋକ ନିଜ ବ୍ୟାକ୍ ପାକ୍ ଧରି ଓଲ୍‌ହାଇ ଆସି ସୁରଜକୁ ଆଲିଙ୍ଗନ କରିବା ସହିତ ବିଭାଘର ନିମନ୍ତେ ଶୁଭେଚ୍ଛା ଜଣାଇଲା । ଆଲୋକ ପାଖରେ ବସିଥିବା ଝିଅଟି ମଧ ଓଲ୍‌ହାଇ ସୁରଜକୁ ପ୍ରଣାମ ଜଣାଇଲା, ଆଲୋକ କିଛି ବୁଝି ନ ପାରି ସୁରଜ ଆଡକୁ ଜିଜ୍ଞାସୁ ଚକ୍ଷୁରେ ଚାହିଁଲା । ସୁରଜ ପରିସ୍ଥିତିକୁ ଦେଖି ଆଲୋକକୁ କହିଲା ' ଆଲୋକ ଏ ହେଉଛି ରିତା ମୋର ମାଉସୀ ଝିଅ ଭଉଣୀ, କଲିକତାରେ ରହି ଡାକ୍ତରୀ ପଢୁଛି ' ଆଉ ରିତା ଏ ହେଉଛନ୍ତି ମୋର କଲେଜ ଜୀବନର ସବୁଠାରୁ ଭଲ ବନ୍ଧୁ, ମୋର ପରିବାର ସଦସ୍ୟଠାରୁ ମଧ ଅଧିକ, ସେ ଦୁର୍ଗାପୁର ଜଳସେଚନ ବିଭାଗର ଇଂଜିନିୟର' ରିତା ଆଲୋକକୁ ଦେଖି ନମସ୍କାର କରିବା ସହିତ ଟିକେ ମୁରୁକି ହସି ଦେଲା, ବୋଧ ହୁଏ ଭାବୁଥିଲା ଏହି ଭଦ୍ର ଲୋକ ସହିତ ଗତ କାଲି କିଛି ଘଣ୍ଟା ବିଶ୍ରାମ କକ୍ଷରେ ବିତାଇବା, ପୁଣି ବସରେ ପ୍ରାୟ ଦେଢ଼ ଘଣ୍ଟା ବସିବା ଏବଂ ଶେଷରେ ଦୁଇଜଣଙ୍କ ଗନ୍ତବ୍ୟ ସ୍ଥଳ ଗୋଟିଏ ଜାଗା, ଏପରି ଯୋଗାଯୋଗ ହୁଏତ କୌଣସି ଚଳଚ୍ଚିତ୍ରରେ ସମ୍ଭବ ହୋଇଥାଏ, ଦେଖାଯାଉ ଆଗକୁ ଆଉ କଣ କଣ ହେଉଛି ।

ସୁରଜର ଘର କର୍ଷିଆଙ୍ଗ ଠାରେ, ତା'ର ବାପା ରେଳ ବିଭାଗରେ କାର୍ଯ୍ୟରତ । ସୁନ୍ଦର ଏବଂ ଛୋଟ ପରିବାର । ସୁନ୍ଦର ଘରଟିଏ କରିଛନ୍ତି ସୁରଜର ବାପା । ସୁରଜର ଛୋଟ ଭଉଣୀ ଗତ ବର୍ଷ ବିବାହ କରି ସାରିଛି, ଏବେ ସୁରଜର ବିଭାଘର ହେବ । ସୁରଜର ଭାବି ପତ୍ନୀ ମଧ ଜଣେ ଉଚ୍ଚ ଶିକ୍ଷିତା, ଦାର୍ଜିଲିଂରେ ଗୋଟିଏ ନାମୀ ଦାମୀ ଇଂରାଜୀ ମାଧ୍ୟମ ସ୍କୁଲରେ ଇଂରାଜୀ ଅଧ୍ୟାପିକା ଭାବେ କାର୍ଯ୍ୟରତ । ନିର୍ଦ୍ଧାରିତ ସମୟରେ ଅନେକ ହସ ଖୁସି ମଧ୍ୟରେ ସୁରଜର ବିଭାଘର ସମ୍ପନ୍ନ ହୋଇଗଲା, ଧୀରେ ଧୀରେ ଆତ୍ମୀୟ ସ୍ୱଜନ ବର କନ୍ୟାଙ୍କୁ ଚିରାଚରିତ ପ୍ରଥାରେ ଆଶୀର୍ବାଦ ଦେଇ ବାହୁଡ଼ି ଗଲେ । ଆଲୋକର ଛୁଟି ମଧ ସରି ସରି ଆସିଲା, ଆଲୋକ ନିଜ ବ୍ୟାକ୍ ପ୍ୟାକ୍ ସମ୍ଭାଳି ନେଇ ପରଦିନ ସକାଳେ କର୍ଷିଆଙ୍ଗ ଛାଡିବାର କଥା ସୁରଜକୁ ଜଣାଇ ଦେଇଥିଲା । ଏତେ ଶୀଘ୍ର ୪ ଦିନ କଟିଗଲା ଦୁଇ ସାଙ୍ଗ କେହି ବୁଝି ପାରିଲେ ନାହିଁ । ସନ୍ଧ୍ୟା ସମୟରେ ଦୁଇ ବନ୍ଧୁ, ରିତା ଏବଂ ସୁରଜର ସ୍ତ୍ରୀ ଅନିତା ଚାରିଜଣ ମିଶି ଗୋଟିଏ ବଡ଼ ହୋଟେଲ ଯାଇ ରାତ୍ରି ଭୋଜନ ନିମନ୍ତେ ଅର୍ଡର ଦେଲେ, ପରସ୍ପର ମଧ୍ୟରେ ଅନେକ ଖୁସି ଗଳ୍ପ ସହିତ ରାତ୍ରି ଭୋଜନର ମଜା ନେଉଥିଲେ ଚାରି ଜଣ । ନବ ବିବାହିତ ଦମ୍ପତ୍ତି ଏବଂ ତାଙ୍କ ସହିତ ଦୁଇଜଣ ଅବିବାହିତ ଯୁବକ ଯୁବତୀ ଆଲୋକ ଏବଂ ରିତା । ଆଲୋକ ଏବଂ ରିତା ପରସ୍ପର ମଧ୍ୟରେ ଆଖି ମିଶି ଯାଉଥିଲେ ଟିକେ ହସି ଦେଉଥିଲେ, କିଏ କାହା ମନ କଥା ଜାଣେ ? ଚାରି ଦିନର ରହଣି ଆଉ ଚାରି ଯୁଗର ପ୍ରେମ ତଥା ସାତ ଜନ୍ମ ନିମନ୍ତେ ପତି ପତ୍ନୀ ହେବାର ରଙ୍ଗୀନ ସ୍ୱପ୍ନ ବୋଧ ହୁଏ ମନ ମଧ୍ୟରେ ଉଙ୍କି ମାରୁଥିଲା ଦୁଇ ଜଣଙ୍କର । ରିତା ଖୁବ୍ ମେଳାପି ତେଣୁ ଚାରିଦିନ ରହଣି ଭିତରେ ତାର ନୂଆ ଭାଉଜ ଅନିତା ତା'ର ଖୁବ୍ ଆପଣାର ହୋଇ ଯାଇଛନ୍ତି, ଅନିତା ରିତାର ଚକ୍ଷୁ ତଥା ଆଲୋକର ସ୍ମିତ ହାସ୍ୟକୁ ଦେଖି ଜାଣି ସାରିଲେଣି ଯେ, ଦୁଇ ଜଣ ଦୁଇଜଣକୁ ଭଲ ପାଇ ବସିଲେଣି । ଅନିତା ସୁରଜଙ୍କୁ କହିଲେ ' ଏଇ ଦେଖ, ତୁମେ ତ' ବାହା ହୋଇ ଘର ସଂସାର ଆରମ୍ଭ କରିଦେଲ, ଏଥର ନିଜ ବନ୍ଧୁଙ୍କ ବିଷୟରେ କିଛି ଚିନ୍ତା କର ' ସୁରଜ ଟିକେ ହସିଦେଇ କହିଲା ' ତୁମେ ଚେଷ୍ଟା କଲେ ହୁଏତ ସେ ରାଜି ହୋଇପାରେ, ମୁଁ ତ' ଅନେକ ଥର କହିଛି କିନ୍ତୁ ତା'ର କୌଣସି ଝିଅ ପସନ୍ଦ ହେଉନାହିଁ ' । ଆଲୋକ କହି ଉଠିଲା ' ନା ନା ଭାଉଜ ସେ କଥା ଠିକ ନୁହେଁ, ସମୟ ଆସିଲେ ସବୁ ଠିକ୍ ହୋଇଯିବ, ତେବେ ସତ କହିବାକୁ ଗଲେ ମୋର ମନ, ମୋର ହୃଦୟକୁ ଭଲଭାବେ ବୁଝି ପାରୁଥିବା ଝିଅଟିଏ ଦରକାର, ଯିଏ କି ମୋତେ ହୃଦୟରୁ ଭଲ ପାଉଥିବ ଏବଂ ପ୍ରତିବଦଳରେ ମୋ ଠାରୁ ଭଲ ପାଇବା ଆଶା କରୁଥିବ ' ଏକଥା ଶୁଣି ସମସ୍ତେ ହସି ଉଠିଲେ, ରିତା ଅନେକଟା ଲାଜେଇ ଯାଇ କହିଲା ' ତେବେ ଆଲୋକ ବାବୁ ଆପଣଙ୍କ ପାଇଁ ମୁଁ ଗୋଟିଏ ଭଲ ଝିଅ ଖୋଜି ଦେବି, ଆପଣ ନିର୍ଶ୍ଚିନ୍ତ ରୁହନ୍ତୁ' ଆଲୋକ ନୀରବରେ ମୁଣ୍ଡ ଟୁଙ୍ଗାରି ରିତାର କଥାରେ ଏକମତ ହୋଇ ଥିଲା ଏବଂ ରିତାକୁ' ଆପଣ ନ କହି ତୁମେ ' କହିବାକୁ ଅନୁରୋଧ କରିଥିଲା । ପ୍ରେମ ଅନ୍ଧ, ପ୍ରେମ ନା ଦେଖି ପାରେ ନା ଶୁଣି ପାରେ କେବଳ ଅନୁଭବ କରିପାରେ ତଥା ହୃଦୟ ସହିତ ହୃଦୟର ମିଳନ ହୁଏ, ରିତା ଏବଂ ଆଲୋକର ଜୀବନରେ ହୁଏତ ଏହି ଅଧ୍ୟାୟ ଆରମ୍ଭ ହେବାକୁ ଯାଉଛି । ତେବେ ଏତେ ସ୍ୱଳ୍ପ ସମୟ ଭିତରେ ଏତେ ନିବିଡ ଭଲ ପାଇବା କଦବା କୋଚିତ୍ ଦୃଷ୍ଟି ଗୋଚର ହୁଏ, ଯାହାକି ଏଠାରେ ଆଲୋକ ଏବଂ ରିତା ମଧ୍ୟରେ ଦେଖା ଦେଇଛି । ଆଲୋକ ପର ଦିନ ବାଗଡୋଗ୍ରା ବିମାନ ବନ୍ଦରରୁ ବିମାନ ଯୋଗେ କଲିକତା ଯିବା ପାଇଁ ସୁରଜକୁ କହିଲା, କାରଣ ତା'ର ଖୁବ୍ ଜରୁରୀ ମିଟିଂ ଅଛି ଦୁର୍ଗାପୁର ଅଫିସ୍‌ଠାରେ, ମୁଖ୍ୟ ଯନ୍ତ୍ରୀ ଆସିବାର ଅଛି ତେଣୁ ତାର ଉପସ୍ଥିତି ଅନିବାର୍ଯ୍ୟ । ତତ୍‌କ୍ଷଣାତ୍ ରିତା ମଧ ସେହି ଫ୍ଲାଇଟ୍‌ରେ କଲିକତା ପର୍ଯ୍ୟନ୍ତ ଟିକେଟ ଟିଏ କାଟି ଦେବାକୁ ଆଲୋକଙ୍କୁ ଅନୁରୋଧ କରିଥିଲା, କାରଣ ଦୁଇଜଣଙ୍କ ରେଳ ଯାତ୍ରା ଅନୁଭୂତି ଅନନ୍ୟ ତଥା ସମୟ ସାପେକ୍ଷ ଥିଲା । ଅଗତ୍ୟା ଆଲୋକ ରିତା ପାଇଁ ଟିକେଟ୍ କାଟି ଦେଇଥିଲା । ପର ଦିନ କର୍ଷିଆଙ୍ଗରୁ ସକାଳ ୭ ସମୟରେ ବାହାରିବାକୁ ରିତାକୁ ଆଲୋକ କହିଥିଲା । ରିତା ଏବଂ ଆଲୋକଙ୍କ ପାଇଁ ସୁରଜ ଟାକ୍ସିଟିଏ କରି ଦୁଇଜଣଙ୍କୁ ସିଲିଗୁଡି ବିମାନ ବନ୍ଦର ଯିବାର ବନ୍ଦୋବସ୍ତ କରି ଦେଇ ଥିଲେ, ବିଦାୟ କାଳୀନ ଦୁଃଖ ଖୁବ୍ କଷ୍ଟ ଦାୟକ ବୋଲି ପ୍ରାୟ ସମସ୍ତେ ଅନୁଭବ କରିଛନ୍ତି । ବନ୍ଧୁ ସୁରଜ ତଥା ଅନିତା ଦୁଇ ଜଣଙ୍କୁ ବିଦାୟ ଦେବା ସମୟରେ ଅନିତା ଟିକେ ଥଟ୍ଟା କରି କହି ଦେଇଥିଲେ ' ବାଃ ! ଖୁବ୍ ଭଲ ଯୋଡି ଲାଗୁଛି ଦୁଇଜଣଙ୍କୁ, ସତେ ଯେମିତି ସ୍ୱର୍ଗରେ ଯୋଡ଼ି ଠିକ୍ ହୋଇଛି, ଆଉ ଡେରି କାହିଁକି ? ଆସନ୍ତା ବର୍ଷ ରିତାର ପଢା ସରିଗଲେ ଦୁଇଜଣ ବିବାହ ବନ୍ଧନରେ ବାନ୍ଧି ହୋଇଯାଅ ' ଏକଥା ଶୁଣି ଦୁଇ ଜଣ ଲାଜେଇ ଗଲେ କିନ୍ତୁ ଆଲୋକର ମନ ଖୁବ୍ ଖୁସି ଥିଲା ପରି ଜଣା ପଡୁଥିଲା । ଟାକ୍ସି ପଛ ସିଟ୍‌ରେ ଦୁଇଜଣଙ୍କ ଏକ ଘଣ୍ଟାର ଯାତ୍ରା ଖୁବ୍ ଗମ୍ଭୀର ବାତାବରଣ ମଧ୍ୟରେ କଟିଥିଲା, ଗାଡି ବିମାନ ବନ୍ଦର ପହଂଚିବା ପରେ ଦୁଇଜଣ ନିଜ ନିଜ ବ୍ୟାଗ ଧରି ଆଗେଇ ଚାଲିଲେ ।

ବିମାନ ବନ୍ଦରର ସବୁ ପ୍ରକାର ଯାଞ୍ଚ୍ ପରେ ଦୁହେଁ ପାଖା ପାଖି ଚୌକିରେ ବସି ବିମାନକୁ ଅପେକ୍ଷା କଲେ । ଆଲୋକ ରିତାକୁ ପଚାରିଲା ରିତା ତୁମେ କ'ଣ ଭାଉଜଙ୍କ କଥାରେ କିଛି ଖରାପ୍ ଭାବିଲ କି ? ରିତା ଟିକେ ହସିଦେଇ କହିଲା ' ନା ନା ସେ ତ ଥଟ୍ଟାରେ କହିଲେ, ମୁଁ କାହିଁକି ଖରାପ ଭାବିବି ? ହଁ, ତେବେ ତାଙ୍କ କଥା ଶୁଣି ମୋ' ମନ ଭିତରେ ତୁମ ପାଇଁ କିଛିଟା ଆଗ୍ରହ ବଢ଼ି ଯାଇଛି ବୋଲି ମୁଁ ଅନୁଭବ କରୁଛି, ହୃଦୟରେ ମଧ ତୁମପାଇଁ କିଛି ସ୍ଥାନ ଖାଲି ହୋଇ ଯାଇଛି ' ଆଲୋକ୍ ରିତାର କଥା ଶୁଣି ଅବାକ୍ ହୋଇ ଗଲା । ନିଜ ମନ ଭିତରେ ଉଙ୍କି ମାରୁଥିବା କଥା ଗୁଡ଼ିକ କେତେ ସରଳ ଏବଂ ନିଷ୍କପଟ ଭାବେ ରିତା କହିଦେଲା ସେ କଥା ଭାବି ରିତାକୁ ଅନ୍ତରରୁ ଧନ୍ୟବାଦ୍ ଜ୍ଞାପନ କରିବା ସହିତ ରିତାର ଦୁଇ ପାପୁଲିକୁ ଧରି ଆଲୋକ ଆନନ୍ଦରେ ଅଧିର ହୋଇଉଠିଲା । ଆଲୋକ ରିତାକୁ କହିଲା ' ରିତା ତୁମେ ମୋ ମନର କଥା କହି ଦେଲ, ତୁମକୁ ସତରେ ଏଇ ଚାରି ଦିନ ମଧ୍ୟରେ ମୁଁ ନୀରବରେ ଭଲ ପାଇ ବସିଛି, ଜାଣେନା ଆଗକୁ କଣ ହେବ ? ଭଗବାନ ଯଦି ଚାହିଁବେ ତେବେ ତୁମେ ମୋର ସାତ ଜନ୍ମର ସାଥୀ ହୋଇ ରହିବ' । ଏକଥା କହିଲା ବେଳେ ଆଲୋକ ଆଖି ଲୁହରେ ପୂର୍ଣ୍ଣ ହୋଇ ଯାଇଥିଲା, ରିତା ଆଖିରୁ ମଧ ଲୁହ ନିଗିଡ଼ି ଆସିଲା । ସେହି ବାଗ୍‌ଡୋଗ୍ରା ବିମାନ ବନ୍ଦରର ୭ ଏବଂ ୮ ନମ୍ବର୍ ସିଟ୍‌ରେ ବସି ଦୁଇଜଣ ଦୁଇଜଣଙ୍କୁ ଜୀବନ ସାଥୀ ଭାବେ ପାଇବାକୁ ଈଶ୍ୱରଙ୍କୁ ପ୍ରାର୍ଥନା କରୁଥିଲେ । ବୋର୍ଡିଂ ନିମନ୍ତେ ଘୋଷଣା ହେବା ପରେ ଦୁହେଁ ବିମାନକୁ ପ୍ରବେଶ କରିବାକୁ ଆଗେଇ ଗଲେ । ପ୍ରାୟ ଏକ ଘଣ୍ଟାର ଯାତ୍ରା, ଆଲୋକର ହାତକୁ ଧରି ରିତା ଅନେକ ସ୍ୱପ୍ନ ଦେଖୁଥିଲା, ବାଇଶିଟି ବସନ୍ତ ଅତିକ୍ରମ କରି ଆସିଥିବା ରିତା ଗତ ଚାରିଦିନ ଭିତରେ ଜୀବନର ପ୍ରଥମ ପ୍ରେମକୁ ଖୋଜି ପାଇଛି, ସ୍କୁଲ କଲେଜ ତଥା ମେଡିକାଲ କଲେଜରେ ଅଧ୍ୟୟନ କରୁଥିବା ସମୟରେ ଅନେକ ସୁନ୍ଦର ଯୁବକ ତାକୁ ପ୍ରେମ ନିବେଦନ କରିଥିଲେ କିନ୍ତୁ ସେ ସବୁ ରିତା ଏଡ଼ାଇ ଯାଇଥିଲା । ଆଲୋକ ମଧ୍ୟ ରିତାର ସାନିଧ୍ୟ ପାଇ ନିଜକୁ ଧନ୍ୟ ମନେ କରୁ ଥିଲା, ତା ଜୀବନର ଅନେକ ଆଶା ଅନେକ ଇଚ୍ଛା ହୁଏତ ରିତା ପରି ଝିଅଟିଏ ପୂରଣ କରି ପାରିବ ତାକୁ ଦିଗନ୍ତ ବିସ୍ତାରି ପ୍ରେମରେ ସ୍ୱର୍ଗ ସୁଖ ଦେବ, ପରସ୍ପର ପରସ୍ପରର ଦୁଃଖ ସୁଖର ସାଥି ହୋଇ ଶାନ୍ତିରେ ସାରା ଜୀବନ କାଟି ଦେବେ, ଏହାଠାରୁ ଅଧିକ ଆଉ କଣ ଆଶା କରାଯାଇପାରେ ? କଲିକତା ବିମାନ ବନ୍ଦରରେ ପହଞ୍ଚି ଦୁହେଁ ଦୁହିଁଙ୍କୁ ଜାବୁଡ଼ି ଧରି ଅନେକ ଆଶ୍ୱାସନା ଦେଇ ପରସ୍ପର ଗନ୍ତବ୍ୟ ସ୍ଥାନକୁ ଯିବାକୁ ବାହାରି ଗଲେ । ମନ ଭିତରେ ଅନେକ ଆଶା ଅନେକ ସ୍ୱପ୍ନ ସହିତ ପୁନଶ୍ଚ ମିଳନ ପାଇଁ ଦୁଇଜଣ ବଦ୍ଧ ପରିକର ହୋଇ ଥିଲେ ।

ସମୟ ସହିତ ଦୁହିଁଙ୍କ ମଧ୍ୟରେ ମିଳାମିଶା ମଧ୍ୟ ବଢ଼ିଗଲା, କେହି କାହାକୁ ଛାଡ଼ି ରହିବାକୁ ଚାହୁଁ ନ ଥିଲେ, ଅନେକ ସ୍ୱପ୍ନ ଦେଖୁଥିଲେ, ପ୍ରେମର ଗଭୀରତାକୁ ସାଗର ସହିତ ତୁଳନା କରୁଥିଲେ, ଇନ୍ଦ୍ରଧନୁର ରଙ୍ଗକୁ ନିଜ ଜୀବନ ସହିତ ମିଶାଇ ରଙ୍ଗୀନ କରି ଦେଉଥିଲେ, ଝିପି ଝିପି ବର୍ଷା ଜଳରେ ଓଦା ହୋଇ ଜୀବନକୁ ନୂତନ ରୂପରେ ବିଶ୍ଳେଷଣ କରୁଥିଲେ । ଅନେକ ଆଲୋଚନା ସମାଲୋଚନା, ପ୍ରେମ ବିବାହର ଭଲ ମନ୍ଦ ଉଭୟ ଦିଗ ବିଷୟରେ ପୁଙ୍ଖାନୁପୁଙ୍ଖ ତର୍ଜମା, ଉଭୟଙ୍କ ଭିନ୍ନ କାର୍ଯ୍ୟ ଶୈଳୀ/ ବୃତ୍ତି, ଜଣେ ଡାକ୍ତର, ଜଣେ ଇଞ୍ଜିନିୟର କିପରି ତାଳ ମେଳ ଠିକ୍ ରହିବ ? ଏକଥା ଅନେକ କହିଲା ପରେ ମଧ ଆଲୋକ ଏବଂ ରିତା ତାଙ୍କ ଜିଦ୍‌ରେ ଅଟଳ ଥିଲେ । ବିଭାଘର ନ ହେଲେ ଦୁହେଁ ଆତ୍ମହତ୍ୟା କରିବାର ଚରମ ପନ୍ଥା ବାଛି ନେଇଥିଲେ । ସୁରଜ୍ ଏହି ସବୁ ବିଷୟ ଜାଣି ମଧ୍ୟସ୍ଥି ହେବାକୁ ସ୍ଥିର କରିଥିଲା, ନିଜ ମାଉସୀ, ମଉସାଙ୍କୁ ବୁଝାଇ ଆଲୋକ ସହିତ ରିତାର ବିଭାଘର ସ୍ଥିର କରିଥିଲା । ଆଲୋକ ଏହି ସବୁ ବିଷୟ ନିଜ ପିତା ମାତାଙ୍କୁ ଜଣାଇବା ପରେ ସେମାନେ ରିତାକୁ ଦେଖି ପସନ୍ଦ କରିଥିଲେ । ଡାକ୍ତର ବୋହୂ ପାଇ ଆଲୋକ ଘରେ ସମସ୍ତେ ଖୁସି ହୋଇ ଥିଲେ । ରିତା ଏବଂ ଆଲୋକର ବିବାହ ଖୁବ୍ ଧୁମ୍ ଧାମରେ ପାଳିତ ହେଇ ଗଲା । ଦୁହେଁ ଖୁବ୍ ସଫଳ ତଥା ସୁଖୀ ଦମ୍ପତ୍ତି, ସ୍ନେହ ପ୍ରେମ ,ମାନବିକତା ତାଙ୍କ ପାଖରେ ଭରି ରହି ଥିଲା, ଦୁଇ ପରିବାର ସହିତ ସମସ୍ତ ବନ୍ଧୁ ବାନ୍ଧବଙ୍କୁ ସେମନେ ନିଜ ଭଲପାଇବା ଦ୍ୱାରା ବାନ୍ଧି ରଖି ପାରିଛନ୍ତି । ସୁରଜ୍ ସୁନୀତାଙ୍କ ସାହାଯ୍ୟ ଆଲୋକ ଏବଂ ରିତା କେବେବି ଭୂଲି ପାରିବେ ନାହିଁ । ଆଲୋକ ଏବଂ ରିତାଙ୍କ ଜୀବନରେ କର୍ଷିଆଙ୍ଗଠାରେ ଘଟିଥିବା ଚାରିଦିନର ନୀରବ ପ୍ରେମ ସଫଳ ପ୍ରେମ ରେ ପରିଣତ ହୋଇ ଗଲା, ଏହାହିଁ ସ୍ୱୟଂ ଭଗବାନଙ୍କ ଲୀଳା ଛଡା ଆଉ କିଛି ନୁହେଁ ।

ଜୟ ଜଗନ୍ନାଥ ।


+ସ୍ନେହ କୁଟୀର, ଝାଞ୍ଜିରୀ ମଙ୍ଗଳା
କଟକ ୭୫୩୦୦୯
ମୋ:୯୯୩୭୧୭୪୦୯୭


# ମିଷ୍ଟର୍ ପେନସିଲ୍

ହେମନ୍ତ ସାହୁ



ଇଉରୋପ କମ୍ପାନୀର ୨୦ତମ ବୈଠକ ଭାରତରେ ଅନୁଷ୍ଠିତ ହେବାର ଅଛି । ମିଷ୍ଟର ଜେ.କେ ଥିଲେ ଏହି କମ୍ପାନୀର ସି.ଇ.ଓ । ତାଙ୍କର ଗୋଟିଏ ବୋଲି ପୁଅ । ଏହି ବୈଠକ ପାଇଁ ମିଷ୍ଟର ଜେ.କେ ତାଙ୍କ ପୁଅ ମିଷ୍ଟର୍ ପେନସିଲ୍‌ଙ୍କୁ ଇଂଲଣ୍ଡରୁ ଭାରତକୁ ଆସିବା ପାଇଁ ନିମନ୍ତ୍ରଣ ଦେଇଥିଲେ । ଆଜି ମିଷ୍ଟର୍ ପେନସିଲ୍ ଆସିବାର ଅଛି । ଜେ.କେ- ସାହୁ (ରଘୁନାଥ ସାହୁ ଥିଲେ ଜେ.କେଙ୍କର ଆସିଷ୍ଟାଣ୍ଟ) ଆଜି ମୋ ପୁଅ ମିଷ୍ଟର୍ ପେନସିଲ୍ ଆସିବାର ଅଛି । ଏୟାରପୋର୍ଟକୁ ଯାଇ ଆଣି ଆସ । ସାହୁ- ଠିକ୍ ଅଛି ସାର, କିନ୍ତୁ ମୁଁ ମିଷ୍ଟର୍ ପେନସିଲ୍‌ଙ୍କୁ ଚିହ୍ନିବି କେମିତି ? ଜେ.କେ- ମିଷ୍ଟର୍ ପେନସିଲ୍‌ଙ୍କ ଉଚ୍ଚତା ପ୍ରାୟ ଛଅ ଫୁଟ, ଦେଖିବାକୁ ଓଡ଼ିଆ ଫିଲ୍ମର କୌଣସି ହିରୋ ପରି ଓ ତାଙ୍କ ଆଖି ଉପରେ ଗୋଟେ କଳାଜାଇ ଅଛି ସାହୁ - ଠିକ୍ ଅଛି ସାର୍, ମୁଁ ଆଣିବାକୁ ଯାଉଛି ।

ସମୟ ପ୍ରାୟ ଦିନ ଆଠଟା ଉଡାଜାହାଜ ଆସିବାର ସମୟ ହେଲାଣି । ଏୟାରପୋର୍ଟରୁ ମିଷ୍ଟର ପେନସିଲ୍‌ଙ୍କୁ ଧରି ସାହୁ ଫେରୁଥାନ୍ତି । ହଠାତ୍ ତାଙ୍କ ଗାଡ଼ି ବନ୍ଦ ହୋଇଯାଇଛି । ଚାରିଆଡକୁ ଦେଖିଲା ବେଳେ ଜଙ୍ଗଲ ଖାଲି ଜଙ୍ଗଲ । ମିଷ୍ଟର ପେନସିଲ୍ ଗାଡ଼ିରୁ ତଳକୁ ଆସି ଜଙ୍ଗଲର ଫଟୋ ଉଠାଇବାକୁ ଲାଗିଲେ । ସାହୁ କହୁଥାନ୍ତି " ମିଷ୍ଟର ପେନସିଲ୍ ସାର୍ ଜଙ୍ଗଲର ବେଶୀ ଭିତରକୁ ନ ଯିବେ, ଏଠାରେ ବାଘ, ସିଂହ, ହାତୀ ଭଳି ଜଙ୍ଗଲି ପଶୁ ରୁହନ୍ତି " । ମିଷ୍ଟର ପେନସିଲ୍ ଟିକେ ଭିତରକୁ ଗଲାପରେ ଦେଖିଲେ, ଗୋଟିଏ ଆଦିବାସୀ ଝିଅ । ତା ମୁହଁ ଦେଖିବାକୁ ଯେମିତି ଚନ୍ଦ୍ରମା ମୁଖୁଟା, ଶରୀର ଗଙ୍ଗାନଦୀ ପରି ଓ ତା ଓଠକୁ ଦେଖିଲେ ମନେ ପଡେ ଝରଣାର ଶ୍ରୋତ । ବାଇଗଣି ରଙ୍ଗର ଶାଢ଼ୀ ତା ସହିତ ନୀଳ ରଙ୍ଗର ଚୁଡ଼ି । ମିଷ୍ଟର ପେନସିଲ୍ ପ୍ରଥମ ଦେଖାରେ ମୋହିତ ହୋଇଗଲେ ।

ସମୟ ରାତି ଆଠଟା ଇଉରୋପ୍ କମ୍ପାନୀର ବୈଠକ ଚାଲିଥାଏ । ମିଷ୍ଟର ପେନସିଲ୍ ସେ ଆଦିବାସୀ ଝିଅ ବିଷୟରେ ଭାବୁଥାନ୍ତି । ସେ ଝିଅ କିଏ ? ଜଙ୍ଗଲରେ କ'ଣ କରୁଥିଲା ? ସାହୁଙ୍କୁ ଡାକି ସବୁ ଜାଣିବାକୁ ଚେଷ୍ଟା କଲେ । ସାହୁ- ମିଷ୍ଟର ପେନସିଲ୍ ସାର୍ ସେ ଝିଅ ନାଁ ହେଲା 'ଫୁଲ' । ଜଙ୍ଗଲ ପାଖେ ତା ଘର । ଆଦିବାସୀ ମାନଙ୍କ ଭିତରେ କ୍ୟାନସର୍ (କର୍କଟ ରୋଗ) ରୋଗ ବେଶ୍ ବଢ଼ିବାକୁ ଲାଗିଛି, ସେହି ରୋଗର ପ୍ରତିକାର ପାଇଁ ସେ ଝିଅ ଫୁଲ ଜଙ୍ଗଲ ଜଙ୍ଗଲ ଯାଇ ଔଷଧ ସଂଗ୍ରହ କରେ । ମିଷ୍ଟର ପେନସିଲ୍- ସାହୁ ଫୁଲ କ୍ୟାନସର୍‌ର ଔଷଧ ସଂଗ୍ରହ କରିବାରେ ସଫଳ ହୋଇଛନ୍ତି କି ? ସାହୁ- ଏବେ ପର୍ଯ୍ୟନ୍ତ ନାହିଁ । ତାଙ୍କ ଆଦିବାସୀ ଗୋଷ୍ଠୀରେ ଅନେକ ବ୍ୟକ୍ତିର ମୃତ୍ୟୁ କ୍ୟାନସର୍ ପାଇଁ ହୋଇ ସାରିଲାଣି । ସବୁ ଜାଣିଲା ପରେ ମିଷ୍ଟର ପେନସିଲ୍ ପ୍ରତିଦିନ ଫୁଲକୁ ଦେଖିବାକୁ ଯାଉଥିଲେ ।

ସକାଳୁ ସକାଳୁ ମିଷ୍ଟର ପେନସିଲ୍ ଜଙ୍ଗଲ ଆଡ଼କୁ ବାହାରିଲେ । ତାଙ୍କ ମନ ହେଉଛି ଫୁଲ ପ୍ରତି ଥିବା ସବୁ ପ୍ରେମ ଭାବନା ଆଜି ପ୍ରକାଶ କରିଦେବାକୁ । ଫୁଲ ପାଖକୁ ଯାଇ ସବୁ ପ୍ରେମ ଭାବନା ପ୍ରକାଶ କରିଦେଲେ । କେତେ ସମୟ ଗଲା ପରେ ଫୁଲର ଉତ୍ତର ଆସିଲା ନା ମୋର ତୁମ ପ୍ରତି କିଛି ସେମିତି ପ୍ରେମ ଭାବନା ନାହିଁ ... । ମିଷ୍ଟର ପେନସିଲ୍ ତାଙ୍କ ମନର ଦୁଃଖକୁ ପ୍ରକାଶ କରିପାରୁନାହାନ୍ତି । ମାଲୁମ୍ ହୁଏ ଫୁଲ ମଧ ବହୁତ୍ ଦୁଃଖିତ ହୋଇ ଚାଲିଗଲେ, କିନ୍ତୁ କ'ଣ ପାଇଁ ...... ?

କେତେଦିନ ଗଲାପରେ ମିଷ୍ଟର ପେନସିଲ୍‌ଙ୍କର ଇଂଲଣ୍ଡ ଫେରିବାର ସମୟ ଆସିଲା । ମିଷ୍ଟର ପେନସିଲ୍‌ଙ୍କ ମନ ହେଲା ଜୀବନର ଶେଷଥର ପାଇଁ ଫୁଲକୁ ଦେଖି ଇଂଲଣ୍ଡ ଫେରିଯିବେ । "ତା ସାଥିରେ ଗୋଟେ ଦିନ ମୋର ଶହେ ବରଷ" ଏହା ତାଙ୍କ ଭାବନା ଥିଲା । ଫୁଲକୁ ଦେଖିବା ପାଇଁ ଜଙ୍ଗଲକୁ ଗଲେ କିନ୍ତୁ ଫୁଲର କିଛି ଦେଖା ନାହିଁ... । କିଛି ସମୟ ଗଲା ପରେ ଜାଣିବାକୁ ପାଇଲେ ଫୁଲର ଦୁଇଦିନ ଆଗରୁ କ୍ୟାନସର୍ ଯୋଗୁଁ ମୃତ୍ୟୁ ହୋଇଛି । ଏହା ଜାଣି ମିଷ୍ଟର ପେନସିଲ୍ ବହୁତ ଦୁଃଖିତ ହୋଇ କାନ୍ଦି ପକାଇଲେ ଜାଣିପାରିଲେ ସେ ଦିନ ଫୁଲ କାହିଁ ଦୁଃଖିତ ହୋଇ ଚାଲିଯାଇଥିଲେ । ମିଷ୍ଟର ପେନସିଲ୍ ଶପଥ ନେଲେ ଆଉ ଜଣେ ମଧ ଏହି ଜଙ୍ଗଲର ଆଦିବାସୀ କ୍ୟାନସର୍ ରୋଗରେ ମରିବେ ନାହିଁ । ସେ ଜଙ୍ଗଲରେ ଏକ କ୍ୟାନସର୍ ହସ୍ପିଟାଲ ପ୍ରତିଷ୍ଠା କଲେ । ହସ୍ପିଟାଲ ସାମ୍ନାରେ ଫୁଲର ଏକ ପ୍ରତିମା ସ୍ଥାପନ କଲେ । ମିଷ୍ଟର ପେନସିଲ୍ ଫୁଲ ପ୍ରତି ସେହି ପ୍ରେମ ଭାବନା ଏବେ ମଧ ସଜାଡି ରଖିଛନ୍ତି । ତାଙ୍କ ଏହି ଭାବନାକୁ ବର୍ଣ୍ଣନା କଲେ ଲାଗେ ଯେମିତି ଯୁବକବି ପ୍ରଶାନ୍ତ କୁମାର ଦାଶଙ୍କ କବିତାର କିଛି ପଦ -

"ତୁମକୁ ନ ପାଇବା ହିଁ
ମୋ ଜୀବନର ସର୍ବଶ୍ରେଷ୍ଠ ପ୍ରାପ୍ତି
ତମର ନଥିବା ଭିତରେ ବି
ତମର ଥିବାପଣଟିକୁ
ଯିଏ ଅନାୟାସେ ଗାଢ଼
ଅନ୍ଧାରରୁ ଅଣ୍ଡାଳି ଆଣି
କାନଭାସ୍ ଉପରେ
ଚିତ୍ରଟିଏ କରି ଥୋଇପାରେ
ସେଇ ଭାଗ୍ୟବାନ ଚରିତ୍ର ଜଣକ ମୁଁ ।।
( କବିତା-ପ୍ରାପ୍ତି ,ପୁସ୍ତକ - ଶୂନ୍ୟାସ୍ୱବ )

ମିଷ୍ଟର୍ ପେନସିଲ୍‌ଙ୍କ ଆଖିରେ ପ୍ରତ୍ୟେକ କ୍ୟାନସର୍ ରୋଗୀ ଭିତରେ ଫୁଲ ଦିଶେ । କ୍ୟାନସର୍ ରୋଗୀଙ୍କୁ ବଞ୍ଚାଇଲେ ଲାଗେ ଫୁଲକୁ ବଂଚାଉଛନ୍ତି । ସେଥିପାଇଁ ଏହି ହସ୍ପିଟାଲ ର ନାଁ ଦେଲେ ଫୁଲ କ୍ୟାନସର୍ ହସ୍ପିଟାଲ ।


+ରେଗଡା, ଏମ . ରାମପୁର,
କଳାହାଣ୍ଡି, ଓଡ଼ିଶା
ପିନ - ୬୬୭୧୦୨
ମୋ - ୬୩୭୧୮୨୭୦୩୧

# ଏମପିଭି ୩୩ ଗାଁରେ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା କରିବାକୁ ଦାବି

ମାଲକାନଗିରି, ୦୩/୧୧ (ନି.ପ୍ର): କାଲିମେଲା ବ୍ଲକ ଅନ୍ତର୍ଗତ ଏମପିଭି-୩୩ ଗାଁର୭୮ ବର୍ଷିୟା ବୃଦ୍ଧା କୁମୁଦିନୀ ହାଲଦାର । ଦୀର୍ଘ ୪ ବର୍ଷ ହେଲା ତାଙ୍କର ଦୁଇଟି ଯାକ କିଡନୀ ଖରାପ ହୋଇଯାଇଥିବା ବେଳେ ଏବେ ମରଣ ସହ ସଂଘର୍ଷ କରୁଛନ୍ତି । ସେ ପ୍ରଥମେ କାଲିମେଲା ଓ ପରେ ଆନ୍ଧ୍ରପ୍ରଦେଶରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି । ଅର୍ଥ ଅଭାବରୁ ହୋଇପାରୁନି ଉନ୍ନତ ଚିକିତ୍ସା । ସେହିପରି ଗାଁର ଆଉ ଜଣେ ବ୍ୟକ୍ତି ଆଶୁତୋଷ ରାୟ କିଡ଼ନୀ ରୋଗରେ ଆକ୍ରାନ୍ତ ଅଛନ୍ତି । ତାଙ୍କର ଦୁଇଟି ଯାକ କିଡ଼ିନୀ ଦୁଇ ବର୍ଷ ହେଲା ଖରାପ ହୋଇଯାଇଛି । ଆଗଭଳି ଆଉ କାମଧନ୍ଦା କରିପାରୁନାହାନ୍ତି । କାମ ନକଲେ ପରିବାର କିପରି ଚଳିବ ବୋଲି କହିଛନ୍ତି ଆଶୁତୋଷ । ଗାଁରେ ଏକ ହଜାର ଲୋକ ବସବାସ କରୁଥିବା ବେଳେ ସେମାନଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା ନାହିଁ । ଗାଁରେ ଥିବା ୯ଟି ନଳକୂଅ ମଧ୍ୟରୁ ୫ଟି ଖରାପ । ଆଉ ୪ଟି ନଳକୂଅରୁ ବାହାରୁଛି ଆଇରନ ମିଶା ପାଣି । ଗାଁ ମଝିରେ ୧୦ ହଜାର ଲିଟର କ୍ଷମତା ବିଶିଷ୍ଟ ପାଣି ଟାଙ୍କି ବସିଛି ତାହା ମଧ୍ୟ ଅଚଳ । ଷ୍ଟାଣ୍ଡପୋଷ୍ଟ ଭାଙ୍ଗିରୁଜି ଗଲାଣି । ଫଳରେ ଲୋକମାନେ ଦୂଷିତ ପାଣି ପିଇ କିଡ଼ିନୀ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହୋଇଛି । ମାସକରେ କିଡନୀ ରୋଗରେ ଆକ୍ରାନ୍ତ ହୋଇ ୩ ଜଣଙ୍କ ମୃତ୍ୟୁ ହେଲାଣି । ବର୍ତମାନ ସୁଦ୍ଧା ଗାଁ ର ୨୦ରୁ ଅଧିକ ଆକ୍ରାନ୍ତ ଅଛନ୍ତି । ଘରେ ଘରେ କିଡନୀ ରୋଗୀ ମରଣ ସହ ଲଢ଼େଇ କରୁଛନ୍ତି । ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଗୁହାରି କରିଛନ୍ତି ଗ୍ରାମବାସୀ । ଗଣମାଧ୍ୟମରେ ଖବର ପ୍ରକାଶ ପରେ ଗାଁକୁ ସ୍ୱାସ୍ଥ୍ୟ ବିଭାଗ ଆସି ପାଣି ନମୁନା ସଂଗ୍ରହ କରିବା ସହିତ ଲୋକଙ୍କୁ ପଚରା ଉଚରା କରି ଫେରିଯାଇଛି । ହେଲେ ସମାସ୍ୟାର ସମାଧାନ ହୋଇନାହିଁ । ଯାହାକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ଗାଁରେ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି ।

# ସଂକ୍ଷିପ୍ତ ଭୋଟରର ତାଲିକା ସଂଶୋଧନ ଜିଲ୍ଲା ପର୍ଯ୍ୟବେକ୍ଷକ ଶ୍ରୀମତୀ ଗୁହା ପୁନମ ତାପସ କୁମାରଙ୍କ ଜିଲ୍ଲା ଗସ୍ତ

ସୁବର୍ଣ୍ଣପୁର, ୦୩/୧୧ (ନି.ପ୍ର): ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ଜିଲ୍ଲା ପର୍ଯ୍ୟବେକ୍ଷକ ଶ୍ରୀମତୀ ଗୁହା ପୁନମ ତାପସ କୁମାର ଆଜି ସୁବର୍ଣ୍ଣପୁର ଜିଲ୍ଲା ଗସ୍ତରେ ଆସି ଜିଲ୍ଲାର ଉଭୟ ସୋନପୁର ଏବଂ ବୀରମହାରାଜପୁର ବିଧାନ ସଭା କ୍ଷେତ୍ରର ବିଭିନ୍ନ ବୁଥ ଅଞ୍ଚଳ ପରିଦର୍ଶନ କରିଛନ୍ତି । ସେ ଏହି ଗସ୍ତ ଅବସରରେ ବିଭିନ୍ନ ବୁଥ ବୁଲିବା ସହ ସଂକ୍ଷିପ୍ତ ଭୋଟର ସଂଶୋଧନ ଉପରେ ବୁଥ ଲେଭେଲ ଅଧିକାରୀଙ୍କ ସହ ସିଧା ସଳଖ ଆଲୋଚନା କରି ତୃଣ ମୂଳ ସ୍ତରରେ ସଂଶୋଧନ ପ୍ରକ୍ରିୟା କାର୍ଯ୍ୟକାରିତାର ସମୀକ୍ଷା କରିଛନ୍ତି । ଅପରାହ୍ନ ସ୍ଥାନୀୟ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ସେ ଜିଲ୍ଲାପାଳ ଶ୍ରୀମତୀ ଅନ୍ୟା ଦାସ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ ମେହେର, ଉପଜିଲ୍ଲାପାଳ ସୋନପୁର ସୌମ୍ୟରୂପା ରଥ, ଉପଜିଲ୍ଲାପାଳ ବୀରମହାରାଜପୁର ଲଲାଟେନ୍ଦୁ ସି, ଜିଲ୍ଲା ନିର୍ବାଚନ ଶାଖା ଡେପୁଟି କଲେକ୍ଟର ଯଶସ୍ୱିନୀ ପୋଥାଲ, ପ୍ରମୁଖଙ୍କ ସହ ଜିଲ୍ଲାର ଭୋଟର ସଂଶୋଧନ କାର୍ଯ୍ୟକାରିତାର ସ୍ଥିତି ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପାୱାର ପ୍ରେଜେଂଟେସନ ମାଧ୍ୟମରେ ସଂକ୍ଷିପ୍ତ ଭୋଟର ତାଲିକାର ସ୍ଥିତି ଓ କାର୍ଯ୍ୟକାରିତାର ଉପସ୍ଥାପନା କରାଯାଇ ଅବଗତ କରାଯାଇଥିଲା । ସେ ଏହି ଗସ୍ତ ଅବସରରେ ଉପସ୍ଥିତ ସମ୍ପୃକ୍ତ ଜିଲ୍ଲା ଅଧିକାରୀଙ୍କୁ ଭୋଟର ତାଲିକାର ସଂଶୋଧନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହିତ ଆଗାମୀ ଦିନରେ ଜିଲ୍ଲାର ଭୋଟର ସଂଯୋଗୀକରଣ ପ୍ରକ୍ରିୟାରେ ଯେପରି ଅଧିକରୁ ଅଧିକ ନୂତନ ତଥା ବାଦ ପଡ଼ିଥିବା ଭୋଟର ସାମିଲ ହେବେ ସେଥିପ୍ରତି ବିଶେଷ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ କରିବାକୁ ପରାମର୍ଶ ଦେଇଛନ୍ତି । ପୁନଶ୍ଚ ତୃଣମୂଳ ସ୍ତରରେ କାର୍ଯ୍ୟକ୍ରମର ବ୍ୟାପକ ପ୍ରଚାର ପ୍ରସାର କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି ଜିଲ୍ଲା ପର୍ଯ୍ୟବେକ୍ଷକ ଶ୍ରୀମତୀ ଗୁହା ପୁନମ ତାପସ କୁମାର ।

# ଶୀତଳା ମାତ୍ରା ଯାତ୍ରା କମିଟି ପକ୍ଷରୁ ରକ୍ତଦାନ ଶିବିର

ଜଳେଶ୍ୱର, ୦୩/୧୧ (ନି.ପ୍ର): ଜଳେଶ୍ୱର ବ୍ଲକ ପଶ୍ଚିମବାଡ ପଞ୍ଚାୟତ ରେଳା ଠାରେ ଶୀତଳା ମାତ୍ରା ଯାତ୍ରା କମିଟି ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ରକ୍ତଦାତା ସଂଘ ଓ ସମ୍ବାଦ ଆମ ଓଡ଼ିଶା ମିଳିତ ସହଯୋଗରେ ଆୟୋଜିତ ଶିବିରକୁ ଜିଲ୍ଲା ରକ୍ତଦାତା ସଂଘ ସଭାପତି କମଳ କୁମାର ଚକ୍ରବର୍ତ୍ତୀ ଶିବିରକୁ ଉଦଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବେ ଡାକ୍ତର ସତୀଶ ଚନ୍ଦ୍ର ଜେନା, ନିତ୍ୟାନନ୍ଦ ଜେନା, ରାମଶଙ୍କର ଆଚାର୍ଯ୍ୟ, ବିଜୟ ଜେନା, ଦିଲ୍ଲୀପ ଦାସ ଅଧିକାରୀ, କାଳୀ ଚରଣ ରାଉଳ,ସନ୍ତୋଷ ଦାସ ଅଧିକାରୀ, ରମେଶ ଆଚାର୍ଯ୍ୟ, ବଂଶୀଧର ପୃଷ୍ଟି, ପ୍ରଭାତ ଜେନା, ଚରଣ ପୃଷ୍ଟି, ବାପି ଚାନ୍ଦ ଓ ଗାଣ୍ଟୁ ଚାନ୍ଦ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଡାକ୍ତର ଜେନାଙ୍କ ନେତୃତ୍ୱରେ ନର୍ସିଂ ଅଫିସର ସ୍ୱାତୀ ସୁଚରିତା ରାଜ ଓ ସହଯୋଗୀ ବିନୋଦ ବିହାରୀ ଦାସ ରକ୍ତ ସଂଗ୍ରହ କରିଥିଲେ । ଶିବିରରୁ ୨୩ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ଜଳେଶ୍ୱର ସମ୍ବାଦ ପ୍ରତିନିଧି ସତ୍ୟବ୍ରତ ପ୍ରଧାନ, ଲକ୍ଷ୍ମୀଧର ବାରିକଙ୍କ ସହ କମିଟିର ସମସ୍ତ ସଭ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

# ସୁବର୍ଣ୍ଣପୁରରେ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ଓ ପୁରସ୍କାର ବିତରଣ ସଭା

ସୁବର୍ଣ୍ଣପୁର, ୦୩/୧୧ (ନି.ପ୍ର): କେନ୍ଦ୍ରୀୟ ଦୁର୍ନୀତି ନିବାରଣ ଆୟୋଗ ତରଫରୁ ସମଗ୍ର ଦେଶରେ ୨୮ଅକ୍ଟୋବରରୁ ୩ ନଭେମ୍ବର ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ଆଜି ଜିଲ୍ଲା ସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ଓ ପୁରସ୍କାର ବିତରଣ ସଭା ସୁବର୍ଣ୍ଣପୁର ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି ଓ ଉପ ଆରକ୍ଷୀ ଅଧିକ୍ଷକ ଦୁର୍ନୀତି ନିବାରଣ ବିଭାଗ ଶ୍ରୀମତୀ ରିତାଞ୍ଜଳୀ ପ୍ରଧାନ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ମେହେର ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ଉପଜିଲ୍ଲାପାଳ ସୋନପୁର ସୌମ୍ୟାରୁପା ରଥ, ଜିଲ୍ଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ ପ୍ରମୁଖ ଯୋଗଦେଇଥିଲେ କ୍ଷ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ମେହେର ସମସ୍ତଙ୍କୁ ଦୁର୍ନୀତି ବିରୁଦ୍ଧରେ ସଂଗ୍ରାମ କରିବା ପାଇଁ ଉଦ୍ଦିଷ୍ଟ ନାଗରିକ ଙ୍କ ପାଇଁ ସାଧୁତାର ଶପଥପାଠ କରାଇଥିଲେ । ଦୁର୍ନୀତି ନିବାରଣ ଉପ ନିର୍ଦ୍ଦେଶକ ଶ୍ରୀମତୀ ପ୍ରଧାନ ଦିବସର ତାତ୍ପର୍ଯ୍ୟ ତଥା ବିଭାଗର ଉଦ୍ଦେଶ୍ୟ ସହ ନାଗରିକଙ୍କ ଦାୟିତ୍ୱ ଓ କର୍ତବ୍ୟ ଉପରେ ଆଲୋକପାତ କରିଥିଲେ । ଅତିଥି ମାନେ ଦୁର୍ନୀତି କିଭଳି ଭାବରେ ଆମ ଦେଶର ପ୍ରଭୂତ କ୍ଷତି ସାଧନ କରୁଛି ଏବଂ ଏହି ବର୍ଷ ପାଇଁ ଥିବା ଥିମ୍ ସତ୍ୟନିଷ୍ଠ ସଂସ୍କୃତି ହିଁ ରାଷ୍ଟ୍ର ସମୃଦ୍ଧିର ଭିତି ଉପରେ ନିଜ ନିଜର ମତ ରଖିଥିଲେ । ଏକ ସୁନ୍ଦର ଦୁର୍ନୀତି ମୁକ୍ତ ଭବିଷ୍ୟତ ସମାଜ ଗଢିବା ର ଗୁରୁ ଦାୟିତ୍ୱ ଯୁବ ସମାଜ ଏବଂ ଛାତ୍ରଛାତ୍ରୀମାନଙ୍କ ଉପରେ ରହିଥିବା ସୂଚନା ଦେଇଥିଲେ ଓ ସମସ୍ତେ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସଚ୍ଚୋଟତା ସହିତ ଆଇନ ର ଅନୁପାଳନ କରି ଲାଂଚ ଦେବି ନାହିଁ କି ନେବି ନାହିଁ ବୋଲି ପ୍ରତିଜ୍ଞା କଲେ ସମାଜରୁ ଦୁର୍ନୀତି ମୂଳୋତ୍ପାଟନ ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶ୍ୱିନି କୁମାର ଭୋଇ କାର୍ଯ୍ୟକ୍ରମ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭାରେ ଜିଲ୍ଲା ସ୍ତରୀୟ ଅଧିକାରୀ, ଜିଲ୍ଲା ପରିଷଦ କାର୍ଯ୍ୟାଳୟର ଅଧିକାରୀ, ସେକ୍ସନ୍ ଅଫିସର, କର୍ମଚାରୀ , ଦୁର୍ନତୀ ନିବାରଣ ବିଭାଗର କର୍ମଚାରୀ , ମହାରାଜ ହାଇସ୍କୁଲ, କୋଶଳ ଆବାସିକ ବିଦ୍ୟାଳୟ, ଓ ସରକାରୀ ବାଳିକା ବିଦ୍ୟାଳୟ ବିଦ୍ୟାଳୟ ତଥା ମହାବିଦ୍ୟାଳୟ ର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ, ମିସନ୍ ଶକ୍ତିର କର୍ମକର୍ତା,ନେହେରୁ ଯୁବ କେନ୍ଦ୍ର ର ସ୍ୱେଚ୍ଛାସେବୀ ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତା, ଗଣମାଧ୍ୟମର ପ୍ରତିନିଧି, ସହରର ସଚେତନ ନାଗରିକ ଅଂଶଗ୍ରହଣ କରିଥିଲେ । ଦିବସ ଅବସରରେ ଆଜି ସକାଳେ ଏକ ସଚେତନତା ଶୋଭାଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ପତାକା ପ୍ରଦର୍ଶନ ପୂର୍ବକ ବ୍ଲକ କାର୍ଯ୍ୟାଳୟ ପରିସରରୁ ଶୁଭାରମ୍ଭ କରିଥିଲେ । ସପ୍ତାହ ପାଳନ ଅବସରରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ଆନୁକୁଲ୍ୟରେ ତର୍କ ପ୍ରତିଯୋଗିତା, ସ୍ଲୋଗାନ ରାଇଟିଂ ଭଳି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହାର କୃତି ପ୍ରତିଯୋଗୀମାନେ ଅତିଥି ମାନଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ କ୍ଷ ଅପରାହ୍ନରେ ସ୍ଥାନୀୟ ସୋନପୁର କଲେଜ ଠାରେ ଅଧ୍ୟାପକ, ଛାତ୍ର ଛାତ୍ରୀଙ୍କୁ ନେଇ ଦୁର୍ନୀତି ନିବାରଣ ବିଭାଗ ଓ କଲେଜ କର୍ତୃପକ୍ଷଙ୍କ ଆନୁକୂଲ୍ୟରେ ମହାବିଦ୍ୟାଳୟ ଅଧକ୍ଷଙ୍କ ଅଧକ୍ଷତାରେ ଦୁର୍ନୀତି ମୁକ୍ତ ଅଭିଯାନ ପରିପ୍ରେକ୍ଷୀରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ସପ୍ତାହ ବ୍ୟାପୀ ଚାଲିଥିବା ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଦୁର୍ନୀତି ନିବାରଣ ବିଭାଗର ସମସ୍ତ କର୍ମଚାରୀ ସହାୟତା କରିଥିଲେ ।

# ଘରେ କଳା କନା ବୁଲାଇଲେ ଦୁର୍ବୃତ୍ତ: ଲକ୍ଷାଧିକ ଟଙ୍କା ସହ ମୋବାଇଲ ଓ ସୁନାଗହଣା ଲୁଟ୍

ଧର୍ମଶାଳା, ୦୩/୧୧ (ନି.ପ୍ର): ସିଡି ଘର କବାଟ ଭାଙ୍ଗି ଘରେ ପଶିବା ସହ ଦୁର୍ବୃତମାନେ ଲୁଟି ନେଲେ ଲକ୍ଷାଧିକ ଟଙ୍କା, ମୋବାବଇ ଓ ସୁନାରୂପା ଗହଣା । ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ବ୍ରହ୍ମବରଦା ଥାନା ଅନ୍ତର୍ଗତ ବାଲିଗୁଡା (ଦେଉଳି) ଗ୍ରାମରେ । ଏହି ଗ୍ରାମର ଚନ୍ଦ୍ରମଣି ରାଉଳଙ୍କ ଘରୁ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ହୋଇଛି । ଚୋରମାନେ ସିଡି ଘର କବାଟ ଭାଙ୍ଗି ଘରେ ପଶି ଘର ଭିତରେ ଥିବା ଆଲମିରା ତାଲା ଖୋଲି ୨ଟି ଗହଣା ବାକ୍ସ ଓ ଗୋଟିଏ ମୋବାଇଲ ଓ ନଗଦ ୨ ଲକ୍ଷ ଟଙ୍କା ନେଇଯାଇଥିବା ନେଇ ନିଳମଣୀଙ୍କ ପରିବାର ପକ୍ଷରୁ ବ୍ରହ୍ମବରଦା ଥାନାରେ ଅଭିଯୋଗ କରାଯାଇଛି । ପୋଲିସ ସନ୍ଧାନୀ କୁକୁର ସହ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛି । ହେଲେ ଅଦ୍ୟାବଧି ଦୁର୍ବୃତଙ୍କ ଟେର ପାଇନି । ଅନ୍ୟପକ୍ଷରେ ଦୁର୍ବୃତମାନେ ଏହି ଗ୍ରାମର ପୃଥକ ପୃଥକ ଭାବେ ଦୁଇଟି ଘରୁ ଚୋରି କରିବାକୁ ଉଦ୍ୟମ କରି ବିଫଳ ହେବା ପରେ ନୀଳମଣୀଙ୍କ ଘରେ ଚୋରି କରିବାରେ ସଫଳ ହୋଇଥିଲେ । ଅଭିଯୋଗ ମୁତାବକ, ନିଳମଣୀଙ୍କ ପତ୍ନୀ ଓ ଝିଅ ପୃଥକ ଭାବେ ୨ଟି ଘରେ ଶୋଇଥିଲେ । ପୁଅ ବୋହୂ ବାହାରକୁ ଯାଇଥିବା ବେଳେ ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ବୃତମାନେ ଘର ସିଡି କବାଟ ଭାଙ୍ଗି ଘର ଭିତରେ ପଶି ଆଲମିରା ଚାବି ଖୋଲି ଭିତରେ ଥିବା ୨ଟି ଗହଣା ବାକ୍ସ, ଗୋଟିଏ ମୋବାଇଲ ଓ ଧାନ ବିକ୍ରୀ କରି ଚିନାବାଦାମ ବିହନ କିଣିବା ପାଇଁ ରଖିଥିବା ନଗଦ ଟଙ୍କା ଦୁର୍ବୃତମାନେ ନେଇ ପଳାଇ ଯାଇଥିବା ଆଜି ଭୋରରୁ ଜାଣିବାକୁ ପାଇଥିଲେ । ଆଜି ସକାଳ ସମୟରେ ଏହି ଖବର ପ୍ରଚାରିତ ହେବା ପରେ ପଡେଶୀ ଓ ବନ୍ଧୁ ଲୋକେ ଖୋଜାଖୋଜି କରି ଗାଁ ନିକଟସ୍ଥ ବ୍ରାହ୍ମଣୀ ନଦୀ କୂଳରେ ନେଇ ଯାଇଥିବା ୨ଟି ବାକ୍ସର ତାଲା ଭାଙ୍ଗି ସମସ୍ତ ସୁନା ଓ ରୂପା ଗହଣା ନେଇ ଗହଣା ଖୋଳ ଓ ବାକ୍ସକୁ ଫିଙ୍ଗି ଦେଇଥିବା ଦେଖିବାକୁ ପାଇଥିଲେ । ଏନେଇ ବ୍ରହ୍ମବରଦା ଥାନାରେ ଅଭିଯୋଗ କରାଯାଇଥିଲା । ପୋଲିସ ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ଦିଗକୁ ତଦନ୍ତ କରି ଫେରିଯାଇଥିବା ଜଣାପଡିଛି । ହେଲେ ପୋଲିସ ଦୁର୍ବୃତଙ୍କ ଟେର ପାଇ ନଥିଲା । ଦୁର୍ବୃତମାନେ ପ୍ରଥମେ ଗ୍ରାମର ପ୍ରଫୁଲ୍ଲର ସରଙ୍କ ଗେଟ୍ ତାଲା ଭାଙ୍ଗି ଘରେ ପଶିଥିଲେ । ଘରର ସମସ୍ତ କବାଟକୁ ଦୁର୍ବୃତମାନେ ବାଡେଇ ଥିଲେ । ହେଲେ ଘର ଭିତରେ ଥିବା ପ୍ରଫୁଲଙ୍କ ପରିବାର ଲୋକେ ଫୋନ ମାଧ୍ୟମରେ ପଡୋଶୀ ନରେନ୍ଦ୍ର ପାଣିଗ୍ରାହୀଙ୍କ ସହ ଯୋଗାଯୋଗ କରିଥିଲେ । ନରେନ୍ଦ୍ରଙ୍କ ପରିବାର ଲୋକେ ଆସିବା ପରେ ଦୁର୍ବୃତମାନେ ନରେନ୍ଦ୍ରଙ୍କ ଘରକୁ ଚୋରି କରିବା ପାଇଁ ଉଦ୍ୟମ କରିଥିଲେ । ହେଲେ ସେଠାରେ ଚୋରି କରିବାରେ ସଫଳତା ପାଇ ନ ଥିଲେ ।

# ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ

ମାଲକାନଗିରି, ୦୩/୧୧ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ଦୁର୍ନୀତି ନିବାରଣ ସପ୍ତାହ ଚଳିତ ମାସ ୨୮ ତାରିଖ ଠାରୁ ଆରମ୍ଭ ହୋଇ ଆସନ୍ତା ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ଚାଲୁ ରହିଛି । ଏହି ଅବସରରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସଭା ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ହୋଇଯାଇଛି । ଦେଶ ସ୍ୱାଧୀନତା ହେବାର ଅନେକ ବର୍ଷ ପରେ ମଧ୍ୟ ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଦିଗରେ ଆଜି ମଧ୍ୟ ଦୁର୍ନୀତି ଲୋପ ପାଇ ନାହିଁ । ଆବଶ୍ୟକତା ଠାରୁ ଅଧିକ ଲୋଭ ହିଁ ଦୁର୍ନୀତିକୁ ପ୍ରଶ୍ରୟ ଦେଉଛି । ସଜାଗ ଏବଂ ସଚେତନ ହେଲେ ଦୁର୍ନୀତିର ମୂଳୋତ୍ପାଟନ ହୋଇପାରିବ ଓ ଏକ ବିକଶିତ ରାଷ୍ଟ୍ର ଗଠନ ହୋଇପାରିବ । ଏହି ମାନସିକତା ଜାଗ୍ରତ କରିବା ସକାଶେ ପ୍ରତ୍ୟେକ ନାଗରିକ ଯତ୍ନବାନ ହେବା ଜରୁରୀ ହୋଇ ପଡିଛି ବୋଲି ନିଜ ବକ୍ତବ୍ୟରେ ଶ୍ରୀ ପ୍ରଧାନ ଜଣାଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ତପନ ନାରାୟଣ ରଥ, ଦୁର୍ନୀତି ନିବାରଣ ବିଭାଗୀୟ ଉପ ଆରକ୍ଷୀ ଅଧୀକ୍ଷକ, ସଦାନନ୍ଦ ପାଣି ଓ ଉପ ଜିଲ୍ଲାପାଳ ଦୁର୍ଯ୍ୟଧନ ଭୋଇ ମଞ୍ଚାସୀନ ଥିଲେ । ଲୋକଙ୍କର ମାନସିକତା ପରିବର୍ତନ କରିବାର ଆବଶ୍ୟକତା ରହିଛି ଓ ସମସ୍ତେ ଏକଜୁଟ ହୋଇ ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତୋଳନ କରିବାକୁ ହେବ ବୋଲି ଏହି ଅବସରରେ ଶ୍ରୀ ପାଣି ଆହ୍ୱାନ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ସମସ୍ତଙ୍କୁ ସାଧୁତାର ଶପଥ ପାଠ କରାଇଥିଲେ । ଜବାହର ନବୋଦୟ ବିଦ୍ୟାଳୟର ଛାତ୍ରୀମାନେ ବନ୍ଦେ ଉତ୍କଳଜନନୀ ସଙ୍ଗୀତ ପରିବେଷଣ କରିଥିଲେ । ମହାବିଦ୍ୟାଳୟ ସ୍ତରରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ । ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଜିଲ୍ଲା ପରିଷଦ ପର୍ଯ୍ୟନ୍ତ ଏକ ସଚେତନତା ରାଲି ଆୟୋଜନ କରାଯାଇଥିଲା । ରାଲିରେ ଜିଲ୍ଲାର ପାରମ୍ପରିକ ଲୋକନୃତ୍ୟକୁ ସାମିଲ କରଯାଇଥିଲା ।ଏଥିରେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀ ମାଆ, ଏନସିସି କ୍ୟାଡେଟ, ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଦୁର୍ନୀତି ନିବାରଣ ବିଭାଗର କର୍ମଚାରୀ ସାମିଲ ହୋଇଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ପୁରୀ ସଦର ମଣ୍ଡଳସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ପୁରୀ, ୦୩/୧୧ (ନି.ପ୍ର): ବିଶ୍ୱମ୍ବର ବିଦ୍ୟାପୀଠ ଠାରେ ପୁରୀ ସଦର ମଣ୍ଡଳ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଆଡ଼ମ୍ବର ପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଯାଇଛି । ଏହାର ଉଦ୍ଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ପୁରୀ ନଗରପାଳିକାର ମୁଖ୍ୟ ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ଉପସ୍ଥିତ ରହି କୁନି କୁନି ପିଲାମାନଙ୍କୁ ସେମାନଙ୍କ ଅନ୍ତର୍ନିହିତ ପ୍ରତିଭା ଉନ୍ମେଷଣ ସମ୍ପର୍କରେ ପ୍ରୋତ୍ସାହନ ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମରଥ ଉପସ୍ଥିତ ରହି ଛାତ୍ରଛାତ୍ରୀ ପିଲାଦିନରୁ ଚେଷ୍ଟା କଲେ ନିଶ୍ଚିତ ଭବିଷ୍ୟତରେ ଉନ୍ନତି କରିପାରିବେ ବୋଲି ସେମାନଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ୍ କୁମାର ତ୍ରିପାଠୀ,ବିଶ୍ୱମ୍ବର ବିଦ୍ୟାପୀଠ ର ପ୍ରଧାନ ଶିକ୍ଷକ ଶୁଭଶ୍ରୀ ଦାଶ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ଦ୍ୱାରା ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏହାର ଉଦ୍ଯାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ମମତା ମିଶ୍ର ମୁଖ୍ୟ ଅତିଥି ରୂପେ ଉପସ୍ଥିତ ରହି ଛୋଟ ଫୁଲ ମଧ୍ୟରେ ରହିଥିବା ସୁଗନ୍ଧ ସମସ୍ତଙ୍କୁ ଆକର୍ଷଣ କଲାଭଳି ପ୍ରତ୍ୟେକ ନିଜର ଲୁକ୍କାୟିତ ପ୍ରତିଭା ବଳରେ ପ୍ରତ୍ୟେକଙ୍କ ମନ ଆକୃଷ୍ଟ କରିବାକୁ ଉତ୍ସାହିତ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅଭିଷେକ ଦାଶ ତହସିଲଦାର, ପୁରୀ, ଦେବସ୍ମିତା ମହାପାତ୍ର, ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ, ଜିଲ୍ଲା ଶିକ୍ଷା ଓଶିକ୍ଷଣ ପ୍ରତିଷ୍ଠାନ ପୁରୀ, ପୂର୍ବତନ ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ, ବିଜୟ କୁମାର ପଣ୍ଡା ରତ୍ନାକର ବେହେରା,ଏବିଇଓ, ପୁରୀ ସଦର ମଣ୍ଡଳ ଯୋଗଦାନ କରି ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯିବା ସହ ପ୍ରଥମ ସ୍ଥାନ ହାସଲ କରିପାରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଜିଲ୍ଲା ସ୍ତରକୁ ଉନ୍ନୀତ କରାଯାଇଥିଲା ।

କାର୍ଯ୍ୟକ୍ରମର ସଭାପତି ତଥା ପୁରୀ ସଦର ମଣ୍ଡଳ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସାମଗ୍ରିକ ରୂପେ ପରିଚାଳନା କରାଯାଇଥିଲା । ପ୍ରଧାନ ଶିକ୍ଷକ ଶୁଭଶ୍ରୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ଓ ଶିକ୍ଷକ ବିଦ୍ୟାଧର ମିଶ୍ର ମଂଚ ପରିଚାଳନା କରିଥିଲେ ।

# ମୁର୍ଗିମାତାଙ୍କ ପୁଜା କଲେ କିନ୍ନର

ଜୟପୁର, ୦୩/୧୧ (ନି.ପ୍ର): ଜୟପୁର କିନ୍ନର ସଂଘ ତରଫରୁ ମୁର୍ଗିମାତାଙ୍କ ପୁଜା ଆରମ୍ଭ ହୋଇଛି । ମୁର୍ଗିମାତାଙ୍କୁ ବହୁତାରି ମାତା ବୋଲି ମଧ୍ୟ କୁହାଯାଏ । ଜୟପୁର ବାଇପାସ ରୋଡ ରେ ଏହି ପୁଜା କରାଯାଉଛି । ଦୀପାବଳି ଦିନ ରାତ୍ର ସମୟରେ କିନ୍ନରଙ୍କ ରୀତି ନୀତି ଅନୁଯାୟୀ ମୁର୍ଗମାତା ପୁଜା କରାଯାଇଥିଲା । ୭ ଦିନ ମାଙ୍କ ନିକଟରେ ପୁଜା ପାଠ କରାଯାଇ ବିସର୍ଜନ କରାଯିବ ବୋଲି ସଂଘର ତରଫରୁ ସୂଚନା ଦିଆଯାଇଛି । ଜୟପୁର କିନ୍ନର ସଂଘ ଉକ୍ତ ପୁଜା ଆୟୋଜନ କରିଥିବା ବେଳେ ପଡୋଶି ଜିଲା କିନ୍ନରଙ୍କୁ ନିମନ୍ତ୍ରଣ କରାଯାଇଛି । ପୂର୍ବ ପୁରଷ ପ୍ରଥା ଅନୁଯାୟୀ କିନ୍ନର ଏହି ପୁଜା କରୁଥିବା ବେଳେ ଏହି ପୁଜା କଲେ କିନ୍ନରଙ୍କ ମଙ୍ଗଳ ସହ ରାଷ୍ଟ୍ରର ମଙ୍ଗଳ ପାଇଁ ଏହି ପୁଜା କରାଯାଉଛି । କିନ୍ନରଙ୍କ ନିଜର ମନରେ ଦୁଃଖ ଥିଲେ ବି ଲୋକଙ୍କ ମଙ୍ଗଳ ପାଇଁ ପୁଜା କରୁଥିବା ପ୍ରକାଶ କରିଛନ୍ତି । ମଙ୍ଗଳବାର ମୁର୍ଗିମାତାଙ୍କ ବିସର୍ଜନ ହେବ ବୋଲି କିନ୍ନର ଗଙ୍ଗା ପାଣିଗ୍ରାହୀ ସୂଚନା ଦେଇଛନ୍ତି ।

# ଅନନ୍ୟ ଅକ୍ଷୟ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, ୦୩/୧୧ (ନି.ପ୍ର): ପୂର୍ବାହ୍ନରେ ବାରୁଅ ସ୍ଥିତ ଜିଲ୍ଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଭାବଗ୍ରାହୀ କଳା ନିକେତନର ଚିର ସବୁଜ ଅକ୍ଷୟ ମହାନ୍ତି କକ୍ଷରେ ଅନନ୍ୟ ଅକ୍ଷୟ ଉତ୍ସବ-୨୦୨୪ ପାଇଁ ଏକ ପ୍ରସ୍ତୁତି ବୈଠକ ଅକ୍ଷୟ ମହାନ୍ତିଙ୍କ ପଟ୍ଟଶିଷ୍ୟ ସଂଗୀତ ନିର୍ଦ୍ଦେଶକ ବିମଳ ପ୍ରସାଦ ପରିଡାଙ୍କ ଆବାହକତ୍ୱ ଏବଂ ପୌରୋହିତ୍ୟରେ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି । ଓଡିଆ ସଂଗୀତ ଜଗତର ପ୍ରବାଦ ପୁରୁଷ ତଥା ଅପ୍ରତିଦ୍ୱନ୍ଦୀ ବାଦ୍‌ଶାହା ଅକ୍ଷୟ ମହାନ୍ତିଙ୍କ ପୁଣ୍ୟ ୨୩ ତମ ଶ୍ରାଦ୍ଧ ଦିବସ ଉପଲକ୍ଷେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ପ୍ରଥମେ ଅକ୍ଷୟ ମହାନ୍ତି, ଭିକାରୀ ବଳ, କବି ଭାବଗ୍ରାହୀ ପରିଡା ଏବଂ ଧର୍ମପ୍ରାଣା ସରୋଜିନୀ ପରିଡାଙ୍କ ପ୍ରତିକୃତିରେ ଅତିଥିମାନେ ପୁଷ୍ପାର୍ଘ୍ୟ ପ୍ରଦାନ କରିବା ସହିତ ଅନନ୍ୟ ଅକ୍ଷୟ ଉତ୍ସବର ପରିକଳ୍ପନା ଏବଂ ଆୟୋଜନା ସଂପର୍କରେ ଆଲୋଚନା କରିଥିଲେ । ଆରମ୍ଭରେ ବିଶିଷ୍ଟ କଣ୍ଠଶିଳ୍ପୀ ବିମଳ ପରିଡା ଏବଂ ନିରୁପମା ଜେନା ଅକ୍ଷୟଙ୍କ କାଳଜୟୀ ଭଜନ ମେଘମାଳାକୁ ନିନ୍ଦେ କଳାକୁ ଗାଇଥିଲେ । ଅନନ୍ୟ ଅକ୍ଷୟ ଉତ୍ସବ ଉପଲକ୍ଷେ ଆସନ୍ତା ନଭେମ୍ବର ମାସ ୧୭ ତାରିଖ ଅପରାହ୍ନରେ ଅକ୍ଷୟ ସଙ୍ଗୀତ ପ୍ରତିଯୋଗୀତା, ଶ୍ରଦ୍ଧାଞ୍ଜଳି ସଭା, ଅନନ୍ୟ ଅକ୍ଷୟ ସମ୍ମାନ ପ୍ରଦାନ ଏବଂ ଅକ୍ଷୟ ସଂଗୀତ ଓ ନୃତ୍ୟ ସମାରୋହ ଆଦି କାର୍ଯ୍ୟକ୍ରମ ଯଥାବିଧି ଅନୁଷ୍ଠିତ ହେବାକୁ ସର୍ବସମ୍ମତି କ୍ରମେ ସ୍ଥିର କରାଗଲା । ଭାବଗ୍ରାହୀ କଳା ନିକେତନ, ରେଡିଓ ଭାବଗ୍ରାହୀ ଏବଂ ଅକ୍ଷୟ ମହାନ୍ତି ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ବୈଠକରେ ବାଣୀ ବିନୋଦ ସାହିତ୍ୟ ସେବା ନିକେତନର ସଭାପତି ନିରଂଜନ ପରିଡା, ମହ୍ଲାର ଅର୍କେଷ୍ଟ୍ରାର ସଂପାଦକ ରଂଜନ ବରାଳ, ଆର୍‌ଡିସିୱାଇଓ ର ସଂପାଦକ ଚିତରଂଜନ ପ୍ରଧାନ, ଭିକାରୀ ବଳ ସ୍ମୃତି ସଂସଦର ସଭ୍ୟା ରଶ୍ମୀତା ସୂତାର, ଭାବଗ୍ରାହୀ ସରୋଜିନୀ ମେମୋରିଆଲ୍ ଚାରିଟେବୁଲ୍ ଟ୍ରଷ୍ଟ୍‌ର ଉପସଭାପତି ବିକ୍ରମ କେଶରୀ ପରିଡା, ରେଡିଓ ଭାବଗ୍ରାହୀର ମୁଖ୍ୟ ଟ୍ରଷ୍ଟି ଶ୍ରୀମତୀ ଧୀରାମଣି ପରିଡା, ଅକ୍ଷୟ ମହାନ୍ତି ସ୍ମୃତି ସଂସଦର ଉପସଭାପତି ନିରୁପମା ଜେନା, ରେଡିଓ ଭାବଗ୍ରାହୀର କେନ୍ଦ୍ର ନିର୍ଦ୍ଦେଶକ ଇଂ ବିଶ୍ୱଜିତ୍ ପରିଡା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନୃତ୍ୟ ଶିଳ୍ପୀ କୁସୁମ ପଣ୍ଡା, ନିବେଦିତା ନାୟକ, ସ୍ମୃତିରେଖା ବିଶ୍ୱାଳ, ପ୍ରତୀକ୍ଷା ନାୟକ, ଅର୍ଚ୍ଚନା ପରିଡା, ଅଂକିତା ପରିଡା ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ନୃତ୍ୟ ଶିଳ୍ପୀମାନେ ଅକ୍ଷୟଙ୍କ କାଳଜୟୀ ସୃଷ୍ଟି ଯା ରେ ଭାସି ଭାସି ଯା ଗୀତରେ ନୃତ୍ୟ ପରିବେଷଣ କଲାପରେ ଅକ୍ଷୟ ମହାନ୍ତି ସ୍ମୃତି ସଂସଦର ପ୍ରତିଷ୍ଠାତା ସଭାପତି ବିମଳ ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ

କେନ୍ଦୁଝର/ଘଟଗାଁ, ୦୩/୧୧ (ନି.ପ୍ର): ସମଗ୍ର ରାଜ୍ୟରେ ଦୁର୍ନୀତି ନିବାରଣ ସପ୍ତାହ ଅକ୍ଟୋବର ୨୮ ତାରିଖରୁ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ଚାଲୁ ରହିଛି । ଏହି ପରିପ୍ରେକ୍ଷୀରେ କେନ୍ଦୁଝର ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ଶନିବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଦରବାର ହଲଠାରେ ପାଳିତ ହୋଇଯାଇଛି । ଆୟୋଜିତ ଏହି ସାଧାରଣ ସଭାରେ ଅତିରିକ୍ତ ଜିଲ୍ଲାପାଳ ଆଲୋକ ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦିଲ୍ଲୀପ କୁମାର ନାୟକ, ଜିଲ୍ଲା ପରିଷଦ କେନ୍ଦୁଝରର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୁଷଣ ଓ ଏସିଏଫ ଶ୍ରୀ କେ. ନାଗରାଜୁ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ସାଧାରଣ ସଭା ପୂର୍ବରୁ ଛାତ୍ର ଛାତ୍ରୀ ଏବଂ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀଙ୍କୁ ନେଇ ଏକ ଜନସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ବାହାରିଥିବା ଏହି ରାଲିରେ ଶତାଧିକ ଛାତ୍ର ଛାତ୍ରୀ ଏବଂ ସ୍ୱୟଂ ସହାୟକ ମହିଳା ସଦସ୍ୟ ଅଂଶ ଗ୍ରହଣ କରି ଦୁର୍ନୀତି ବିରୋଧୀ ସଚେତନତା ସ୍ଲୋଗାନ ଦେଇ ଶୋଭାଯାତ୍ରା କରିଥିଲେ । ଆୟୋଜିତ ସଭାରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ କୁମାର ନାଗଭୁଷଣ ଉଦବୋଧନ ଦେଇ ଭାରତୀୟ ସଂସ୍କୃତି କାହିଁ କେଉଁ ଅବାହମାନ କାଳରୁ ସତ୍ୟନିଷ୍ଠ ସଂସ୍କୃତିର ନିଦର୍ଶନ ଦେଇ ଆସୁଥିବା କହିଥିଲେ । ମନୁଷ୍ୟ ନିଜ ଆବଶ୍ୟକତା ପୂରଣକୁ ଗୁରୁତ୍ୱ ନଦେଇ ଲୋଭର ବଶବର୍ତୀ ହେଲେ ଦୁର୍ନୀତିର ମୂଳଦୂଆ ବୋଲି କହିଥିଲେ । ଏହି ଲୋଭକୁ ପରିହାର କରି ବିବେକାନୁମୋଦିତ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ । ସେହିପରି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ନାୟକ ବ୍ୟକ୍ତିଗତ ସ୍ତରରେ ସତ୍ୟନିଷ୍ଠ ଅଭ୍ୟାସକୁ ଅନୁସରଣ କରିବାକୁ ଆହ୍ୱାନ ଦେଇଥିଲେ । ଦୁର୍ନୀତି ନିବାରଣ ବିଭାଗ କେନ୍ଦୁଝର ଶାଖା ପକ୍ଷରୁ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତା ମାନ ଆୟୋଜନ ହୋଇଥିଲା ସେଥିରେ କୃତକାର୍ଯ୍ୟ ଲାଭ କରିଥିବା ଛାତ୍ର ଛାତ୍ରୀଙ୍କୁ ଆଜିର ଏହି ସାଧରଣ ସଭାରେ ପୁରସ୍କୃତ କରାଯାଇଥିଲା । ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ଅତିଥି ପରିଚୟ ସହ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଉଦବୋଧନ ଦେଇଥିଲା ବେଳେ ଭିଜିଲାନ୍ସ ଉପ ଆରକ୍ଷୀ ଅଧିକ୍ଷକ ସୁଧାଂଶୁ ଶେଖର ପୂଜାରୀ ବିଭିନ୍ନ ଦୁର୍ନୀତି ବିରୋଧୀ ଅଭିଯାନ ବାବଦରେ ବିବରଣୀ ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶିକ୍ଷକ ସାଜିଲେ ବିଡ଼ିଓ: ଛାତ୍ରଛାତ୍ରୀଙ୍କୁ ପଢ଼ାଇଲେ ପାଠ

ମାଲକାନଗିରି, ୦୩/୧୧ (ନି.ପ୍ର): ଶିକ୍ଷକ ସାଜିଲେ ବିଡ଼ିଓ, ଛାତ୍ରଛାତ୍ରୀଙ୍କୁ ପଢାଇଲେ ପାଠ । ଭଲମନ୍ଦ ପଚାରିବୁଝିବା ସହ କଲେଜରେ କେମିତି ଚାଲିଛି ପାଠପଢା କଲେ ଅନୁଧ୍ୟାନ । ମାଲକାନଗିରି ମାଥିଲିରୁ ଏଭଳି ଦୃଶ୍ୟ ସାମ୍ନାକୁ ଆସିଛି । ବିଡିଓ ହିମାଂଚଳ ମାଝି ବଳଦିଆଗୁଡା ସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ମହାବିଦ୍ୟାଳୟକୁ ଗସ୍ତ କରିଥିଲେ । ଏହି ସମୟରେ ବିଡ଼ିଓ ଛାତ୍ରଛାତ୍ରୀମାନଙ୍କୁ ଭଲମନ୍ଦ ପଚାରି ବୁଝିବା ସହ ପାଠ ପଢାଉଥିବା ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଛି । ସେହିପରି ମଧୁରତା ଓ ସ୍ଥିରତାର ସହ ଛାତ୍ରଛାତ୍ରୀଙ୍କୁ ପାଠ ପଢାଇବାକୁ ଅଧାପକ ମାନଙ୍କୁ ମଧ୍ୟ ବିଡ଼ିଓ ପରାମର୍ଶ ଦେଇଛନ୍ତି । ଆଗାମୀ ଦିନରେ ଏହି ଅଂଚଳର ବିକାଶ କରାଯିବା ସହ ଶିକ୍ଷାର ମାନ ଉପରେ ମଧ୍ୟ ଫୋକସ କରାଯିବ ବୋଲି ସେ କହିଛନ୍ତି ।

# ଅଟୋ- ବାଇକ୍ ଧକ୍କା : ୨ ମୃତ

ଗଞ୍ଜାମ, ୦୩/୧୧ (ନି.ପ୍ର): ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଅଂଚଳରେ ଆଜି ଏକ ଯାତ୍ରୀବାହି ଅଟୋ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି । କାଣ୍ଡେଶ୍ୱର ହରିଜନସାହି ନିକଟରେ ଏହି ଦୁର୍ଘଟଣା ଘଟିଛି । ବାଇକ୍ ଚାଳକ ଓ ଲିଫ୍ଟ ନେଇ ଆସୁଥିବା ମହିଳାଙ୍କ ମୃତ୍ୟୁ ଘଟିଛି । ଅଟୋରେ ବସିଥିବା ୫ ଜଣ ଯାତ୍ରୀ ସାମାନ୍ୟ ଆହତ ହୋଇଛନ୍ତି । ଆହତ ମାନଙ୍କୁ ଦିଗପହଣ୍ଡି ଡାକ୍ତରଖାନାରେ ଚିକିତ୍ସା କରାଯାଇଛି । ଖବର ପାଇ ଦିଗପହଣ୍ଡି ପୋଲିସ ଘଟଣାସ୍ଥଳରେ ପହଂଚି ଦୁଇ ମୃତକଙ୍କ ଶବ ଜବତ କରିଛି । ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ ଅଟୋକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି ।

# ଲୋକଙ୍କ ସହ ସମ୍ପର୍କଯୋଡି ଜନତାର ସ୍ୱର ସାଜିବା ଲକ୍ଷ୍ୟରେ ବିଜେଡିର ଜନସମ୍ପର୍କ ପଦଯାତ୍ରା




ନୀଳଗିରି , ୦୩/୧୧ (ନି.ପ୍ର): ରାଜ୍ୟ ସରକାରଙ୍କ ଜନବିରୋଧୀ କାର୍ଯ୍ୟକ୍ରମ ଏବଂ ବିଫଳତା ବିରୋଧରେ ନିଳଗିରି ବିଜୁଜନତା ଦଳ ତରଫରୁ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରବିବାର ନୀଳଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୧୩ନଂ ଜୋନ ଗୁଡ଼ିଖାଣିଆ ଠାରୁ ମିତ୍ରପୁର ବଜାର ପର୍ଯ୍ୟନ୍ତ ବିଜେଡିର ଜୋରଦାର ଜନସଂପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ପଦଯାତ୍ରାରେ ୧୩ନମ୍ବର ଜୋନ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ଶତାଧିକ ବିଜୁପ୍ରେମୀ ପଦଯାତ୍ରାରେ ବାହାରିଥିଲେ। ଗତ ନିର୍ବାଚନରେ ବାଲେଶ୍ୱର ସଂସଦୀୟ କ୍ଷେତ୍ର ପ୍ରାର୍ଥୀ ଲେଖାଶ୍ରୀ ସାମନ୍ତସିଂହାର, ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ, ୧୩ନମ୍ବର ଜୋନ ଜିଲ୍ଲାପରିଷଦ ସଭ୍ୟ ଗତିକୃଷ୍ଣ ନନ୍ଦ ସମେତ ଅନେକ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ,ୱାର୍ଡ ମେମ୍ବର ଏହି ପଦଯାତ୍ରାରେ ସାମିଲ ହୋଇଥିଲେ। ଜନସଂପର୍କ ଯୋଡିବା ଲୋକଙ୍କ ସ୍ୱର ସାଜିବା ସହ ନବୀନ ପଟ୍ଟନାୟକଙ୍କ ଜନହିତକର କାର୍ଯ୍ୟକୁ ସଫଳ ରୂପାୟନ ପାଇଁ ଘରେ ଘରେ ତାଙ୍କର ଲୋକପ୍ରିୟତାକୁ ପହଁଚ୍ଛାଇବା ଲଗି ଏହି ପଦଯାତ୍ରାର ଆଭିମୁଖ୍ୟ ଥିଲା । ଦୀର୍ଘ ୨୪ବର୍ଷର ସୁଶାସନ ଏବଂ ବହୁ ଜନହିତକର କାର୍ଯ୍ୟ ଏବେ ପାଣିର ଗାର ହୋଇଯାଇଛି। ତେଣୁ ସାଧାରଣ ଜନତାର ନେତା ନବୀନ ପଟ୍ଟନାୟକଙ୍କୁ ସାଧାରଣ ଜନତା ସର୍ବମାନ୍ୟ ନେତାର ଆସନରେ ଦେଖିବାକୁ ଚାହୁଁଥିବା କହିଛନ୍ତି ବହୁ ବରିଷ୍ଠ ନେତା।ଏହି ପଦଯାତ୍ରାରେ ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ ଯୁବ ବିଜେଡ଼ିର ସାଧାରଣ ସମ୍ପାଦକ ଉଦୟଜ୍ୟୋତି ମହାନ୍ତି, ଗଙ୍ଗାଧର ମିଶ୍ର, ରାଜୀବ ଦାସବାବୁ, ରମେଶ ମହାନ୍ତି, ଧୀରେନ୍ଦ୍ର ମୁଦୁଲି, ପ୍ରଣବ ନନ୍ଦ ଦେବଗୋସ୍ୱାମୀ, ଦୁର୍ଗା ପ୍ରସାଦ ମହାନ୍ତି , ସତ୍ୟ ବାରିକ ସମେତ ବହୁ ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

# ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ,ପୁରୀ ବାଲେଶ୍ୱର ସମିତିର ଜରୁରୀ କାଳୀନ ବୈଠକ ଅନୁଷ୍ଠିତ

ବାଲେଶ୍ୱର, ୦୩/୧୧ (ନି.ପ୍ର): ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ,ପୁରୀ ବାଲେଶ୍ୱର ସମିତି ର ଜରୁରୀ କାଳୀନ ବୈଠକ ତାମୂଳିଆ ସ୍ଥିତ ପାମ ଗାର୍ଡେନ କଲ୍ୟାଣ ମଣ୍ଡପ ବିଶ୍ରାମ ଗୃହରେ ସମିତିର ଉତ୍ତରାଞ୍ଚଳ ସାଧାରଣ ସମ୍ପାଦକ ବିକାଶ କୁମାର ଦାସ ଙ୍କ ଆହ୍ୱାନ ରେ ଅନୁଷ୍ଠିତ ହୋଇ ଯାଇ ଅଛି।ଏହି ବୈଠକକୁ ସମିତିର ସଭାପତି ଭବାନୀ ଶଙ୍କର ଦାଶ ସଭାପତିତ୍ୱ କରିଥିବା ବେଳେ,ବିକାଶ କୁମାର ଦାସ ଙ୍କ ସହ ସମିତିର ରାଜ୍ୟ ଉପସଭାପତି ପଦ୍ମନାଭ ସାହୁ, ସମିତିର ଉତ୍ତରାଞ୍ଚଳ ସଭାପତି ଅଜିତ କବାଟ,ବାଲେଶ୍ୱର ଜିଲ୍ଲା ସମ୍ପାଦକ ନିତ୍ୟାନନ୍ଦ କର ମଞ୍ଚାସିନ ଥିଲେ।ଆସନ୍ତା ୦୬ ଜାନୁୟାରୀ ୨୦୨୫ ରୁ ୦୮ ଜାନୁୟାରୀ ୨୦୨୫ ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ,ପୁରୀ ତରଫରୁ ଏକ ଅନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ମହୋତ୍ସବ ଭୁବନେଶ୍ୱର ସ୍ଥିତ ଓଗଗଞ୍ଜ ପ୍ରକ୍ଷ୍ୟାଳୟ ରେ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି।ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲା ସମିତି ତରଫରୁ ଆଲୋଚନା ପାଇଁ ଆଜିର ଏହି ବୈଠକ କୁ ଆହ୍ୱାନ କରାଯାଇଥିଲା।କିଭଳି ଭାବେ ସଂଗଠନ ତରଫରୁ ଅନୁଷ୍ଠିତ ହେବାକୁ ଥିବା ଅନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ମହୋତ୍ସବ ରେ ବାଲେଶ୍ୱର ଜିଲ୍ଲାରୁ ସମସ୍ତ ସଦସ୍ୟ ଉପସ୍ଥିତ ରହିବେ ସେଥିନେଇ ବିସଦଭାବେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଦସ୍ୟ ଶୁଭଙ୍କର ମହାପାତ୍ର, ସୁରେଶ ଚନ୍ଦ୍ର ଦାସ,ମନୋଜ କୁମାର ପ୍ରଧାନ,ବିଜୟ କୁମାର କର,ଅକ୍ଷୟ କୁମାର ଦାସ,ପ୍ରଭାସ କୁମାର ଦାସ,ବିଭୁତି ଭୂଷଣ କର,ସତ୍ୟନାରାୟଣ ମହାପାତ୍ର, ପ୍ରବୀର କୁମାର କର,ପ୍ରଶାନ୍ତ କୁମାର ମହାପାତ୍ର, ବିଦ୍ୟୁତ ପ୍ରଭା ଦାସ, ଚିତ୍ତରଞ୍ଜନ ଦାଶ, ରମେଶ ଚନ୍ଦ୍ର ଦାସ,ନକୁଳ ଚରଣ କର, ବିରଞ୍ଚି ନାରାୟଣ ପଣ୍ଡା,ଲକ୍ଷ୍ମଣ କୁମାର ପାତ୍ର,ବସନ୍ତ କୁମାର ମଲ୍ଲିକ, ଜଗନ୍ନାଥ ସଂଖୁଆ, ରଜନୀକାନ୍ତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଶାଳ ରକ୍ତଦାନ ଶିବିର : ୨୦୫ ୟୁନିଟ ରକ୍ତ ସଂଗୃହିତ



ବାଲେଶ୍ୱର, ୦୩/୧୧ (ନି.ପ୍ର): ଆଜି ବାଲେଶ୍ୱର ରକ୍ତଭଣ୍ଡାରରେ ରକ୍ତର ଅଭାବକୁ ଆଖିଆଗରେ ରଖି ଯୁବନେତା ତଥା ଛାତ୍ର ଜନତା ବାଲେଶ୍ୱର ଜିଲ୍ଲା ସଭାପତି ସିମନ ଦାସ ମହାପାତ୍ରଙ୍କ ନେତୃତ୍ୱରେ ସ୍ଥାନୀୟ ଷ୍ଟେସନ କ୍ଲବ ଠାରେ ଏକ ବିଶାଳ ରକ୍ତଦାନ ଶିବିର ବାଲେଶ୍ୱରର ପୂର୍ବତନ ସାଂସଦ ଶ୍ରୀଯୁକ୍ତ ରବୀନ୍ଦ୍ର କୁମାର ଜେନାଙ୍କ କରକମଳରେ ଉଦଘାଟିତ ହୋଇଯାଇଛି ଏହି ଶିବିରରେ ୨୦୫ ୟୁନିଟ ରକ୍ତ ସଂଗୃହିତ ହୋଇଥିବ ବେଳେ ଭୋଗରାଇ ବିଧାୟକ ଶ୍ରୀଯୁକ୍ତ ଗୌତମବୁଦ୍ଧ ଦାସ,ବସ୍ତା ବିଧାୟିକା ଶ୍ରୀମତୀ ସୁବାସିନୀ ଜେନା, ଜିଲ୍ଲାପରିଷଦ ସଭାପତି ନାରାୟଣ ପ୍ରଧାନ, ମୁନିସିପାଲିଟି ଅଧକ୍ଷା ସବିତା ସାହୁ, ବ୍ରିଟ ଅଧକ୍ଷ ଆଲୋକ ସାହୁ ସମାଜସେବୀ ସାହିରୁଲ ହକ, ଯୁବ ଜନତା କାର୍ଯ୍ୟକରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ଯୁବନେତା ମାନସ ଦାସ ପଟ୍ଟନାୟକ, କୁରୁଡ଼ା ସରପଞ୍ଚ ତାପସ ପାଣିଗ୍ରାହୀ,ଶ୍ରମିକ ନେତା ଶାନ୍ତନୁ ଦାସ, ଅଜୟ ସାମଲ ଯୁବନେତା ଭାଗବତ ସାହୁ, ଅସିତ ଦାସ,ଶ୍ରୀମାନ ଶ୍ରୀଚନ୍ଦନ, ସୌମ୍ୟ ଯାଦବ,ପ୍ରଣାକୃଷ୍ଣ ମହାପାତ୍ର, ଦେବଜ୍ୟୋତି ଦାସ, ମହିଳା ନେତ୍ରୀ ଆଶ୍ରିତା ତରେଇ, ମିନତୀ ସେଠୀ, ଟାଉନ କ୍ଲବର ସଭାପତି ପ୍ରଦୀପ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ ଆଜି ଶିବିର ଛାତ୍ରନେତା ରାଜ୍ୟ ସାଧାରଣ ସମ୍ପାଦକ ଓମପ୍ରକାଶ ମହାପାତ୍ର, ସିମନ ସାମଲ, ଟାଉନ ସଭାପତି ଭବାନୀ ମହାନ୍ତି ,ଟାଉନ ଉପସଭାପତି ଚିନ୍ମୟ ମହାନ୍ତି, ରାହୁଲ ନାୟକ, ଜିଲ୍ଲା ଛାତ୍ର ନେତା ସୁଶୀଲ ପଣ୍ଡା, ନରୋତ୍ତମ ଦାସ, ଅମିତ ନାୟକ, ଅରୁଣ କୁମାର ଦାସ, ବିଜୟ ଜେନା, କିରଣ ନାଥ, ବିଶ୍ୱଜିତ ମହାନ୍ତି, ହିର୍ତ୍ତିକ ନାୟକ ମାଣିକ ଚାନ୍ଦ, ଗଜେନ୍ଦ୍ର ନାୟକ, ଜୀବନ ମିଶ୍ର, ଓଁକାର ନାୟକ, ପୀତବାସ ମହାରଣା ,ଗୋପୀକିଷାନ ବାରିକ, ଜାକବ ସିଂ, ଶୁଭମ ନାୟକ, ମୋନାଲିସା ମହାନ୍ତି ,ଫିରୋଜ୍ ଖାନ, ସୁଶାନ୍ତ ବେହେରା, ଜିନଶିଷ ସ, ସୁବ୍ରତ ଚାନ୍ଦ ପ୍ରମୁଖ ଛାତ୍ର ନେତା ସହଯୋଗ କରିଥିବା ବେଳେ ବାଲେଶ୍ୱର ରକ୍ତଭଣ୍ଡାରର ଡାକ୍ତର ବସନ୍ତ କୁମାର ଉପାଧ୍ୟାୟ ଏବଂ ତାଙ୍କ ଟିମ ସହଯୋଗ କରିଥିଲେ।

# ପାରାଦ୍ୱୀପ ବନ୍ଦର ତରଫରୁ ସାଂସ୍କୃତିକ ମହୋତ୍ସବ ୨୦୨୪ ଉଦଘାଟିତ



ପାରାଦ୍ୱୀପ ୩/୧୧ - ପାରାଦ୍ୱୀପ ବନ୍ଦର ଜଗନ୍ନାଥ ଲଳିତ କଳା ସଂସଦ ଆନୁକୁଲ୍ୟରେ ଆୟୋଜିତ ସାଂସ୍କୃତିକ ମହୋତ୍ସବ ୨୦୨୪ ଆଜି ଜୟଦେବ ସଦନ ଠାରେ ଉଦଘାଟିତ ହୋଇଛି । କାର୍ଯ୍ୟକ୍ରମକୁ ବନ୍ଦରର ଉପାଧକ୍ଷ ନିଲଭ୍ର ଦାସଗୁପ୍ତା ଉଦଘାଟନ କରି ମହୋତ୍ସବର ସଫଳତା କାମନା କରିଥିଲେ । ଏହି ଅବସରରେ ପାରାଦୀପ ମ୍ୟୁନିସିପାଲିଟିର ଅଧକ୍ଷ ବସନ୍ତ ବିଶ୍ୱାଳ, ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଓ ବନ୍ଦରର ଡିସି କ୍ୟାପଟେନ ଅଲେଖ ସାହୁ ମଞ୍ଚରେ ଉପସ୍ଥିତ ଥିଲେ ।ଏହି ସାଂସ୍କୃତିକ ମହୋତ୍ସବରେ ପାରାଦୀପ ବନ୍ଦରର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ତଥା ସେମାନଙ୍କ ପରିବାରର ସଦସ୍ୟ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବେ । ଏହି ମହୋତ୍ସବ ଚଳିତ ମାସ ୩ ତାରିଖ ଠାରୁ ଆରମ୍ଭ ହୋଇ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ମହୋତ୍ସବରେ ବନ୍ଦରର ବିଭାଗ ଛଡ଼ା ପାରାଦୀପ ମ୍ୟୁନିସିପାଲଟି ମଧ ଅଂଶ ଗ୍ରହଣ କରୁଛି । ପ୍ରଥମ ସନ୍ଧ୍ୟାରେ ପାରାଦୀପ ମୁନିସିପାଲିଟୀର କଳାକାର ମାନେ ସିଦ୍ଧାନ୍ତ ସାହୁଙ୍କ ରଚନା ଓ ନିର୍ଦ୍ଦେଶନାରେ ନାଟକ 'ସମ୍ପର୍କ' ପରିବେଷଣ କରିଥିଲେ ।ଆମେ ସମସ୍ତେ ସମ୍ପର୍କର ସୂତା ଖିଅରେ ବନ୍ଧା । ସମାଜର କିଛି ଛଦ୍ମବେଶୀ ଚରିତ୍ର ମାନଙ୍କ ଦ୍ୱାରା କିପରି ସମ୍ପର୍କକୁ ହତ୍ୟା କରିବାର ଷଡ଼ଯନ୍ତ୍ର କରାଯାଏ ଫଳରେ ଭାଙ୍ଗି ଯାଏ ଚରିତ୍ରର ମୂଲ୍ୟବୋଧ ଓ ଭୁଶୁଡ଼ି ଯାଏ ସମ୍ପର୍କର ମୂଳଦୁଆ ଏହି ନାଟକ ମାଧ୍ୟମରେ ଦର୍ଶକ ମାନଙ୍କ ସମ୍ମୁଖରେ ପରିବେଷଣ କରିଥିଲେ କଳାକାରମାନେ ।

BETNOTI COLLEGE OF NURSING
COLLEGE ROAD, BETNOTI, MAYURBHANJ
Approved by : Health & Family Welfare Department, Govt. of Odisha, Bhubaneswar
(Recognised by : Odisha Nursing Council, Bhubaneswar)
(Affiliated to ODISHA UNIVERSITY OF HEALTH SCIENCES, BBSR, ODISHA)
Course Offer: ADMISSION OPEN : 2024-25
B.Sc. Nursing
(4 Years Degree Course)
Eligibility :
+2 Science with Biology
(Mark 45% & 40% for SC/ST Students)
MUST BE QUALIFIED IN CET ENTRANCE
BETNOTI SCHOOL OF NURSING
G.N.M. 3 Years Diploma Course
Eligibility : +2 Arts/ Science/ Commerce
A.N.M. 2 Years Course (Mark 40% & 35% for SC/ST Students)
Eligibility : +2 Arts/ Science/ Commerce
(Clinical Training at D.H.H. & P.R.M. Medical College, Baripada)
BETNOTI COLLEGE OF PHARMACY
(Approved by: Directorate of Medical Education & Training. Govt. of Odisha)
Affiliated to Odisha State Board of Pharmacy (BBSR)
Course Offer: D. Pharm (2 yrs. Diploma in Pharmacy) (Eligibility: +2 Science)
FACILITIES : Most Experienced Faculties, In Campus Girl's Hostel, Canteen, well Equipped, Laboratories, Library, Smart, Class Rooms, Separate, Boy's Hostel & Free Wi-fi.
STIPEND FOR SC/ST/OBC & SEBC STUDENTS
Contact for Admission: 8455087373, 9861373681

# ସ୍ମୃତି ସାନ୍ତ୍ୱନା ପକ୍ଷରୁ ସମ୍ବର୍ଦ୍ଧନା ସଭା ଓ କବିତା ପାଠ



ବାସୁଦେବପୁର , ୦୩/୧୧ (ନି.ପ୍ର): ବାସୁଦେବପୁର ଅଟଳ ବିହାରୀ ହାଇସ୍କୁଲ ପରିସରରେ ସ୍ମୃତି ସାନ୍ତ୍ୱନା ସାହିତ୍ୟ ପତ୍ରିକା ପକ୍ଷରୁ ସମ୍ବର୍ଦ୍ଧନା ସଭା, କବିତା ପାଠ ଓ ପୁସ୍ତକ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ନାରୀ ଚିନ୍ତା ଓ ଚେତନା ଧର୍ମୀ ସାହିତ୍ୟ ସଂସ୍କୃତି ସମ୍ପନ୍ନ ମହିଳା ପତ୍ରିକା ସ୍ମୃତି ସାନ୍ତ୍ୱନା ପାଠକ ମହଲରେ ଖୁବ୍ ଆଦୃତ ହୋଇ ପାରିଛି । ଏହି ଉତ୍ସବରେ ପତ୍ରିକାର ସମ୍ପାଦିକା କବି ସବିତା ରାଣୀ ବେହେରା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଓ ସମସ୍ତ ଅତିଥି ମାନଙ୍କୁ ଅଭିନନ୍ଦନ ଜଣାଇଥିଲେ । ବିଶିଷ୍ଟ କବି ଡକ୍ଟର ପ୍ରଭାତ ନଳିନୀ ମହାପାତ୍ର, କବି ଡକ୍ଟର ରାଧାରାଣୀ ମହାପାତ୍ର, କବି ଗୀତା ରାଣୀ ଆଇଚ, ସମାଜ ସେବୀ ବୈଲୋଚନ ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ବାଇ ଚଢ଼େଇ ପତ୍ରିକାର ସମ୍ପାଦକ କବି ବିକାଶ ଶତପଥୀ ଓ କବି ଯୋଗ୍ୟଶ୍ରୀ ସାମଲ କବିତା ପାଠ ଉତ୍ସବରେ କବିତା ଗୁଡ଼ିକୁ ସଂଯୋଜନା କରିଥିଲେ । କବି ଡକ୍ଟର ବସନ୍ତ ଦାସ, କବି ବିଜୟ ବହଳି, କବି ପ୍ରଦୀପ୍ତ ମହାନ୍ତି, କବି ରତ୍ନାକର ବାରିକ୍, କବି ସୁଧାଂଶୁ ଶେଖର ମିଶ୍ର, କବି କମଳାକାନ୍ତ କର, କବି କୈଳାସ ପାଣିଗ୍ରାହୀ, କବି ଦୟାନିଧି ସାହୁ, କବି ସ୍ୱାତୀ ସଂଚିତା ବାରିକ୍, କବି ପ୍ରହ୍ଲାଦ ବାରିକ, ଅଧାପକ ବସନ୍ତ ଦାଶ, କବି ନାରାୟଣ ଚନ୍ଦ୍ର ନାୟକ, ଆଇନଜୀବୀ ସ୍ମୃତି ରଞ୍ଜନ ପଳିତା ପ୍ରମୁଖ କବିତା ପାଠ କରିଥିଲେ । ଏହି ଅବସରରେ ବିଶିଷ୍ଟ ଶିକ୍ଷାବିତ୍ ତଥା ମିରାକଲ ପବ୍ଲିକ ସ୍କୁଲର ଅଧକ୍ଷ ଦୁଃଶାସନ ରାଉତ, କବି ସଞ୍ଜୟ ପଣ୍ଡା ଓ ମେଧାବୀ ଛାତ୍ରୀ ସ୍ୱାତୀ ସଞ୍ଚିତା ବାରିକ୍ ଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସଭାରେ ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର ରମେଶ ଚନ୍ଦ୍ର ବେହେରା ଙ୍କ ଜୀବନ ସଂମ୍ପର୍କରେ ଆଲୋକପାତ କରାଯାଇଥିଲା । ସାହିତ୍ୟିକ ଡକ୍ଟର ସୁରେନ୍ଦ୍ର ପ୍ରସାଦ ମହାନ୍ତି ଙ୍କ ପୁସ୍ତକ ଓ କବି ସବିତା ରାଣୀ ବେହେରା ଙ୍କ ପୁସ୍ତକ ଓ ସ୍ମୃତି ସାନ୍ତ୍ୱନା ପତ୍ରିକା ଉନ୍ମୋଚିତ ହୋଇ ଥିଲା କ୍ଷ ଏହି ଉତ୍ସବରେ କବି ବିକାଶ ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦର ସମ୍ପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ବିପଦରେ ମେଘନାଦ ...

ଥିବା ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ବା ଏଏସଆଇ ବି ନିଦାବିଷ୍ଟୁ ସାଜିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ସେବାୟତ, ବୁଦ୍ଧୀଜୀବୀ ଓ ମଠବାଡ଼ିର ସନ୍ନ୍ୟାସୀ। ଏମିତିକି ପରିକ୍ରମା ପ୍ରକଳ୍ପ ପାଇଁ ୭୫ ମିଟର ପରିଧିରେ ଉଚ୍ଛେଦ ବେଳେ ଜେସିବି ମାଡ଼ରେ ବାରମ୍ବାର ମେଘନାଦ ପାଚେରି ଆଘାତପ୍ରାପ୍ତ ହେବାରୁ ଏଭଳି ସ୍ଥିତି ଉପୁଜିଥିବା ସେମାନେ ଅଭିଯୋଗ କରିଛନ୍ତି। ଶହ ଶହ ବର୍ଷ ଧରି ଯେଉଁ ମେଘନାଦ ପାଚେରି ଶ୍ରୀମନ୍ଦିରକୁ ସୁରକ୍ଷା ଦେଇ ଆସୁଛି,ସିଏ ବି ଅସୁରକ୍ଷିତ। ଏମିତି କି ଗତ ଜାନୁଆରୀ ୧୭ ତାରିଖରେ ଲୋକର୍ପିତ ହୋଇଥିବା ପରିକ୍ରମା ପ୍ରକଳ୍ପ ଫଳକ ପାଖରେ ବି ମେଘନାଦ ପାଚେରିରୁ ଅନବରତ ପାଣି ଗଳୁଛି। ଗଣମାଧ୍ୟମରେ ମେଘନାଦ ପାଚେରିର ଦୁର୍ବଳ ସ୍ଥାନର ତାଜା ଚିତ୍ର ପ୍ରସାରଣ ହେବା ପରେ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ସୃଷ୍ଟି ହୋଇଛି ହଇଚଇ। ତେଣେ ଆଜି ଯୁଦ୍ଧକାଳୀନ ଭିତ୍ତିରେ ପାଚେରିରେ ଲାଗିଥିବା ଶିଉଳି ଛଡ଼ା କାମ ବି ଆରମ୍ଭ ହୋଇଛି। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଅତୀତର କିଛି ଭୁଲ କାରଣରୁ ଭବିଷ୍ୟତର ଭୁଲ ହୁଏ। ଯାହା ଅସୁବିଧା ହୋଇଛି ତା'ର ତୁରନ୍ତ ମରାମତି କରାଯିବ। ସେହିପରି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି, ଜଗନ୍ନାଥ ମନ୍ଦିରର ସୁରକ୍ଷା ଓ ସ୍ଥାୟିତ୍ୱ ଆମ ପ୍ରାଥମିକତା। ଏଏସଆଇ ଓ ଟେକ୍ନିକାଲ ଟିମକୁ ଏ ସମ୍ପର୍କରେ ଜଣାଇ ଦିଆଯାଇଛି। ଶ୍ରୀମନ୍ଦିର ପ୍ରଶାସନ ୱାର୍କ ସେକ୍ସନ ଅଧିକାରୀଙ୍କୁ ବି ସ୍ଥିତି ଅନୁଧ୍ୟାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମେଘନାଦ ପାଚେରିର ଖୁବଶୀଘ୍ର ମରାମତି କାମ ହୋଇଯିବା ନେଇ ସେ ପ୍ରତିଶ୍ରୁତି ଦେଇଛନ୍ତି। ତଥ୍ୟ ଅନୁସାରେ ୧୪୫୨ ଖ୍ରୀଷ୍ଟାବ୍ଦରେ ଗଜପତି କପିଳେନ୍ଦ୍ର ଦେବଙ୍କ ସମୟରେ ଐତିହ୍ୟ ସଂପନ୍ନ ମେଘନାଦ ପାଚେରି ନିର୍ମାଣ ହୋଇଥିଲା। ୨୦ ଫୁଟ ଉଚ୍ଚତା ଓ ଛଅ ଫୁଟ ମୋଟେଇ ବିଶିଷ୍ଟ ଏ ପାଚେରି ପ୍ରାୟ ୬ଶହ ବର୍ଷ ଧରି ଶ୍ରୀମନ୍ଦିରକୁ ସୁରକ୍ଷା ଦେଇ ଆସୁଛି। ହେଲେ ଏବେ ଏହା ରକ୍ଷାଣବେକ୍ଷଣ ଅଭାବରୁ ବିପଦଜନକ ସ୍ଥିତିରେ ପହଞ୍ଚିଛି।

### ବିଦେଶ ଗସ୍ତରେ ଯିବେ...

ବିଜେପି ସରକାର ଆସିବା ପରେ ଅନେକ ଯୋଜନା ହାତକୁ ନେଉଛନ୍ତି । ଗତକାଲି ଜଳସେଚନ, ସ୍ୱାସ୍ଥ୍ୟ ଭିତ୍ତିଭୂମି, ସେତୁ ନିର୍ମାଣ ଓ ସଡକ ନିର୍ମାଣ ଭଳି ୮୯୦ କୋଟି ମୂଲ୍ୟର ୮୩ଟି ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି । ଖୁବଶୀଘ୍ର ବିକାଶର ଧାରା ତ୍ୱରାନ୍ୱିତ ହେବ । ଲୋଇସିଂହା, ଟିଟିଲାଗଡ଼, ପାଟଣାଗଡ଼କୁ ବିଶେଷ ଧ୍ୟାନ ଦିଆଯିବ । ଖୁବଶୀଘ୍ର ବେଲପଡାରେ ଅପର୍ ଲାବ୍ ଜଳସେଚନ ପ୍ରକଳ୍ପର ନିର୍ମାଣ କାମ ସରିବ । ଏଥିପାଇଁ ୩୦୦କୋଟି ଟଙ୍କା ପ୍ରଦାନ କରାଯାଇଛି । ବେଲପଡା ବ୍ଲକରେ ଥିବା ୨୫ଟି ଗାଁର ୩୮ହଜାରରୁ ଅଧିକ ଚାଷୀ ଏହି ପ୍ରକଳ୍ପ ଦ୍ୱାରା ଉପକୃତ ହେବେ । ୨୪୯୫ ମିଟର ଲମ୍ବା ଡ୍ୟାମରେ ୨୦ କିଲୋୱାଟ୍ ବିଜୁଳି ଉତ୍ପାଦନ କ୍ଷମ ଜଳବିଦ୍ୟୁତ ଶକ୍ତି ୟୁନିଟ ସ୍ଥାପନ ପାଇଁ ଯୋଜନା ରହିଛି । ନୂଆ ସରକାର ଆସିବା ପରେ ଚାଷୀଙ୍କୁ ଅଗ୍ରାଧିକାର ଦିଆଯାଇଛି । ଧାନର ଏମଏସପି ବୃଦ୍ଧି କରାଯାଇ ୩୧୦୦ଟଙ୍କା କରାଯାଇଛି । ଏଥିସହ ପିଏମ କିଷାନ ଓ ସିଏମ କିଷାନ ମାଧ୍ୟମରେ ଚାଷୀଙ୍କୁ ୧୦ହଜାର ଟଙ୍କା ପ୍ରଦାନ କରାଯିବ । ପାଟଣାଗଡ଼ ଓ ବେଲପଡାରେ ପାନୀୟଜଳର ବ୍ୟବସ୍ଥା, ବାଇପାସ କରିବା ପାଇଁ ୧୧୯କୋଟି ଟଙ୍କା ପ୍ରଦାନ କରାଯାଇଛି । ପାଟଣାଗଡ଼ ସବଡିଭିଜିନାଲ୍ ହସ୍ପିଟାଲରେ ୫୦ ବେଡ୍ ବିଶିଷ୍ଟ ଏକ ଅତ୍ୟାଧୁନିକ ହସ୍ପିଟାଲ୍ ଉଦଘାଟନ କରାଯାଇଛି । ଏଥିରେ ଡାୟାଲିସିସ ଓ ସବୁ ପ୍ରକାର ଟେଷ୍ଟ କରିବା ପାଇଁ ବ୍ୟବସ୍ଥା ହେବ ।

### ପୁଣି 'ମହାନଦୀ ...

ସମାଲୋଚନା କରିଛନ୍ତି ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର । ମୁଖ୍ୟମନ୍ତ୍ରୀଙ୍କ ପ୍ରତିକ୍ରିୟା ରାଜନୈତିକ ଧୂଆଁବାଣ, ସମାଧାନ କରିପାରିବେନି ବୋଲି କହି କଟାକ୍ଷ କରିଛନ୍ତି । ସେପଟେ ବିଜେଡି ଓ କଂଗ୍ରେସର ବୟାନକୁ ନେଇ ବିଜେପିର ପ୍ରତିକ୍ରିୟା ମିଳିପାରିନି । ମହାନଦୀ ବିବାଦ ସମ୍ପର୍କରେ ଆଲୋଚନା ଜାରି ରହିଛି । ରାଜ୍ୟ ସରକାର ଘଟଣାକୁ ଗୁରୁତ୍ୱ ସହ ନେଇଛନ୍ତି । ଆଜି ଏପରି କିଛି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ମହାନଦୀ ଜଳ ବିବାଦ ପ୍ରସଙ୍ଗକୁ ନେଇ ଗଣମାଧ୍ୟମ ପଚାରିଥିବା ପ୍ରଶ୍ନରେ ଜବାବ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି କି, ମହାନଦୀ ଜଳ ବିବାଦ ପ୍ରସଙ୍ଗକୁ ଗୁରୁତ୍ୱ ସହ ନେଇଛନ୍ତି ସରକାର । ଏହାରି ଭିତରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ସହ ଦୁଇ ଥର ଆଲୋଚନା ହୋଇଛି । ଆଗାମୀ ଦିନରେ ମହାନଦୀ ଉପରେ ପ୍ରସ୍ତାବିତ ପ୍ରକଳ୍ପ ତ୍ୱରାନ୍ୱିତ ପାଇଁ ବିଚାର ଚାଲିଛି ବୋଲି ସେ କହିଛନ୍ତି । ମହାନଦୀରେ ଛତିଶଗଡ଼ ପଟେ ଏକାଧିକ ନିର୍ମାଣ ହୋଇଛି । ଛତିଶଗଡ଼ର ମନମୁଖି ବ୍ୟବହାର ପାଇଁ ମହାନଦୀରେ ଖରା ଦିନେ ପାଣି ସମସ୍ୟା ଓ ବର୍ଷା ଦିନେ ତଳ ମୁଣ୍ଡ ଅର୍ଥାତ ଓଡ଼ିଶାରେ ବନ୍ୟା ସମସ୍ୟା ଦେଇଥାଏ । ପୂର୍ବ ସରକାରରେ ଏହାକୁ ନେଇ ବେଶ୍ ରାଜନୀତି ତେଜିଥିଲା । ହେଲେ ଏବେ ଓଡ଼ିଶାରେ ଏବଂ ଛତିଶଗଡ଼ରେ ବିଜେପି ସରକାର ଥିବାରୁ ବିବାଦ ସମାଧାନ ନେଇ ନୂଆ ଆଶା ସଞ୍ଚରଣ ହୋଇଛି ।

### ଶ୍ରୀନଗରରେ ଗ୍ରେନେଡ...

ଅପରେସନ୍ ଗ୍ରୁପକୁ ତଦନ୍ତ ପାଇଁ ନିୟୋଜିତ କରାଯାଇଛି। ଆକ୍ରମଣକାରୀଙ୍କୁ ଧରିବା ପାଇଁ ସର୍ଚ୍ଚ ଅପରେସନ ମଧ ଆରମ୍ଭ ହୋଇଛି। ପ୍ରକାଶ ଥାଉ, ଗତକାଲି ଅନନ୍ତନାଗ ଏବଂ ଶ୍ରୀନଗରର ଖାନିଆରରେ ସୁରକ୍ଷା ବାହିନୀ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ତୀବ୍ର ଗୁଳିବିନିମୟ ହୋଇଥିଲା। ଏଥିରେ ଉଭୟ ସ୍ଥାନରେ ସୁରକ୍ଷାକର୍ମୀଙ୍କ ଗୁଳିରେ ତିନିଜଣ ଆତଙ୍କବାଦୀ ନିହତ ହୋଇଥିଲେ। ନିହତ ଆତଙ୍କବାଦୀଙ୍କ ମଧ୍ୟରେ ପାକିସ୍ତାନର 'ଲଶ୍କର-ଏ-ତୋଏବା' ପାକିସ୍ତାନୀ ଆତଙ୍କୀ ସଂଗଠନର ଏକ ଶୀର୍ଷ କମାଣ୍ଡର ମଧ ରହିଛି। ଏହାପରେ ପରେ ଆଜିର ଆକ୍ରମଣ ସୁରକ୍ଷାକର୍ମୀଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

### 'ୱାନ ନେସନ, ୱାନ ଇଲେକ୍ସନ'କୁ ...

ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ ହଟାଇବାକୁ ମଧ ଦାବି କରିଛି ବିଜୟଙ୍କ ଦଳ। ତେବେ କେବଳ ଶାସକ ବିଜେପି ନୁହେଁ, ବିଜୟଙ୍କ ଦଳ ଟିଭିକେ ଟାର୍ଗେଟରେ ରାଜ୍ୟର ଡିଏମକେ ସରକାର ବି ରହିଛି। ଏମ.କେ ଷ୍ଟାଲିନଙ୍କ ନେତୃତ୍ୱାଧୀନ ଡିଏମକେ ସରକାର ରାଜ୍ୟରେ ଜାତିଭିତ୍ତିକ ଜନଗଣନା କରିବାକୁ ଚେଷ୍ଟା କରୁନଥିବା କହିଛନ୍ତି ବିଜୟ। ଏଥିପାଇଁ ସେ କେନ୍ଦ୍ର ସରକାରକୁ ଦାୟୀ କରିଛନ୍ତି। ଏହା ସହିତ ତାମିଲନାଡୁର ଶାସକ ଡିଏମକେ ଦଳ କ୍ଷମତାକୁ ଆସିବା ପରେ ନିର୍ବାଚନୀ ପ୍ରତିଶ୍ରୁତି ଭୁଲି ଯାଇଛି ବୋଲି କହିଛନ୍ତି ବିଜୟ।

### ଯୋଗୀଙ୍କୁ ହତ୍ୟା...

କରି ପରିବାର ଚଳାନ୍ତି। ଏବେ ପୁଲିସ୍ ଫାତିମାଙ୍କୁ ଗିରଫ କରି ଘଟଣାର ଅଧିକ ତଦନ୍ତ କରୁଛି। ମୁମ୍ବାଇ ଟ୍ରାଫିକ ପୁଲିସ କଣ୍ଟ୍ରୋଲ ରୁମକୁ ଯୋଗୀ ଆଦିତ୍ୟନାଥଙ୍କ ହତ୍ୟା ଧମକ ସମ୍ପର୍କରେ ମେସେଜ ଆସିଥିଲା। କଣ୍ଟ୍ରୋଲ ରୁମର ହ୍ୱାଟସଆପ ନମ୍ବରକୁ ଆସିଥିବା ମେସେଜରେ କୁହାଯାଇଥିଲା ଯେ ଯଦି ଯୋଗୀ ଆଦିତ୍ୟନାଥ ଆସନ୍ତା ୧୦ ଦିନ ମଧ୍ୟରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ନ ଦେବେ, ତା'ହେଲେ ତାଙ୍କୁ ବାବା ସିଦ୍ଦିକିଙ୍କ ଭଳି ଗୁଳି କରି ହତ୍ୟା କରାଯିବ। କିଛି ଦିନ ପୂର୍ବେ ମହାରାଷ୍ଟ୍ର ଏନସିପିର ବରିଷ୍ଠ ନେତା ବାବା ସିଦ୍ଦିକିଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ତାଙ୍କ ପୁଅଙ୍କ ଅଫିସ ସମ୍ମୁଖରେ ତାଙ୍କ ଉପରକୁ ଫାୟାରିଂ କରାଯାଇଥିଲା। ତୁରନ୍ତ ତାଙ୍କୁ ମେଡିକାଲ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାପରଠୁ ବାବା ସିଦ୍ଦିକିଙ୍କ ପରି ଅବସ୍ଥା କରିଦେବୁ କହି ଦେଇ ବଡ଼ ବଡ଼ ନେତା ଓ ସେଲିବ୍ରେଟିମାନଙ୍କୁ ଧମକ ମିଳିବାରେ ଲାଗିଛି। ପୂର୍ବରୁ ସଲମାନ ଖାନ ଓ ସାଂସଦ ପପୁ ଯାଦବଙ୍କୁ ହତ୍ୟା ଧମକ ମିଳିଥିବା ବେଳେ ଏବେ ଯୋଗୀଙ୍କ ଉଦ୍ଦେଶ୍ୟରେ ଧମକ ମିଳିଥିଲା।

# ପ୍ରେସ ଇମ୍ପ୍ରେସ ମିଡିଆ କ୍ଲବର ବନ୍ଧୁ ମିଳନ



ବାଲେଶ୍ୱର, ୦୩/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ରାଣୀପାଟଣା ବ୍ୟାଙ୍କ୍ କଲୋନୀ ରେ ଅବସ୍ଥିତ ପ୍ରେସ ଇମ୍ପ୍ରେସମିଡିଆ କ୍ଲବରେ ସଭାପତି ଉଜ୍ଜଳ ଚନ୍ଦ୍ର କରଙ୍କୁ ଦ୍ୱାରା ବନ୍ଧୁ ମିଳନ ହୋଇଯାଇଛି। ଏହି ବନ୍ଧୁ ମିଳନରେ ମୁଖ୍ୟ ଅତିଥି ଭାବେ ସମାଜ୍ ସେବୀ ଏସ ଗୀତାଞ୍ଜଳି , ଉପସଭାପତି ବାସୁଦେବ ରାଉଳ , ସେକ୍ରେଟାରୀ ସୁଶାନ୍ତ କୁମାର ଦାସ, ଉପସଭାପତି ସନ୍ଦୀପ୍ତ ଦାସ , ଜଏଣ୍ଟ ସେକ୍ରେଟାରୀ ଅରୁପ ନାରାୟଣ ଦାସ , ସୁଦାମ ପାତ୍ର , ଶିବ ଶଙ୍କର ଭୂୟାଁ ,ଉପଦେଷ୍ଟା ଅଭୟ କୁମାର ଦାସ, କୋଷଧୋକ୍ଷ ପୂର୍ଣ୍ଣ ଚନ୍ଦ୍ର ବେହେରା, ଆସିଷ୍ଟାଣ୍ଟ ସେକ୍ରେଟାରୀ ରିୟୁଆନ୍ ମଲ୍ଲିକ ଉପସ୍ଥିତ ରହି ସଂଘର ପ୍ରତ୍ୟେକ ସଭ୍ୟ ପ୍ରତ୍ୟେକ ସଭ୍ୟ ଙ୍କ ପ୍ରତି ଆନ୍ତରିକ ଥାଏ ବୋଲି ଆଲୋଚନା କରିଥିଲେ । ମୁଖ୍ୟ ଅତିଥି ଏସ ଗୀତାଞ୍ଜଳି ସଂଘ ବନ୍ଧୁ ମିଳନ ଆୟୋଜନ କରିଥିବାରୁ ଧନ୍ୟବାଦ୍ ଦେଇଥିଲେ ।ଏପରିକି ସନ୍ଦୀପ୍ତ ଦାସ ତାଙ୍କ ବକ୍ତବ୍ୟରେ ସଂଘର ସବୁ ସଭ୍ୟଙ୍କୁ ଦୀପାବଳୀ ର ଶୁଭେଚ୍ଛା ଜଣାଇଥିଲେ ।ସେ କହିଥିଲେ ପ୍ରତ୍ୟେକ ବର୍ଷ ଦୁର୍ଗା ପୂଜା ପୂର୍ବରୁ ବନ୍ଧୁ ମିଳନ ଓ ଉପହାର ବ୍ୟବସ୍ଥା ହୋଇଥାଏ କିନ୍ତୁ ସମସ୍ତ ଙ୍କ ମତ ନେଇ ଚଳିତ ବର୍ଷ କାଳୀପୂଜା ରେ ବନ୍ଧୁ ମିଳନ ଓ ଉପହାର ବ୍ୟବସ୍ଥା ହେଇଚି । ସବୁ ସଂଘ ଠାରୁ ଉଜ୍ଜଳ ନନାଙ୍କ ସଂଘ ସମ୍ପୂର୍ଣ ନିଆରା । ବାଲେଶ୍ୱର ରେ ବହୁ ସଂଘ ଥିଲେ ମଧ ଏଭଳି କାର୍ଯ୍ୟକ୍ରମ ଦେଖା ଯାଏ ନାହି । ରତିକାନ୍ତ ଦତ୍ତ କହିଲେ ପୂର୍ବରୁ ଉଜ୍ଜଳ ନନା ଗୋଟେ ସଂଘ କରି ରଖିଥିଲେ କିନ୍ତୁ କିଛି କୁର ଚକ୍ରାନ୍ତ କାରି ସେ ସଂଘ ଛଡାଇ ନେଇ ମଧ ତାଙ୍କର କୌଣସି କାର୍ଯ୍ୟକ୍ରମ ଦେଖା ଯାଇନାହିଁ । ଏପରିକି ସେ କହିଥିଲେ ଯେ ଉଜ୍ଜଳ ନନା ଯାଉ ପ୍ରେସ ଇମ୍ପ୍ରେସ କ୍ଲବ ଗଢ଼ିଛନ୍ତି ତାହା ରାଜ୍ୟସ୍ତରୀୟ କିପରି କରା ହେବ ସେଥିପାଇଁ ସଭାପତି ଧ୍ୟାନ ଦେବାପାଇଁ କହିଥିଲେ ।ସଭାପତି ଉଜ୍ଜଳ ଚନ୍ଦ୍ର କର ସଂଘ ର ସମସ୍ତ ଉପସ୍ଥିତ ଥିବା ସଭ୍ୟ ମାନେ ବନ୍ଧୁ ମିଳନ ରେ ଯୋଗଦେଇ ବନ୍ଧୁ ମିଳନ କୁ ସଫଳ କରିଥିବାରୁ କାଳୀପୂଜାର ହାର୍ଦ୍ଦିକ ଅଭିନନ୍ଦନ ଜଣାଇଥିଲେ ।ସମସ୍ତ ସଭ୍ୟ ଭୋଜନ କରି ନିଜର ଉପହାର ନେଇ ଯିବାକୁ ଅନୁରୋଧ କରିଥିଲେ । ଏହି ବନ୍ଧୁ ମିଳନରେ ସ୍ୱାଗତିକା ବାରିକ , ସୁଜାତା ପଣ୍ଡା , ରବି ପାଣିଗ୍ରାହୀ ,ମଧୁସୂଦନ ମିଶ୍ର , ସୁଶୀଳା ଜେନା , ଏସ କେ ନାଜୀମ, ଦୀପକ ମଲ୍ଲିକ , ମୋନାଲିସା କର , ଆଜୀମ ବାଲେଶ୍ୱରି ରିୟୁଆନ , ପ୍ରଭାତ କୁମାର ଶର୍ମା , ପଦ୍ମଲୋଚନ ଦତ୍ତ , ଗୟାଧର କର ପ୍ରମୁଖ ଉପସ୍ଥିତ ଥିଲେ ।

# ଜାତୀୟ ଆୟୁର୍ବେଦ ଦିବସ ଉପଲକ୍ଷେ ମାଗଣା ଆୟୁଷ ସ୍ୱାସ୍ଥ୍ୟ ଶିବିର

ବାଲେଶ୍ୱର, ୦୩/୧୧ (ନି.ପ୍ର): ସ୍ଥାନୀୟ ସହଦେବଖୁଣ୍ଟାସ୍ଥିତ ମ୍ୟୁନିସିପାଲ ଉଚ୍ଚ ବିଦ୍ୟାଳୟରେ ଆୟୁଷ ବିକାଶ ମଂଚ ଓ ବିଦ୍ୱାନ ମିଳିତ ଆନୁକୂଲ୍ୟରେ ଏକ ବିଶାଳ ମେଗା ଆୟୁଷ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଅଛି। ୪୦୦ରୁ ଅଧିକ ରୋଗୀ ବିଭିନ୍ନ ଅଭିଜ୍ଞ ଚିକିତ୍ସକମାନଙ୍କ ଦ୍ୱାରା ଚିକିତ୍ସକ ହୋଇଅଛନ୍ତି। ଉକ୍ତ ସ୍ୱାସ୍ଥ୍ୟଶିବିରକୁ ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଏକ ସାଧାରଣ ସଭା ମଂଚର ସଭାପତି ଡାକ୍ତର ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଶ୍ରୀଯୁକ୍ତ ସୁଧାକର ନାୟକ, ଅତିରିକ୍ତ ଜିଲ୍ଲାପାଳ, ମୁଖ୍ୟବକ୍ତା, ଡା. ରମେଶ ଚନ୍ଦ୍ର ମିଶ୍ର, ଜିଲ୍ଲା ଆୟୁର୍ବେଦିକ ଚିକିତ୍ସାଧିକାରୀ ନିରଞ୍ଜନ ପରିଡ଼ା, ଡା. ପୁରୁଷୋତ୍ତମ ସିଂ, ଅତିଥିଭାବେ ଯୋଗଦାନ କରି ଆୟୁର୍ବେଦ ଓ ଯୋଗର ପ୍ରଖର ପ୍ରସାର ଏବଂ ଉପକାରିତା ବିଷୟରେ ଆଲୋକପାତ କରିଥିଲେ। ବିକାଶ ମଂଚର ସାଧାରଣ ସଂପାଦକ ହିମାଂଶୁଶେଖର ଦାସ ସଭାକାର୍ଯ୍ୟକ ସଂଚାଳନ କରିଥିବାବେଳେ ଡାକ୍ତର ପ୍ରଭାତ କୁମାର ପ୍ରଧାନ, ଡାକ୍ତର ସୁଧାଂଶୁ ଶେଖର ଦାଶ, ଡାକ୍ତର ତ୍ରିଲୋଚନ ଧଳ ଯୋଗଶିକ୍ଷକ ମୁକ୍ତିକାନ୍ତ ପାଣିଗ୍ରାହୀ, ମନୋଜ କୁମାର ଦେ, ବହୁ ରୋଗୀମାନଙ୍କୁ ଯୋଗ ପ୍ରଶିକ୍ଷଣ ଦେଇଥିଲେ ଏବଂ ଯୋଗାଭ୍ୟାସ କରାଇଥିଲେ। ଏହି ସ୍ୱାସ୍ଥ୍ୟଶିବିରରେ ରୋଗୀମାନଙ୍କୁ ମାଗଣାରେ ଔଷଧ ବିତରଣ କରାଯାଇଥିଲା। ଡାକ୍ତର ପ୍ରମୋଦ ରାଉତ୍, ଡାକ୍ତର ଜୟନ୍ତ ପ୍ରଧାନ, ଡାକ୍ତର ହରିଶ ଚନ୍ଦ୍ର ପାଣିଗ୍ରାହୀ, ଡାକ୍ତର ରାଜୀବ ମାଝୀ ପ୍ରମୁଖ ରୋଗୀମାନଙ୍କୁ ଚିକିତ୍ସା କରିଥିଲେ।




# ଜୟ ନାରାୟଣ ମହାନ୍ତି ସ୍ମୃତି ପରିଷଦର ଚତୁର୍ଥ ବୈଠକ



ବାଲିଆପାଳ/ଲଙ୍ଗଳେଶ୍ୱର , ୦୩/୧୧ (ନି.ପ୍ର): ବାଲିଆପାଳ ସ୍ଥିତ ଜୟ ନାରାୟଣ ମହାନ୍ତି ସ୍ମୃତି ପରିଷଦର ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ପାଳନ ପାଇଁ ୪ର୍ଥ ପ୍ରସ୍ତୁତି ବୈଠକ ରବିବାର ଶୁଭମ ଅତିଥି ଭବନରେ ଅନୁଷ୍ଠିତ ହୋଇ ଯାଇଛି।ପରିଷଦ ସଭାପତି ପ୍ରାକ୍ତନ ଅଧକ୍ଷ ହୃଦୟ ରଞ୍ଜନ ତ୍ରିପାଠୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ବ୍ରଜ କିଶୋର ଭୂୟାଁ, ଇଂ ସୁଶାନ୍ତ ଚକ୍ରବର୍ତ୍ତୀ, ପ୍ରଫୁଲ୍ଲ କୁମାର ସାହୁ, ରବି ମହାନ୍ତି, ଅଧ୍ୟାପକ ଡ଼ଃ ସୁକାନ୍ତ ଗିରି, ଅଜୟ କୁମାର ସାହୁ, ଶୁଭେନ୍ଦୁ କୁମାର ଦାସ, ଇଂ ଅଚ୍ୟୁତାନନ୍ଦ ଦାସ, ଇଂ ବିଜୟ କୁମାର ସେଠୀ, ବିଜନ କୁମାର ନାୟକ, ଦେବ କୁମାର ଦେ, କାଳିପଦ ପଣ୍ଡା, ଅରୁଣ କୁମାର ଜେନା,ନବୀନ କୁମାର ପାତ୍ର, ରାଜେନ୍ଦ୍ର କୁମାର ପାତ୍ର, ସଦାଶିବ ସେଠୀ, ସନ୍ୟାସୀ ବେହେରା, ଅଦ୍ୱୈତ ବାଗ, ଅମିତ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ଶ୍ରାଦ୍ଧ ବାର୍ଷିକୀ ସ୍ମୃତି ସଭା, ପ୍ରତିମୂର୍ତ୍ତି ସ୍ଥାପନ, ସ୍ମରଣିକା, ସ୍ମୃତି ଭବନ ନିର୍ମାଣ ଆଦି ସମ୍ପର୍କରେ ଆଲୋଚନା କରିଥିଲେ। ଡ଼ଃ ସୁଶାନ୍ତ କୁମାର ଦାସ ମଞ୍ଚ ଆହ୍ୱାନ ବିବରଣୀ ପ୍ରଦାନ କରିଥିବା ବେଳେ ସ୍ୱର୍ଗତ ମହାନ୍ତି ଙ୍କ ପୁତ୍ର ସତ୍ୟକାମ ମହାନ୍ତି ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରି ଥିଲେ।

# ବରିଷ୍ଠ ନାଗରିକ ଗୋଷ୍ଠୀ ପକ୍ଷରୁ ବାର୍ଷିକ ସମ୍ମିଳନୀ

ବାସୁଦେବପୁର, ୦୩/୧୧ (ନି.ପ୍ର): ବାସୁଦେବପୁର ଅଟଳ ବିହାରୀ ହାଇସ୍କୁଲ ପରିସରରେ ବରିଷ୍ଠ ନାଗରିକ ଗୋଷ୍ଠୀ ପକ୍ଷରୁ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। ଏହି ସଭାରେ ବିଶିଷ୍ଟ ଶିକ୍ଷାବିତ୍ ଦୁଃଶାସନ ରାଉତ ସଭାପତିତ୍ୱ କରିଥିଲେ । ଭଦ୍ରକ ତ୍ୟାଗଭୂମିର ସଭାପତି ଅଜୟ ନାୟକ,ପଦ୍ମନ ରାୟ, ବାସୁଦେବପୁର ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା, ବରିଷ୍ଠ ନାଗରିକ ଗୋଷ୍ଠୀର ସମ୍ପାଦକ କୈଳାସ ମହାପାତ୍ର, ଭଦ୍ରକ ଜିଲ୍ଲା ବରିଷ୍ଠ ନାଗରିକ ଗୋଷ୍ଠୀ ସଭାପତି ଲଲାଟେନ୍ଦୁ ମହାନ୍ତି, ସଂଜିତ୍ ସାହୁ, କବି ରତ୍ନାକର ବାରିକ୍ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଅବସରପ୍ରାପ୍ତ ଲାଇବ୍ରେରି ଆନ ମଧୁସୂଦନ ପଲିତା, କୈଳାସ ଚନ୍ଦ୍ର ମହାନ୍ତି, ଶତ୍ରୁଘ୍ନ ଧନୀ, ପ୍ରଭାକର ତ୍ରିପାଠୀ ଓ ଅଭିରାମ ସାମଲ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅବସରପ୍ରାପ୍ତ ପ୍ରାଧ୍ୟାପକ ବନମାଳି କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବରେ ବିଶିଷ୍ଟ କବି ଓ ଅନୁବାଦକ ଅଭିମନ୍ୟୁ ବେହେରା, ଶିଳ୍ପପତି ତଥା କୋଣାର୍କ ବରଫ କାରଖାନାର ନିର୍ଦ୍ଦେଶକ ମହେଶ ଦାସ,ବିଶିଷ୍ଟ ରାଜନୀତିଜ୍ଞ ନିର୍ମଳ ବେହେରା, ବରିଷ୍ଠ ସାମ୍ବାଦିକ କିଶୋର କୁମାର ମହାପାତ୍ର, ଡକ୍ଟର ସୁରେନ୍ଦ୍ର ପ୍ରସାଦ ମହାନ୍ତି, ଅବସରପ୍ରାପ୍ତ ଶିକ୍ଷକ ଭଗବାନ ମିଶ୍ର, ବଳରାମ ଜେନା, ନିତ୍ୟାନନ୍ଦ ବେହେରା ଓ ବହୁ ଅବସରପ୍ରାପ୍ତ କର୍ମଚାରୀ ଯୋଗ ଦେଇଥିଲେ ।

# ଅନ୍ତରୀକ୍ଷ ଚାରିଟେବୁଲ ଟ୍ରଷ୍ଟର ଷଷ୍ଠ ତମ ଶାରଦୀୟ ଉତ୍ସବରେ କବି ଆନନ୍ଦ କୁମାର ମାଇତିଙ୍କ 'ଏବଂ ଏଇଠି' ଉନ୍ମୋଚିତ

ଯାଜପୁର, ୦୩/୧୧ (ନି.ପ୍ର): ଯାଜପୁର ସ୍ଥିତ ବନ୍ଦେଶ୍ୱର ନଙ୍ଗୁଳି ମଠ ଠାରେ ଅନ୍ତରୀକ୍ଷ ଚାରିଟେବୁଲ ଟ୍ରଷ୍ଟ ର ଷଷ୍ଠତମ ଶାରଦୀୟ ଉତ୍ସବ ଶତାଧିକ କବି ସାହିତ୍ୟିକଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଅଛି। ଏହି ଉତ୍ସବରେ ଟ୍ରଷ୍ଟର ସ୍ଥାୟୀ ସଭାପତି ଆନନ୍ଦ କୁମାର ମାଇତି ଙ୍କ ସଭାପତିତ୍ୱରେ ଏକ ସଭାର ମଧ ଆୟୋଜନ କରାଯାଇଥିଲା। ଏହି ସଭାକୁ ମଠ ଅଧକ୍ଷ ପର୍ଶୁରାମ ଦାସ ପ୍ରଦୀପ ପ୍ରଜ୍ୱୋଳନ କରି ଉଦ୍ଘାଟନ କରିଥିଲେ। ସଭାରେ ବୈଜୟନ୍ତୀ ମାଳା ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବ୍ୟଙ୍ଗ କବି ଅବଗିଆ ମଲ୍ଲିକ ମୁଖ୍ୟ ବକ୍ତା , ଗୀତାଞ୍ଜଳି ମହାପାତ୍ର ସମ୍ମାନିତ ଅତିଥି , ସତ୍ୟବ୍ରତ ପୁହାଣ ବରେଣ୍ୟ ଅତିଥି , ଅଜୟ କୁମାର ମହାନ୍ତି ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିବା ବେଳେ , ଗଗନ ମିଶ୍ର ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଅନ୍ତରୀକ୍ଷ ର ମ୍ୟାନେଜିଂ ଟ୍ରଷ୍ଟି ଓ ତ୍ରୟମାସିକ ସାହିତ୍ୟ ପତ୍ରିକା ଅନ୍ତରୀକ୍ଷ ସମ୍ପାଦିକା ସ୍ୱାଗତ ଭାଷଣ ଦେଇଥିବା ବେଳେ ସାହିତ୍ୟ ଓ ସମାଜ କୁ ନେଇ ଅତିଥି ମାନେ ବହୁ ମୂଲ୍ୟବାନ ବକ୍ତବ୍ୟ ରଖିଥିଲେ । ବ୍ରଜେଶ୍ୱରି ସିଂ ଙ୍କ ପୌରହିତ୍ୟରେ ଅନୁଷ୍ଠିତ କବିତା ପାଠ ଉତ୍ସବରେ ଶତାଧିକ କବି କବିତା ଆବୃତ୍ତି କରିଥିଲେ। ଇତିଶ୍ରୀ ଚାଟାର୍ଜୀ , ବିଜୟାଲକ୍ଷ୍ମୀ ମହାପାତ୍ର , କୁମାର ସୁବ୍ରତ ଦାସ ସଂଯୋଜନା କରୁଥିବା ବେଳେ ଅଭୋକେଟ ମନୋଜ କୁମାର ନାଥ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ , କୁନି ନୃତ୍ୟ ଶିଳ୍ପୀ ରୋସ୍ମି ମଲ୍ଲିକ ଓ ରୋଜାଲିନ ମଲ୍ଲିକ ନୃତ୍ୟ ପରିବେଷଣ କରିଥିଲେ , ଏହି ସାଂସ୍କୃତିକ କାର୍ଯ୍ୟକ୍ରମ କୁ ଅଭୋକେଟ୍ ନୀଳମାଧବ ସାମଲ ସଂଯୋଜନା କରିଥିଲେ। ଉତ୍ସବରେ ଅନ୍ତରୀକ୍ଷ ଶାରଦୀୟ ସଂଖ୍ୟା ଉନ୍ମୋଚନ ହେବା ସହିତ କବି ଗାଳ୍ପିକ ଆନନ୍ଦ କୁମାର ମାଇତି ଙ୍କ କବିତା ବହି ଏବଂ ଏଇଠି ଉନ୍ମୋଚନ ହୋଇଥିଲା। ଉତ୍ସବରେ ମହାନ୍ ପ୍ରତିଭା ଧାରି ସ୍ୱପ୍ନାଂଶୁ ଦାସ, ନାରାୟଣ ପତି , ଭରତ ସାହୁ , ବାପିନା ମଲ୍ଲ, ସୁଧାଂଶୁ ଲେଙ୍କା , ଶାନ୍ତୋଶିନି ଦାସ ଗିରି , ନିରୁପମା ସାହୁ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଧନ୍ୟବାଦ୍ ଅର୍ପଣ କରିଥିଲେ ନିରୁପମା ପଣ୍ଡା।




# ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

ନୀଳଗିରି , ୦୩/୧୧ (ନି.ପ୍ର): ବରହମପୁର ଅଧିନସ୍ଥ ଧରମପୁର ଗ୍ରାମର ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରାଣବନ୍ଧୁ ବାରିକଙ୍କ ୭୮ବର୍ଷ ବୟସରେ ପରଲୋକ ହୋଇଛି । ଶାରିରୀକ ଅସୁସ୍ଥତା ନେଇ କଟକ ବଡ଼ମେଡ଼ି କାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ ହୋଇଥିଲା । ପ୍ରଥମେ ଶ୍ରୀଯୁକ୍ତ ବାରିକ ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଅଧୀନରେ ଶିକ୍ଷକତା ଆରମ୍ଭ କରିଥିବା ବେଳେ ପରବର୍ତ୍ତୀ ସମୟରେ ତାଙ୍କର ନିଜଗ୍ରାମ ଧରମପୁର ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ରୂପେ ବହୁଦିନ ଧରି ଶିକ୍ଷକତା କରିବା ପରେ ଶେଷରେ ଭୋଗଦିଆ ପ୍ରାଥମିକ ବିଦ୍ୟାଳୟରୁ ୨୦୨୨ ମସିହାରେ ଅବସର ଗ୍ରହଣ କରିଥିଲେ। ତାଙ୍କର ମୃତ୍ୟୁଖବର ପାଇ ତାଙ୍କଠାରୁ ପଢିଥିବା ବହୁ ଛାତ୍ରଛାତ୍ରୀ ତାଙ୍କର ଶେଷଦର୍ଶନ କରିଥିଲେ। ବଡ଼ପୁଅ ମାନସ ମୁଖଗ୍ନୀ ଦେଇଥିବା ବେଳେ ଗ୍ରାମ ଶ୍ମଶାନରେ ତାଙ୍କ ପ୍ରାର୍ଥିବ ଶରୀରକୁ ସତ୍କାର କରାଯାଇଥିଲା।

# କାଳୀମାତା ଯୁବକ ସଂଘ ପକ୍ଷରୁ ରକ୍ତଦାନ ଶିବିର ଓ ବୃକ୍ଷ ରୋପଣ

ବସ୍ତା, ୦୩/୧୧ (ନି.ପ୍ର): ବସ୍ତା ବ୍ଲକ ରଘୁନାଥପୁର ପଞ୍ଚାୟତ ଗିଲାଯୋଡି କାଳୀପୂଜା କମିଟି ପକ୍ଷରୁ ରବିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ନିକଟସ୍ଥ କାଳୀ ପୂଜା ମଣ୍ଡପ ପରିସରେ ଅନୁଷ୍ଠିତ ହୋଇଯାଇଛି । କମିଟିର ସଭାପତି ଅରୁଣ କୁମାର ସାହୁ ଓ ସମ୍ପାଦକ ସୁଶାନ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ କୁମାର ଚକ୍ରବର୍ତ୍ତୀ , ବିଶିଷ୍ଟ ଅତିଥି ସମାଜସେବୀ ତଥା ଯୁବ ସଂଗଠକ ଶ୍ରୀଯୁକ୍ତ ସୁମନ୍ତ କୁମାର ଜେନା ଯୋଗଦେଇ ରକ୍ତଦାତା ଯୁବକ ଯୁବତୀ ମାନଙ୍କୁ ଉତ୍ସାହିତ କରି ବା ସହିତ ଓଡିଶାରେ ରକ୍ତ ସଂଙ୍କଟକୁ କିଛି ମାତ୍ରାରେ ଉପସମ କରିହେବ ବୋଲି ଆହ୍ୱାନ ଦେଇଥିଲେ। ମୋଟ ଶିବିରରୁ ୩୬ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା।ଉପସଭାପତି ସୂର୍ଯ୍ୟ କୁମାର ସାହୁ, ସହସମ୍ପାଦକ ସୁଶାନ୍ତ କୁମାର ସାହୁ(କ), କୋଷାଧକ୍ଷ ପ୍ରଦୀପ କୁମାର ସାହୁ, ସଦାଶିବ ସାହୁ, ସୁଶାନ୍ତ କୁମାର ସାହୁ, ଦୀପକ କୁମାର ସାହୁ, ପ୍ରବୀର କୁମାର ଘୋଷ, ସୁରେଶ କୁମାର ସାହୁ, ଖଗେନ୍ଦ୍ର ରାଉତ, ପ୍ରାଣକୃଷ୍ଣ ସାହୁ, ହରିଶ୍ଚନ୍ଦ୍ର ସାହୁ, ସଞ୍ଜୟ କୁମାର ସାହୁ, ବଳରାମ ସାହୁ, ଧନଞ୍ଜୟ ଷଣ୍ଢ, ସଞ୍ଜୟ ଷଣ୍ଢ, ବିଜୟ କୁମାର ସାହୁ, ଅସିତ ସାହୁ, ସଞ୍ଜୟ ସାହୁ,ଚିନ୍ମୟ ରଣା, ଦ୍ୱେ ବ୍ରତ ସାହୁ, ରାଜୀବ ସାହୁ, ରଞ୍ଜିତ ସାହୁ, ଅଞ୍ଜନ ସାହୁ, ରବୀନ୍ଦ୍ର ସାହୁ, କାଳିଚରଣ ସାହୁ, ତପନ ସାହୁ, ପ୍ରମୋଦ ସାହୁ, ଜିତୁ ନାୟକ, କିଶାନ ସାହୁ, କାଶୀନାଥ ସାହୁ ଶିବିରକୁ ପରିଚାଳନା କରିଥିଲେ। ସୁରେନ୍ଦ୍ର ନାଥ ଜେନା ସ୍ମୃତି କମିଟି ର ସମ୍ପାଦୀକା ସୁଲୋଚନା ଜେନା ପ୍ରତ୍ୟେକ ରକ୍ତଦାତାଙ୍କୁ ବିଭିନ୍ନ କିସମର ଔଷଧିୟ ୫୦ରୁ ଉର୍ଦ୍ଧ ଚାରା ରୋପଣ ପାଇଁ ପଠାଇ ଥିଲେ। ଶେଷରେ ଯୁବକସଂଘର ସଦସ୍ୟ ମାନଙ୍କ ଦ୍ୱାରା ସ୍ଥାନୀୟ ପଡିଆରେ ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା ।



# ଜଳଙ୍ଗ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଶୁଭମଙ୍କୁ ସମ୍ବର୍ଦ୍ଧନା

ଖଇରା, ୦୩/୧୧ (ନି.ପ୍ର): ଓଡିଶା ପ୍ରଶାସନିକ ସେବାରେ ୬୯ରାଙ୍କ ରଖୀ ସଫଳତା ଲାଭ କରିଥିବା ମାଣିତ୍ରୀ ପଞ୍ଚାୟତ ସାଲୋ ଗ୍ରାମର ଶୁଭମ ଦାସଙ୍କୁ ସମ୍ବର୍ଦ୍ଧନାର ପର୍ବ ଜାରି ରହିଛି ।ଶନିବାର ଦିନ ଗାଁ ମାଟି ଭାବେ ଜଳଙ୍ଗ ଚଣ୍ଡି ଟ୍ରଷ୍ଟ ଓ ଜଳଙ୍ଗ ଉଚ୍ଚ ବିଦ୍ୟାଳୟ ତରଫରୁ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ସମ୍ବର୍ଦ୍ଧନା ସଭାରେ ଟ୍ରଷ୍ଟ ବୋର୍ଡର ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ ଙ୍କ ପୌରହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସମସ୍ତ ସଭ୍ୟ ଉପସ୍ଥିତ ରହି ଶୁଭମଙ୍କ ପାଇଁ ଖଇରାମାଟି ଗର୍ବିତ ବୋଲି କହିଥିଲେ। ପରେ ତାଙ୍କୁ ମାନପତ୍ର ଓ ଚେକ ପ୍ରଦାନ କରାଯାଇଥିଲା। ସେହିଭଳି ଜଳଙ୍ଗ ହାଇସ୍କୁଲରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବିଇଓ ଗଦାଧର ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଶୁଭମଙ୍କୁ ଉତ୍ତରୀୟ ପ୍ରଦାନ କରିଥିଲେ। ଶୁଭମ ଖଇରା ବ୍ଲକ କଂଗ୍ରେସ ସଭାପତି ତଥା ପୁରୁଖା ରାଜନେତା ଶରତ ଦାସଙ୍କ କନିଷ୍ଠପୁତ୍ର ।



# ଆଜିଠୁ ମାଟ୍ରିକ ଫର୍ମ ଫିଲଅପ୍

ଭୁବନେଶ୍ୱର, ୦୩/୧୧ (ନି.ପ୍ର): ଆଜିଠୁ ମାଟ୍ରିକ ଫର୍ମ ଫିଲଅପ୍ ।ଆଜିଠୁ ମାଟ୍ରିକ ରେଗୁଲାର ଓ ଏକ୍ସରେଗୁଲାର ପରୀକ୍ଷାର୍ଥୀଙ୍କ ଫର୍ମ ପୂରଣ ଅନଲାଇନରେ ହେବ । ଆସନ୍ତା ୧୮ ତାରିଖ ଯାଏ ଏହି ପ୍ରକ୍ରିୟା ଚାଲିବ। ବିଦ୍ୟାଳୟରେ ପଢୁଥିବା ରେଗୁଲାର୍ ଓ ଏକ୍ସ ରେଗୁଲାର ଛାତ୍ରଛାତ୍ରୀଙ୍କ ଫର୍ମ ପୂରଣ ଅନଲାଇନ ମାଧ୍ୟମରେ ହେବ। ସେହିଭଳି କରେସପଣ୍ଡେଣ୍ଟ ରେଗୁଲାର୍ ଓ କରେସପଣ୍ଡେଣ୍ଟ ଏକ୍ସ ରେଗୁଲାର ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ବୋର୍ଡର ଆଂଚଳିକ କାର୍ଯ୍ୟାଳୟର ଉପସମ୍ପାଦକଙ୍କ ଦ୍ୱାରା ଅଫଲାଇନରେ କରାଯିବ ବୋଲି ବୋର୍ଡ ପକ୍ଷରୁ ସୂଚନା ଜାରି କରାଯାଇଛି । ଫର୍ମ ଫିଲଅପ ପ୍ରକ୍ରିୟା ଆସନ୍ତା ୧୮ ତାରିଖ ରାତି ୧୧ଟା ୪୫ର ପର୍ଯ୍ୟନ୍ତ ରହିଛି ।

# ସରକାର ବନ୍ଦ କରିଦେଲେ ବିଦ୍ୟାଳୟ: ପାଠପଢ଼ାରେ ଡ଼ୋରି ବାନ୍ଧିଦେବାକୁ ବାଧ୍ୟ ହେଲେ 'ମାୟା'

ଉଦଳା , ୦୩/୧୧ (ନି.ପ୍ର): କପ୍ତିପଦା ବ୍ଲକର ମାଙ୍କଡ଼ପଡ଼ା ପଂଚାୟତ ଅନ୍ତର୍ଗତ ମାଙ୍କଡ଼ପଡ଼ା ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ବରଜୁ ସୋରେନଙ୍କ କନ୍ୟା 'ମାୟା' ଆଜକୁ ୪ ବର୍ଷ ହେବ ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେଇଥିବାର ଜଣାଯାଇଛି । ଖବର ନେବାରୁ ଜଣାଯାଇଛି 'ମାୟା' ବାରଖଣ୍ଡା ପ୍ରାଥମିକ ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀରେ ପଢୁଥିଲେ । ସରକାର ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ପିଲା ସଂଖ୍ୟା ନାହାଁନ୍ତି ଦର୍ଶାଇ ଏହାକୁ ବନ୍ଦ କରିଦେଲେ । ଫଳରେ ବାଧ ହୋଇ 'ମାୟା' ପାଠ ପଢ଼ାରେ ଡ଼ୋରି ବାନ୍ଧିଦେଲେ । 'ମାୟା'ଙ୍କୁ ବର୍ତ୍ତମାନ ବୟସ ୧୧ ବର୍ଷ ଛୁଇଁଲା । ସେହିପରି 'ମାୟା'ଙ୍କର ଆଧାର କାର୍ଡ଼ ନାହିଁ । ଫଳରେ ପରିବାରକୁ ମିଳୁଥିବା ମୁଣ୍ଡପିଛା ୫କିଗ୍ରା ଚାଉଳ ପାଇବାରୁ 'ମାୟା' ବଂଚିତ ଅଛନ୍ତି । ଆଧାର କାର୍ଡ଼ ପାଇଁ 'ମାୟା' ୩ ଥର ଫଟୋ ଉଠାଇଥିଲେ ମଧ ଏ ପର୍ଯ୍ୟନ୍ତ ଆଧାର କାର୍ଡ଼ ମିଳିନଥିବାର କଥା ପିତା ବରଜୁ ଜଣାଇଛନ୍ତି । ଏ ବାବଦରେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ବାରମ୍ବାର ହୋଇ ମଧ କୌଣସି ସୁଫଳ ମିଳିନଥିବାର କଥା ପରିବାରର ଲୋକେ ଅଭିଯୋଗ କରିଛନ୍ତି । ପ୍ରଥମରୁ ଚଉଦ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓବାଧତାମୂଳକ ଶିକ୍ଷା ସରକାର ଘୋଷଣା କରିଛନ୍ତି । ଅଥଚ 'ମାୟା' ଙ୍କ ପରି ବିଭିନ୍ନ କାରଣରୁ ବହୁ ସଂଖ୍ୟାରେ ପିଲା ବର୍ତ୍ତମାନ ମଧ ବିଦ୍ୟାଳୟ ବାହାରେ ଅଛନ୍ତି । ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଏଠାରେ ସମନ୍ୱିତ ଆଦିବାସି ଉନ୍ନୟନ ସଂସ୍ଥା କାର୍ଯ୍ୟ କରୁଥିଲେ ମଧ କେବଳ ବାଛି ବାଛି କରି କପ୍ତିପଦା ଉପଖଣ୍ଡ ମଧରେ ଶତାଧିକ ଆଦିବାସୀ ପିଲା ଅଧାରୁ ପାଠପଢ଼ା ଛାଡୁଥିବା ବେଳେ ବହୁସଂଖ୍ୟାରେ ପିଲା ଆଦୌ ବିଦ୍ୟାଳୟର ମାଟି ମାଡ଼ିନଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । ସେଥିପାଇଁ ସମନ୍ୱିତ ଆଦିବାସୀ ଉନୟନ ସଂସ୍ଥା, କପ୍ତିପଦା, ଉଦଳା ଉପରେ ଦିନକୁ ଦିନ ଜନଅସନ୍ତୋଷ ବଢ଼ିବାରେ ଲାଗିଛି । ରାଜ୍ୟ ସରକାର ଏବାବଦରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ମୟୂରଭଞ୍ଜରେ କାର୍ଯ୍ୟରତ ଏକ ଲୋକ ସଂଗଠନ ତରଫରୁ ଦାବି ହୋଇଛି ।



# ଆଜି ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

ଭୁବନେଶ୍ୱର, ୦୩/୧୧ (ନି.ପ୍ର): ଆସନ୍ତାକାଲି ନଭେମ୍ବର ୪ ତାରିଖ(ସୋମବାର ) ଏବଂ ଆଗାମୀ ନଭେମ୍ବର ୧୧ ତାରିଖ (ସୋମବାର) ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ଏହି ଦିନମାନଙ୍କରେ ୟୁନିଟ-୫,ଭୁବନେଶ୍ୱରସ୍ଥିତ ଅଭିଯୋଗ ପ୍ରକୋଷ୍ଠ ଠାରେ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ ।ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ସୂଚନା ଦିଆଯାଇଛି ।

# ଏମ୍‌ସିଏମ୍‌ରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ




ବାରିପଦା, ୦୩/୧୧ (ନି.ପ୍ର): ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟେନ୍ସି ଆଣ୍ଡ ମ୍ୟାନେଜମେଣ୍ଟ ରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ କାର୍ଯ୍ୟକ୍ରମ ମହାବିଦ୍ୟାଳୟ ର ଅଧକ୍ଷ ପ୍ରଦୀପ କୁମାର ନାୟକ ଙ୍କ ସଭାପତିତ୍ୱ ରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ରେ ଶ୍ରୀ ନାୟକ ବର୍ତ୍ତମାନ ସମୟରେ ସମାଜରେ ଚାଲିଥିବା ଦୁର୍ନୀତିଗୁଡ଼ିକର ନିବାରଣ ନିମନ୍ତେ ବିଭିନ୍ନ ପଦକ୍ଷେପ ନେଇ କାର୍ଯ୍ୟ କରିବାକୁ ଛାତ୍ର ଛାତ୍ରୀ ଓ ସ୍ୱେଚ୍ଛାସେବୀ ମାନଙ୍କୁ ଉପଦେଶ ଦେଇଥିଲେ। ମହାବିଦ୍ୟାଳୟ ର ଅଧାପକ ଡ଼. ଠାକୁରା ଚରଣ ମାର୍ଣ୍ଡୀ , ଶ୍ରୀରାମ ଟୁଡୁ, ସତ୍ୟନାରାୟଣ ଦାସ, ଅଭିଜିତ ପଟ୍ଟନାୟକ, ରଞ୍ଜିତ ମାରାଣ୍ଡି, ଅଧାପିକା ମୀରା ସେନାପତି,କବିତା ସାହୁ, ତୃପ୍ତି ଦାସ, ପ୍ରତିଭା ସାହୁ, ଲକ୍ଷ୍ମୀ ଚାପେରିୟା ଅଙ୍କିତା ସିଂ, ସସ୍ମିତା ସି, ଦୀପ୍ତିଶ୍ରୀ ବେହେରା, ପୂଜା ଶତପଥି, ସୁଶ୍ରୀ ନାୟକ, ସଂଯୁକ୍ତା ମହାନ୍ତ, ସୁଜାତା ପାଲ ପ୍ରମୁଖ ଯୋଗଦେଇ ଦୁର୍ନୀତି ନିବାରଣ ପାଇଁ ଲୋକ ମାନଙ୍କ ମଧରେ ସଚେତନତା ସୃଷ୍ଟି କରିବା ଆଜିର ସମାଜ ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ ବୋଲି ନିଜ ନିଜ ବକ୍ତବ୍ୟ ରେ କହିଥିଲେ। ଏବଂ ଉତ୍ତମ ଶିକ୍ଷିତ ସମାଜ ଗଠନ ନିମନ୍ତେ ଛାତ୍ର ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ।ଦୁର୍ନୀତି ନିବାରଣ ପାଇଁ ସଚେତନ ହେବା ନିମନ୍ତେ ସମସ୍ତ ଛାତ୍ର ଛାତ୍ରୀ ଏବଂ ଅଧାପିକା, ଓ ଅଧାପକ ମାନେ ସମବେତ ଭାବେ ଶପଥ ପାଠ କରିଥିଲେ। ଶେଷରେ ଅଧାପକ ମଦନ ମୋହନ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଶାଳଗାଁରେ ଦୁର୍ନୀତି ନିରାକରଣ ସଚେତନତା

ବଡ଼ସାହି , ୦୩/୧୧ (ନି.ପ୍ର): ବଡ଼ସାହି ବ୍ଲକ ଅନ୍ତର୍ଗତ ଶାଳଗାଁ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ରେ ନେହେରୁ ଯୁବକେନ୍ଦ୍ର ଓ ଫୋର୍ଡ ନାଖରା ମିଳିତ ଆନୁକୂଲ୍ୟରେ ଦୁର୍ନୀତି ନିରାକରଣ ସପ୍ତାହ ଶେଷ ଦିବସରେ ପାଳନ କରାଯାଇଥିଲା ।ଫୋର୍ଡ ର ସନ୍ତୋଷ କୁମାର ଖଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସନ୍ତୋଷ କୁମାର ବେହେରା ପ୍ରଧାନଶିକ୍ଷକ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ସୁବାଶ ଚନ୍ଦ୍ର ମହାପାତ୍ର ଅଧାପକ ବୈଶିଙ୍ଗା ମହାବିଦ୍ୟାଳୟ , ମୁଖ୍ୟ ବକ୍ତା ଡ଼ଃ ରମାକାନ୍ତ ମହାନ୍ତ ଜିଲ୍ଲା ଇକୋକ୍ଲବ ସଂଯୋଜକ ,ସମ୍ମାନୀୟ ଅତିଥି ଭାବେ ପ୍ରଫୁଲ୍ଲ କୁମାର ମହାଳିକ ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ, ବିଶ୍ୱମ୍ଭର ବେହେରା ପଞ୍ଚାୟତ ସମିତି ସଭ୍ୟ ଓ କାଳୀଚରଣ ସିଂ ପୂର୍ବତନ ସରପଞ୍ଚ ଯୋଗ ଦେଇଥିଲେ। ସ୍ୱାମୀ ବିବେକାନନ୍ଦ ଙ୍କ ଫୋଟ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରି ଅତିଥି ବୃନ୍ଦ ଉଦଘାଟନ କରିଥିଲେ। ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସଚେତନତା ଏବଂ ଆଇନର ଶାସନକୁ ସମ୍ମାନଦେବା ସହିତ ଦୁର୍ନୀତି ସମ୍ପର୍କରେ ଉପଯୁକ୍ତ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବା ବିଷୟରେ ଆଲୋଚନା କରି ଦୁର୍ନୀତି କୁ କିପରି ବିଲୋପ କରାଯିବ ଅତିଥି ବୃନ୍ଦ ମତ ପ୍ରକାଶ କରିଥିଲେ । ଅତିଥି ବୃନ୍ଦ ଓ ଅଂଶଗ୍ରହଣକରୀଙ୍କ ମଧରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇଥିଲା। ଦୁର୍ନୀତିକୁ ବିରୋଧ କରିବା ପାଇଁ ଶପଥ ପାଠ ଗ୍ରହଣ କରିଥିଲେ ବିଦ୍ୟାଳୟ ସମ୍ମୁଖରେ ରାସ୍ତା ପାର୍ଶ୍ୱରେ ଅତିଥିଙ୍କ ଦ୍ୱାରା ବୃକ୍ଷ ରୋପଣ କରାଯାଇଥିଲା । କାର୍ଯ୍ୟକ୍ରମର ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନର ସଭ୍ୟ ସଭ୍ୟା, ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟା , ଯୁବ ସମାଜ , ଓ ଛାତ୍ରମାନେ ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଲିୟନ କୁମାର ଖଣ୍ଡା, ହାମାୟ ମାରାଣ୍ଡି , ସୁନା ବେଶ୍ରା , ରାଜ କିଶୋର ସିଂ, ଜ୍ୟୋତି ଶ୍ରୀ ମହାଳିକ ଓ ଅନ୍ୟମାନେ ଯୋଗ ଦେଇଥିଲେ। ସର୍ବଶେଷ ରେ କବିତା ଘଡେଇ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।




❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Managing & Executive Editor : Srustidhar Parida
❒ Editor: Sairindhree Sahoo